RNI No.ODIODI/2010/33031
୧୬ ବର୍ଷ Volume- 16
ISSUE -290 ସଂଖ୍ୟା-୨୯୦
ଭୁବନେଶ୍ୱର, ବୁଧବାର ୦୪ ଫେବୃଆରୀ ୨୦୨୬
Bhubaneswar, Wednesday 04 February, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




# ମା ବିରଜାଙ୍କୁ ଦର୍ଶନ କଲେ ଦ୍ରୌପଦୀ ମୁର୍ମୁ

ଯାଜପୁର,୩୧୨(ନି.ପ୍ର.): ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଯାଜପୁର ବିରଜା ମନ୍ଦିର ଗସ୍ତରେ ଆସିଛନ୍ତି। ସମଗ୍ର ଜିଲ୍ଲାବାସୀ ମହାମହିମ ରାଷ୍ଟ୍ରପତିଙ୍କୁ ଗସ୍ତକୁ ନେଇ ଉତ୍ସାହିତ ଥିଲେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଏହା ପ୍ରଥମ ଯାଜପୁର ଗସ୍ତ ଥିଲା। ଯାଜପୁରବାସୀ ଏହି ଐତିହାସିକ ମୁହୂର୍ତ୍ତର ସାକ୍ଷୀ ହୋଇଥିଲେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ୯.୩୦ ମିନିଟ ସମୟରେ ଯାଜପୁରର ପ୍ରଶାସନିକ ଭବନ ପଡ଼ିଆରେ ହେଲିପ୍ୟାଡରେ ଅବତରଣ କରିଥିଲେ।

ସେଠାରେ ମହାମହିମ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତି, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଭାବେ ମାନ୍ୟବର ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ମାନ୍ୟବର ସମବାୟ ହସ୍ତତନ୍ତ, ବୟନ ଶିଳ୍ପ,ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମାନ୍ୟବର ଯାଜପୁର ସାଂସଦ ଡା.ରବୀନ୍ଦ୍ର ନାରାୟଣ ବେହେରା, ଯାଜପୁର ଜିଲ୍ଲାର ସମସ୍ତ ନିର୍ବାଚନମଣ୍ଡଳୀର ମାନ୍ୟବର ବିଧାୟକ ଓ ବିଧାୟିକା ବୃନ୍ଦ, ଜିଲ୍ଲାପରିଷଦ ଅଧକ୍ଷା, ଡି.ଆଇ.ଜି ପୋଲିସ ଚରଣ ସିଂ ମୀନା, ଅତିରିକ୍ତ ମହାନିର୍ଦ୍ଦେଶକ ପୋଲିସ ରେଳବାଇ ଓ ଉପକୂଳ ସୁରକ୍ଷା ଅରୁଣ ବୋଥ୍ରା, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାର, ଜିଲ୍ଲାପାଳ ଅମ୍ବର କୁମାର କର, ଆରକ୍ଷୀ ଅଧିକ୍ଷକ ଯଶ ପ୍ରତାପ ଶ୍ରୀମାଲଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ମହାମହିମ




ରାଷ୍ଟ୍ରପତିଙ୍କୁ ଯାଜପୁର ମାଟିକୁ ଭବ୍ୟ ସ୍ୱାଗତ କରିଥିଲେ।

ରାଷ୍ଟ୍ରପତିଙ୍କ ଏହି ଗସ୍ତକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ସହ ସମସ୍ତ ପ୍ରକାର ଆନୁଷଙ୍ଗିକ ଆୟୋଜନ କରାଯାଇଥିଲା। ହେଲିପ୍ୟାଡରୁ ରାଷ୍ଟ୍ରପତି ସ୍ୱତନ୍ତ୍ର ସୁରକ୍ଷା ବଳୟ ମଧ୍ୟରେ ମା' ବିରଜାଙ୍କ ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ବିରଜା ମନ୍ଦିରରେ ପହଞ୍ଚି ହସ୍ତପଦ ପ୍ରକ୍ଷାଳନ କରି ମନ୍ଦିର ପ୍ରବେଶ କରିଥିଲେ। ପ୍ରଥମେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ନାଭିଗୟାରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରିଥିଲେ। ପ୍ରାୟ ୧ ଘଣ୍ଟା ଧରି ପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଚାରି ଜଣ ସେବାୟତ ବ୍ରାହ୍ମଣ ନିୟୋଜିତ ଥିଲେ। ପିଣ୍ଡ ଦାନ ସରିବା ପରେ ମହାମହିମ ରାଷ୍ଟ୍ରପତି ମାଆ ବିରଜାଙ୍କ ଦର୍ଶନ କରିଥିଲେ ଏବଂ ଏହା ପରେ ବେଢ଼ା ପରିକ୍ରମା କରି ଗଙ୍ଗେଶ୍ୱର, ମୁକ୍ତେଶ୍ୱର, ସଂହାର ଭୈରବ, ୧୦୮ ଶିବ ଲିଙ୍ଗ ପାର୍ଶ୍ୱ ଦେବା ଦେବୀଙ୍କ ଦର୍ଶନ କରିଥିଲେ ଏବଂ ମୁକ୍ତି ମଣ୍ଡପ ସଭାରେ ଆଶୀର୍ବାଦ ଗ୍ରହଣ କରିଥିଲେ। ରାଷ୍ଟ୍ରପତିଙ୍କ ମନ୍ଦିର ପରିଦର୍ଶନ ସମୟରେ ଚତୁର୍ଦ୍ଦିଗ ବେଦ ମନ୍ତ୍ର ଉଚ୍ଚାରଣ ଓ ହୁଳୁହୁଳି ନାଦରେ ଗୁଞ୍ଜରିତ ହେଉଥିଲା। ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଷ୍ଟ୍ରପତିଙ୍କୁ ବୌଦ୍ଧ ମୂର୍ତ୍ତି ଏବଂ ଟସର ଶାଢ଼ୀ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ଏହା ପରେ ନିମନ୍ତ୍ରିତ ବ୍ରହ୍ମକୁମାରୀମାନେ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିଥିଲେ। ଏହା ପରେ

## ନାଭିଗୟାରେ ପିତୃପୁରୁଷଙ୍କୁ ପିଣ୍ଡଦାନ

ରାଷ୍ଟ୍ରପତିସ୍ୱତନ୍ତ୍ର ସୁରକ୍ଷା ବଳୟ ମଧ୍ୟରେ ପ୍ରଶାସନିକ ଭବନ ହେଲିପ୍ୟାଡକୁ ଯାତ୍ରା କରିଥିଲେ ଏବଂ ଦିନ ୧୧.୪୦ ମିନିଟ ସମୟରେ ବିମାନ ଯୋଗେ ବାଲେଶ୍ୱର ଅଭିମୁଖେ ପ୍ରସ୍ଥାନ କରିଥିଲେ। ଏହି ଗସ୍ତ ଅବସରରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଜନସାଧାରଣ ଉପସ୍ଥିତ ରହି ମହାମହିମ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ସହ ରାସ୍ତାର ଉଭୟ ପାର୍ଶ୍ୱରେ ବିଭିନ୍ନ ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଉପ ଆରକ୍ଷୀ ଅଧିକ୍ଷକ, ଉପଖଣ୍ଡ ପୋଲିସ ଅଧିକାରୀଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀ ପରିଚାଳନା କରିଥିଲେ।

# ଏଫଏମ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି

ବାଲେଶ୍ୱର,୩୧୨(ନି.ପ୍ର.):ଫକୀରମୋହନ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ସାମିଲ ହୋଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଏହି ପରିପେକ୍ଷୀରେ ଅଭିଭାଷଣ ରଖି ରାଷ୍ଟ୍ରପତି ଡିଗ୍ରୀ ହାସଲ କରିଥିବା ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ସେ କହିଛନ୍ତି, 'ଜୀବନ ବିଶ୍ୱବିଦ୍ୟାଳୟ ପରିସୀମା ବ୍ୟାପକ। ସେହିପରି ଝିଅମାନେ ବହୁତ ଭଲ କାମ କରୁଛନ୍ତି, ସବୁ କ୍ଷେତ୍ରରେ ଝିଅଙ୍କ ପ୍ରଭାବ ରହିଛି ଭାରତର ଏକ ସୁଦୀର୍ଘ ଜ୍ଞାନ ଭଣ୍ଡାର ଅଛି, ଆମ ଜ୍ଞାନ ପରମ୍ପରା ଉପରେ ଗବେଷଣା ଜରୁରୀ, ଅତୀତକୁ ଛାତ୍ରଛାତ୍ରୀ ଚିହ୍ନିବା ଆବଶ୍ୟକ।




ସଫଳତାର ଚାବିକାଠି ହେଉଛି ନିଷ୍ଠା, ତେଣୁ ନିଷ୍ଠାର ସହ ଆଗକୁ ବଢିବାକୁ ସେ ପରାମର୍ଶ ଦେଇଛନ୍ତି। ତାଙ୍କର କିଛି ବକ୍ତବ୍ୟ ଅତ୍ୟନ୍ତ ହୃଦୟସ୍ପର୍ଶୀ ଥିଲା ଯଥା' ଏ ମାଟି କେବଳ ରତ୍ନ ଗର୍ଭା ନୁହଁ, ମାଟିର ମା ମାନେ ମଧ ରତ୍ନ ଗର୍ଭା' । ଖାଲି ଫକୀର ମୋହନ ନୁହଁ, ସେ ରାଧାନାଥ ରାୟଙ୍କୁ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କୁ ଓ ପୁଣି କୁନ୍ତଳା କୁମାରୀ ସାବତଙ୍କୁ ମନେ ପକାଇଥିଲେ।

ମୁଖ୍ୟମନ୍ତ୍ରୀଙ୍କ ଶିକ୍ଷା ସମ୍ବନ୍ଧୀୟ ଉଲ୍ଲେଖନୀୟ ଭବିଷ୍ୟତ ଯୋଜନା ଓ ଭିଜନ ସମ୍ପର୍କରେ ଆଲୋଚନା କରି ଶିକ୍ଷାକୁ ସମାଜ ଉନ୍ନତିର ଶକ୍ତିଶାଳୀ ଉପକରଣ ବୋଲି ଉଲ୍ଲେଖ କରି ଛାତ୍ରଛାତ୍ରୀମାନଙ୍କୁ ଆଜୀବନ ଶିକ୍ଷାର୍ଥୀ ହୋଇ ରହିବାକୁ ପରାମର୍ଶ ଦେଇଥିଲେ।ଉପକୁଳପତି ପ୍ରଫେସର୍ ସନ୍ତୋଷ କୁମାର ତ୍ରିପାଠୀ ବିଶ୍ୱବିଦ୍ୟାଳୟର ଉପଲବ୍ଧି ଓ ବିକାଶମୂଳକ କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିଥିଲେ।ସମାବର୍ତ୍ତନରେ ୧,୮୩୧ ଜଣ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ଓ ପଦକ ପ୍ରଦାନ କରାଗଲା। ଗତ ତିନି ବର୍ଷରେ ବିଶ୍ୱବିଦ୍ୟାଳୟ ୧୦୧ଟି ସ୍ୱର୍ଣ୍ଣପଦକ ପ୍ରଦାନ କରିଥିବା ବେଳେ ୮୯ ଜଣ ଗବେଷଣା ପଣ୍ଡିତ ପିଏଚ୍‌ଡି ଡିଗ୍ରୀ ପ୍ରାପ୍ତ କରିଛନ୍ତି।

# ସରକାରୀ ଚାକିରୀ ପାଇଁ କମ୍ପ୍ୟୁଟର ଯୋଗ୍ୟତା ବାଧ୍ୟତାମୂଳକ

ଭୁବନେଶ୍ୱର,୩୧୨(ନି.ପ୍ର.): ରାଜ୍ୟରେ ସରକାରୀ, ଅର୍ଦ୍ଧ-ସରକାରୀ ଓ ପିଏସୟୁ ନିଯୁକ୍ତିରେ କମ୍ପ୍ୟୁଟର ଯୋଗ୍ୟତା ସମ୍ପର୍କିତ ନିୟମକୁ ସଠିକ୍ ଭାବେ ପାଳନ କରିବା ପାଇଁ ରାଜ୍ୟ ସରକାର କଡା ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ବିଭାଗ, ବିଭାଗୀୟ ମୁଖ୍ୟ, ରେଭେନ୍ୟୁ ଡିଭିଜନାଲ୍ କମିଶନର ଓ ଜିଲ୍ଲାପାଳମାନଙ୍କୁ ଏହି ନିୟମ କଡାକଡି ଭାବେ ପାଳନ କରିବାକୁ କୁହାଯାଇଛି। ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ପକ୍ଷରୁ ଗତ ୨୭ ତାରିଖରେ ଜାରି ହୋଇଥିବା ସରକାରୀ ପତ୍ରରେ ଏହା କୁହାଯାଇଛି।

ସରକାରୀ ପତ୍ରରେ ୮ ଫେବୃଆରୀ ୨୦୨୧ ତାରିଖରେ ଜାରି ହୋଇଥିବା ନୋଟିଫିକେସନକୁ ଉଦ୍ଧୃତ କରାଯାଇଛି। ସେହି ନୋଟିଫିକେସନ୍ ଅନୁଯାୟୀ, ଓଡ଼ିଶା ଜ୍ଞାନ କର୍ପୋରେସନ୍ ଲିମିଟେଡ୍ ଦ୍ୱାରା ପରିଚାଳିତ ରାଜ୍ୟସ୍ତରୀୟ କମ୍ପ୍ୟୁଟର ପାଠ୍ୟକ୍ରମ (OS-CIT) କୁ ସରକାରୀ ନିଯୁକ୍ତି ପାଇଁ ମୌଳିକ କମ୍ପ୍ୟୁଟର ଦକ୍ଷତାର ଏକ ମାନ୍ୟତାପ୍ରାପ୍ତ ଓ ଭରସାଯୋଗ୍ୟ ପ୍ରମାଣ ଭାବେ ସ୍ୱୀକୃତି ଦିଆଯାଇଛି। ପତ୍ରରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ, UGC କିମ୍ବା AICTE ସ୍ୱୀକୃତ ସଂସ୍ଥାରୁ ପ୍ରଦତ୍ତ PGDCA ଓ DCA ସାର୍ଟିଫିକେଟ୍, ଏବଂ NIELIT 'O' ଲେଭେଲ୍ ଯେଉଁଠାରେ କମ୍ପ୍ୟୁଟର ଯୋଗ୍ୟତା ନିର୍ଦ୍ଦିଷ୍ଟ ରହିଛି, ସେଠାରେ OS-CIT ପାଠ୍ୟକ୍ରମକୁ ସମତୁଲ୍ୟ ଯୋଗ୍ୟତା ଭାବେ ଗ୍ରହଣ କରାଯିବ।

ଓଡିଶା ନଲେଜ୍ କର୍ପୋରେସନ୍ ଲିମିଟେଡ୍( ଓକେସିଏଲ) ଦ୍ୱାରା ପରିଚାଳିତ ରାଜ୍ୟସ୍ତରୀୟ କମ୍ପ୍ୟୁଟର ପାଠ୍ୟକ୍ରମ (ଓଏସ୍‌ସିଆଇଟି)କୁ ସରକାରୀ ନିଯୁକ୍ତି ପାଇଁ ମୌଳିକ କମ୍ପ୍ୟୁଟର ଦକ୍ଷତାର ଏକ ମାନ୍ୟତାପ୍ରାପ୍ତ ଓ ଭରସାଯୋଗ୍ୟ ପ୍ରମାଣ ଭାବେ ସ୍ୱୀକୃତି ଦିଆଯାଇଛି। ସରକାରଙ୍କ ଏହି ସ୍ପଷ୍ଟିକରଣ ଦ୍ୱାରା ସରକାରୀ ଚାକିରି ଆକାଂକ୍ଷୀମାନଙ୍କ ମଧ୍ୟରେ ଥିବା ଦ୍ୱନ୍ଦ୍ୱ ଦୂର ହେବ ଏବଂ ରାଜ୍ୟସ୍ତରୀୟ କମ୍ପ୍ୟୁଟର ପାଠ୍ୟକ୍ରମ ସମ୍ପୂର୍ଣ୍ଣ କରିଥିବା ପ୍ରାର୍ଥୀମାନେ ନିଯୁକ୍ତି ପ୍ରକ୍ରିୟାରେ ସମାନ ସୁଯୋଗ ପାଇପାରିବେ ବୋଲି ଆଶା କରାଯାଉଛି।

# ଲୋକସଭାରେ ହଙ୍ଗାମା : ପୋଡିୟମ ଉପରକୁ କାଗଜଫିଙ୍ଗା

ନୂଆଦିଲ୍ଲୀ,୩୧୨(ନି.ପ୍ର.): ଲୋକସଭାରେ ଆଜି ମଧ୍ୟ ଜୋରଦାର ହଙ୍ଗାମା ହୋଇଛି । ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଭାଷଣ ବେଳେ ପ୍ରବଳ ହଟ୍ଟଗୋଳ ହୋଇଛି । ବିରୋଧୀ ସଦସ୍ୟମାନେ ବାଚସ୍ପତିଙ୍କ ପୋଡ଼ିୟମ ଉପରକୁ ପେପର ଫିଙ୍ଗିଛନ୍ତି । ସମସ୍ତ ସଦସ୍ୟଙ୍କୁ ଆଗାମୀ ଗୃହକାର୍ଯ୍ୟରୁ ନିଲମ୍ବିତ କରିବାକୁ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ପ୍ରସ୍ତାବ ରଖିଛନ୍ତି । ଏହା ପରେ ବାଚସ୍ପତି ୮ ଜଣ ବିରୋଧୀ ସାଂସଦଙ୍କୁ ନିଲମ୍ବନ କରିଛନ୍ତି । ଲୋକସଭା ଆସନ୍ତାକାଲି ସକାଳ ୧୧ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।



## ୮ ଜଣ ବିରୋଧୀ ସାଂସଦ ନିଲମ୍ବନ
## କହିବାକୁ ସୁଯୋଗ ମିଳୁନି : ରାହୁଲ

ସୋମବାର ରାହୁଲ ଗାନ୍ଧୀଙ୍କ ଭାଷଣକୁ ନେଇ ଗୃହରେ ହଟ୍ଟଗୋଳ ଯୋଗୁଁ ସ୍ଥଗିତ ରହିବା ପରେ ଆଜି ପୁଣି ଥରେ ମଧ୍ୟାହ୍ନରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତିଙ୍କ ଆସନରେ ସାଂସଦ କୃଷ୍ଣା ପ୍ରସାଦ ତିନ୍‌ନେଟୀ ଥିବାବେଳେ ରାହୁଲ ଗାନ୍ଧୀ ପୁଣି ଥରେ ଦେଶର ସୁରକ୍ଷା ପ୍ରସଙ୍ଗ ଉଠାଇଥିଲେ । ଏହା ଚୀନ ଏବଂ ପାକିସ୍ତାନ ସହିତ ରାଷ୍ଟ୍ରୀୟ ସୁରକ୍ଷା ପ୍ରସଙ୍ଗ ଅଟେ । ସଂସଦୀୟ ମନ୍ତ୍ରୀ ରିଜିଜୁ ଆପତ୍ତି ଉଠାଇ କହିଥିଲେ ଯେ ରାହୁଲ ଗୃହକୁ ବାଟବଣା କରିବାକୁ ଚେଷ୍ଟା କରୁଛନ୍ତି । ବାଚସ୍ପତିଙ୍କ ବୈଠକରେ ହୋଇଥିବା ଆଲୋଚନା ସମ୍ପର୍କରେ ସେ କହିଥିଲେ ଯେ ଆମେ ଶୁଣିବାକୁ ଏଠାରେ ଅଛୁ। ତେଣୁ ସେହି ପ୍ରସଙ୍ଗକୁ ବାଦ ଦିଆଯିବା ଉଚିତ। ଏହି ସମୟରେ ଲୋକସଭାରେ ପ୍ରବଳ ହଟ୍ଟଗୋଳ ହୋଇଥିଲା। ହଟ୍ଟଗୋଳ ମଧ୍ୟରେ ଜଣେ ସଦସ୍ୟ ଅଧ୍ୟକ୍ଷଙ୍କୁ ସମ୍ବୋଧିତ କରି କହିଥିଲେ, ୟାର୍ ବା ବନ୍ଧୁ, ଯାହା ଫଳରେ ଅଧ୍ୟକ୍ଷ ତାଙ୍କୁ ଭର୍ତ୍ସନା କରିଥିଲେ, 'ଏହା ସଂସଦ।' ରାହୁଲ ଗାନ୍ଧୀ ପୁଣି ଥରେ ନାରବଣେଙ୍କ ପ୍ରସଙ୍ଗ ଉଠାଇଛନ୍ତି। ସେ ପଚାରିଥିଲେ ଯେ ତାଙ୍କୁ କାହିଁକି କହିବାକୁ ଦିଆଯାଉନାହିଁ । ମୁଁ ବିରୋଧୀ ଦଳର ନେତା, ତେଣୁ କହିବାକୁ ଦିଅ। ସେ ଆହୁରି ମଧ୍ୟ କହିଥିଲେ, 'ଯଦି ଲେଖାଟି ଉପରେ ଆପତ୍ତି ଅଛି, ତେବେ ମୁଁ କହିବି ନାହିଁ।' ରାହୁଲ ଗାନ୍ଧୀ ଚୀନର କଥା ଉଠାଇ କହିଥିଲେ ଯେ ପୂର୍ବ ଲଦାଖରେ ଭାରତୀୟ ସୈନିକଙ୍କୁ ହତ୍ୟା କରାଯାଇଥିଲା। ଏହାରି ମଧ୍ୟରେ ପୋଡିୟମରୁ ଟେନେଟି ନରେଶ ଉତ୍ତମ ପଟେଲଙ୍କୁ କହିବାକୁ ନିର୍ଦ୍ଦେଶ ଦେଇଥିଲେ । ରାହୁଲଙ୍କୁ କହିବାକୁ ରୋକାଯିବାରୁ ସମାଜବାଦୀ ପାର୍ଟି, ତୃଣମୂଳ କଂଗ୍ରେସ ଏବଂ ଅନ୍ୟାନ୍ୟ ବିରୋଧୀ ଦଳର ସାଂସଦମାନେ ନିଜର ଭାଷଣ ରଖିବାକୁ ମନା କରିବା ସହିତ ପ୍ରବଳ ହଟ୍ଟଗୋଳ କରିଥିଲେ । ବିରୋଧୀ ସାଂସଦମାନେ ରାହୁଲ ଗାନ୍ଧୀଙ୍କ ସମର୍ଥନରେ ଗୃହ ମଧ୍ୟ ଭାଗକୁ ଚାଲିଆସିଥିଲେ ଏବଂ ବାଚସ୍ପତିଙ୍କ ପୋଡିୟମ ଆଡ଼କୁ କାଗଜପତ୍ର ମଧ୍ୟ ଫିଙ୍ଗିଥିଲେ । ଫଳରେ ବାଚସ୍ପତି କୃଷ୍ଣ ପ୍ରସାଦ ଟେନେଟି ଗୃହକୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ ।

ପୋଡ଼ିୟମ ଉପରକୁ କାଗଜ ଫିଙ୍ଗିଥିବା ସାଂସଦଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଅପରାହ୍ନ ୩ଟାରେ ଚତୁର୍ଥ ଥର ପାଇଁ ଲୋକସଭା କାର୍ଯ୍ୟ ପୁନର୍ବାର ଆରମ୍ଭ ହେବା ପରେ ବାଚସ୍ପତି କାଗଜ ଫିଙ୍ଗିଥିବା ସଦସ୍ୟଙ୍କ ନାମ ଘୋଷଣା କରିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ ଅଧିବେଶନର ଅବଶିଷ୍ଟ ସମୟ ପାଇଁ କାଗଜ ଫିଙ୍ଗିଥିବା ସଦସ୍ୟମାନଙ୍କୁ ନିଲମ୍ବନ କରିବା ପାଇଁ ଏକ ପ୍ରସ୍ତାବ ଆଗତ କରିଥିଲେ । ପ୍ରସ୍ତାବଟି ବାଚନିକ ଭୋଟ ଦ୍ୱାରା ଗୃହୀତ ହୋଇଥିଲା। ପ୍ରସ୍ତାବ ଗୃହୀତ ହେବା ପରେ ମଧ୍ୟ ବିରୋଧୀ ସଦସ୍ୟମାନେ ଚେୟାର ଉପରକୁ କାଗଜ ଫିଙ୍ଗି ଚାଲିଥିଲେ। ଗୃହରେ ବିଶୃଙ୍ଖଳା ଆଚରଣ ଓ ନାରାବାଜି କରି ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବାରୁ କେନ୍ଦ୍ର ମନ୍ତ୍ରୀ କିରଣ ରିଜିଜୁ ଏହି ସାଂସଦ ମାନଙ୍କୁ ନିଲମ୍ବିତ କରିବାକୁ ଅପିଲ କରିଥିଲେ ଏବଂ ଲୋକସଭା ୪ ଫେବୃଆରୀ ସକାଳ ୧୧ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

# 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ' ଯୋଜନା ଶୁଭାରମ୍ଭ

ଭୁବନେଶ୍ୱର,୩୧୨(ନି.ପ୍ର.): 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ' ଯୋଜନା ଶୁଭାରମ୍ଭ ହୋଇଛି। ଆଜି ଗଞ୍ଜାମ ତାରାତାରିଣୀ ପୀଠରୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହାର ଶୁଭାରମ୍ଭ କରିଛନ୍ତି। ଏହି ସମୟରେ ୨ ଶହ ବର-କନ୍ୟାଙ୍କ ସାମୁହିକ ବିବାହ କରାଯାଇଛି। ସେପଟେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଶୁଭାରମ୍ଭ ପୂର୍ବରୁ ମୁଖ୍ୟମନ୍ତ୍ରୀ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ମହିଳା ମାନଙ୍କୁ ସମ୍ମାନଜନକ ଜୀବନ ପ୍ରଦାନ ଆମ ସରକାରଙ୍କ ପ୍ରମୁଖ ସଂକଳ୍ପ। କନ୍ୟା ବିବାହରେ ଯେପରି କୌଣସି ସମସ୍ୟା ହୋଇରହିବନି, ଏହି ଯୋଜନା ତାହାର ମାଧ୍ୟମ ସାଜିବ। ଆମର ଏହି ପ୍ରୟାସ କେବଳ ଆର୍ଥିକ ସହାୟତା ମଧ୍ୟରେ ସୀମିତ ନୁହେଁ। ବରଂ ଏହା ସମାଜରୁ ଯୌତୁକ ଭଳି କୁପ୍ରଥାର ବିଲୋପ କରିବ। କନ୍ୟାଙ୍କ ପ୍ରତି ସମ୍ମାନଜନକ ଦୃଷ୍ଟିକୋଣ ସୃଷ୍ଟିରେ ବଡ଼ ଭୂମିକା ଗ୍ରହଣ କରିବ। ଝିଅଙ୍କୁ ସମ୍ମାନ ଓ ସ୍ୱାଭିମାନର ସହ ନୂଆ ଜୀବନ ପ୍ରଦାନ ଆମର ଲକ୍ଷ୍ୟ। ବିଶେଷ



କରି ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ଓ ଅନୁସୂଚିତ ଜାତି-ଜନଜାତି ପରିବାରର ପିତାମାତାଙ୍କ ପାଇଁ କନ୍ୟା ବିବାହ ଯେପରି ସମସ୍ୟା ହୋଇ ରହିବ ନାହିଁ, ସେଥିପାଇଁ ଏହି ଯୋଜନା ଆର୍ଥିକ ସହାୟତାର ଏକ ସୁଦୃଢ଼ ମାଧ୍ୟମ ସାଜିବ। ଆମର ଏହି ପ୍ରୟାସ କେବଳ ଆର୍ଥିକ ସହାୟତା ମଧ୍ୟରେ ସୀମିତ ନୁହେଁ, ବରଂ ଏହା ସମାଜରୁ ଯୌତୁକ ଭଳି କୁପ୍ରଥାର ବିଲୋପ ଏବଂ କନ୍ୟା ସନ୍ତାନଙ୍କ ପ୍ରତି ସମାଜରେ ଏକ ସମ୍ମାନଜନକ ଦୃଷ୍ଟିକୋଣ ସୃଷ୍ଟି କରିବାରେ ବଡ଼ ଭୂମିକା ଗ୍ରହଣ କରିବ।

# ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବ ସ୍ତରୀୟ ବୈଠକ

ଭୁବନେଶ୍ୱର,୩୧୨(ନି.ପ୍ର.):ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆଜି ସଚିବସ୍ତରୀୟ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା କରାଯାଇ ସେସବୁର କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଓ ପରାମର୍ଶ ଦିଆଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଂଜନ କୁମାର ସିଂ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କ ସମେତ ଅନ୍ୟ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅନ୍ୟ ସମସ୍ତ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟ ବଜେଟ୍ ଅନୁମୋଦନ ଅନୁସାରେ ଗତ ୨୦୨୬ ଜାନୁଆରୀ ୩୧ ତାରିଖ ସୁଦ୍ଧା ହୋଇଥିବା ଖର୍ଚ୍ଚ ଓ ରାଜସ୍ୱ ଆଦାୟ ସ୍ଥିତି ସମୀକ୍ଷା କରାଯାଇଥିଲା । ବିଭିନ୍ନ କ୍ଷେତ୍ରଓ୍ୱାରୀ ଖର୍ଚ୍ଚ ସମୀକ୍ଷା କରାଯାଇଥିଲା । କୃଷି, ମତ୍ସ୍ୟ ଓ ପ୍ରାଣୀପାଳନ, ସମବାୟ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଶକ୍ତି ଓ ସାମାଜିକ କ୍ଷେତ୍ରରେ ଗତ ବର୍ଷ ଏହି ସମୟ ମଧ୍ୟରେ ହୋଇଥିବା ଖର୍ଚ୍ଚ ତୁଳନାରେ ଚଳିତ ବର୍ଷ ଖର୍ଚ୍ଚ ହାର ଅଧିକ ବୃଦ୍ଧି ପାଇଥିବା ବୈଠକରୁ ଜଣାଯାଇଛି । ଅଧିକ ବ୍ୟୟ ବରାଦ ହୋଇଥିବା ବିଭିନ୍ନ ବିଭାଗ ସହିତ ଅନ୍ୟ ସମସ୍ତ ବିଭାଗର ଖର୍ଚ୍ଚ ସମୀକ୍ଷା ହୋଇଥିଲା । ଚଳିତ ଆର୍ଥିକ ବର୍ଷ ସରିବାକୁ ୨ ମାସ ଥିବାରୁ ଏହା ଭିତରେ କାର୍ଯ୍ୟ ତ୍ୱରାନ୍ୱିତ କରି ଖର୍ଚ୍ଚ ବୃଦ୍ଧି କରିବାକୁ ଏବଂ ରାଜସ୍ୱ ସଂଗ୍ରହ ସହିତ ସଂପୃକ୍ତ ବିଭାଗମାନଙ୍କୁ ଧାର୍ଯ୍ୟ ଅନୁସାରେ ରାଜସ୍ୱ ସଂଗ୍ରହ ଲକ୍ଷ୍ୟ ପୂରଣ କରିବାକୁ ନିର୍ଦ୍ଦେଶ ଏବଂ ପରାମର୍ଶ ଦିଆଯାଇଛି । ଶିଳ୍ପ, କ୍ରୀଡା, ବିଜ୍ଞାନ ଓ କାରିଗରୀ, ହସ୍ତତନ୍ତ ଓ ବୟନଶିଳ୍ପ, ପର୍ଯ୍ୟଟନ, ଇଲୋକଟ୍ରୋନିକ ଓ ଆଇଟି, ଏମଏସଏମଇ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଆଦି ଭଳି ଦ୍ରୁତ ଗତିରେ ବିକାଶ ପାଉଥିବା ଏବଂ ଭବିଷ୍ୟତରେ ଦେଶ ଏବଂ ରାଜ୍ୟର ଅର୍ଥନୈତିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବାକୁ ଥିବା କ୍ଷେତ୍ରକୁ ଉଦୀୟମାନ କ୍ଷେତ୍ର ( ସନ ରାଇଜ୍ ସେକ୍ଟର) ଭାବେ ବିବେଚନା କରାଯାଇ ସେସବୁ କ୍ଷେତ୍ରକୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା ।

## ଡାହୁକ



ଅନ୍ଧ ଭକ୍ତ ଅନ୍ଧ ହୋଇ, ସେମିତିକା ଥିବେ
ଗୋହତ୍ୟା ରୋକିବା ଲୋକ ନେଇ ଚାନ୍ଦା
ଗୋହତ୍ୟା କରାଉଥିବେ
ଶଙ୍କରାଚାର୍ଯ୍ୟଙ୍କୁ ଦେଇ ଅପମାନ
ଶିଷ୍ୟଙ୍କୁ ତାଙ୍କର ମାଡ଼
କାହା ପାଇଁ ହିନ୍ଦୁ ସଂକଟରେ
ଅନ୍ଧ, ଭକ୍ତ ହିଁ ବିଚାର କର।

-ବିଧୁ

# କେନ୍ଦ୍ର ବଜେଟରେ ଓଡିଶା ପାଇଁ ଅନୁଦାନ କ୍ରମାଗତ ଭାବେ ବଢୁଛି

ନୂଆଦିଲ୍ଲୀ,୩୧୨(ପିଆଇବି): କେନ୍ଦ୍ର ବଜେଟରେ ଓଡିଶା ପାଇଁ ଅନୁଦାନ କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଗତକାଲି ସଂସଦରେ ଆଗତ ୨୦୨୬-୨୭ ଆର୍ଥିକ ବର୍ଷର ସାଧାରଣ ବଜେଟରେ ଓଡିଶା ପାଇଁ ଟିକସ ଭାଗ ଆକାରରେ ୬୭,୪୬୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏଥିପୂର୍ବରୁ ୨୦୨୫-୨୬ ଆର୍ଥିକ ବର୍ଷରେ ଓଡିଶାକୁ ଅନୁଦାନ ଆକାରରେ ୪୧,୫୯୨ କୋଟି ଟଙ୍କାର ବଜେଟ୍ ମିଳିଥିଲା। ୨୦୧୪ରୁ ୨୦୨୬ ମଧ୍ୟରେ ରାଜ୍ୟକୁ ଟିକସ ଭାଗ ଆକାରରେ ୪.୪୪ ଲକ୍ଷ କୋଟି ଟଙ୍କା ଏବଂ ଅନୁଦାନ ଆକାରରେ ୧.୯୩ ଲକ୍ଷ କୋଟି ଟଙ୍କା ମିଳିଛି।

ପୁଞ୍ଜି ବ୍ୟୟ ପାଇଁ ରାଜ୍ୟମାନଙ୍କୁ ମିଳୁଥିବା ସ୍ୱତନ୍ତ୍ର ଋଣ ସହାୟତା ଆକାରରେ ରାଜ୍ୟ ସରକାରଙ୍କୁ ୫୦ ବର୍ଷର ସୁଧମୁକ୍ତ ଋଣ ସୁବିଧା ଯୋଗାଇ ଦିଆଯାଇଛି ଯାହାର ସୁଧ ସମ୍ପୂର୍ଣ୍ଣ ଭାବେ କେନ୍ଦ୍ର ସରକାର ବହନ କରିବେ। ଏହି ସହାୟତା ଅର୍ଥ ଆୟୋଗଙ୍କ ସୁପାରିସ ଅତିରିକ୍ତ ଯୋଗାଇ ଦିଆଯିବ। ଏହି ସ୍ୱତନ୍ତ୍ର ସହାୟତା ଯୋଜନା ଅଧୀନରେ ଓଡିଶାକୁ ପୁଞ୍ଜି ବିନିଯୋଗ ପାଇଁ ୨୦୨୦-୨୧ରେ ୪୭୨ କୋଟି, ୨୦୨୧-୨୨ରେ ୫୧୭ କୋଟି, ୨୦୨୨-୨୩ରେ ୭୫ କୋଟି, ୨୦୨୩-୨୪ରେ ୩,୫୩୨ କୋଟି, ୨୦୨୪-୨୫ରେ ୬,୯୪୪ କୋଟି ଏବଂ ଜାନୁଆରୀ ୨୦୨୬ ସୁଦ୍ଧା ୨୦୨୫-୨୬ ଆର୍ଥିକ ବର୍ଷରେ ୨,୯୭୮ କୋଟି ଟଙ୍କା ଜାରି କରାଯାଇଛି । ଏହିପରି ୨୦୨୦-୨୧ରୁ ୨୦୨୫-୨୬ ମଧ୍ୟରେ ମୋଟ୍ ୧୪,୫୧୭ କୋଟି ଟଙ୍କା ଯୋଗାଇ ଦିଆଯାଇଛି ।

୩୦ ଜୁନ୍ ୨୦୨୫ ସୁଦ୍ଧା ଓଡିଶାରେ ୫,୮୯୭ କିଲୋମିଟର ଜାତୀୟ ରାଜପଥ ନିର୍ମାଣ କରାଯାଇଛି । ଭାରତମାଳା ପ୍ରକଳ୍ପ ଅଧୀନରେ ନିର୍ମାଣ କରାଯାଉଥିବା ରାୟପୁର-ବିଶାଖାପାଟଣା ଗ୍ରିନଫିଲ୍ଡ କରିଡର ଦ୍ୱାରା ଓଡିଶା ମଧ୍ୟ ଲାଭାନ୍ୱିତ ହେବ। ଓଡିଶାରେ ଭାରତମାଳା ପରିଯୋଜନା ଅଧୀନରେ ପ୍ରାୟ ୩୪,୬୧୪ କୋଟି ଟଙ୍କାର ପୁଞ୍ଜି ବ୍ୟୟ ସହିତ ୧,୫୮୬ କିଲୋମିଟର ଜାତୀୟ ରାଜପଥ କରିଡର ବିକଶିତ କରାଯାଉଛି ।

ଓଡିଶାରେ ଆଞ୍ଚଳିକ ଯୋଗାଯୋଗ ଏବଂ ମାଲ ପରିବହନକୁ ପ୍ରୋତ୍ସାହନ ଲାଗି ପ୍ରଧାନମନ୍ତ୍ରୀ ୨୭ ସେପ୍ଟେମ୍ବର ୨୦୨୫ରେ ପ୍ରମୁଖ ରେଳ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଥିଲେ। ସମ୍ବଲପୁର-ସରଲା ଫ୍ଲାଇଓଭର ପାଇଁ ଶିଳାନ୍ୟାସ ହୋଇଛି। କୋରାପୁଟ-ବୈଦ୍ୟଗୁଡା ଲାଇନର ଦୋହରୀକରଣ ପ୍ରକଳ୍ପ ଲୋକାର୍ପିତ ହୋଇଛି। ମାନାବାର-କୋରାପୁଟ-ଗୋରାପୁର ରେଳ ଲାଇନ ପାଇଁ ଶିଳାନ୍ୟାସ ହୋଇଛି। ବ୍ରହ୍ମପୁର ଏବଂ ସୁରତର ଉଧନା ମଧ୍ୟରେ ଅମୃତ ଭାରତ ଟ୍ରେନକୁ ମଧ୍ୟ ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି । ୨୦୦୯-୨୦୧୪ ମଧ୍ୟରେ ରାଜ୍ୟରେ ବାର୍ଷିକ ହାରାହାରି ୫୩ କିଲୋମିଟର ନୂଆ ରେଳ ଟ୍ରାକ୍ ନିର୍ମାଣ କରାଯାଉଥିବା ବେଳେ ୨୦୧୪-୨୪ରୁ ମଧ୍ୟରେ ଏହା ୩ ଗୁଣ ବୃଦ୍ଧି ପାଇ ବାର୍ଷିକ ହାରାହାରି ୧୮୩ କିମି ନୂଆ ରେଳ ଟ୍ରାକ୍ ନିର୍ମାଣ କରାଯାଇଛି । ସେହିପରି ରେଳ ଲାଇନର ବିଦ୍ୟୁତିକରଣ କାମ ମଧ୍ୟ ବାର୍ଷିକ ୨୯ କିଲୋମିଟରରୁ ୫ ଗୁଣ ବୃଦ୍ଧି ପାଇ ୧୪୬ରେ ପହଞ୍ଚିଛି । ୫୪,୪୩୪ କୋଟି ଟଙ୍କା ବ୍ୟୟରେ ବର୍ତ୍ତମାନ ୪୦ଟି ପ୍ରକଳ୍ପ ଅର୍ଥାତ୍ ୪,୦୧୭ କିମି ନୂଆ ଟ୍ରାକ୍ ନିର୍ମାଣ କାମ ଜାରି ରହିଛି। ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଓଡିଶାରେ ୫୯ଟି ଷ୍ଟେସନର ଉନ୍ନତିକରଣ କାମ ଜାରି ରହିଛି । ସେହିପରି ଓଡିଶା ଦେଇ ବ୍ରହ୍ମପୁର-ଟାଟାନଗର, ହାଓଡା-ଟାଟାନଗର-ରାଉରକେଲା, ପୁରୀ-ବିଶାଖାପାଟଣା, ରାଉରକେଲା-ଭୁବନେଶ୍ୱର-ପୁରୀ, ହାଓଡା-ପୁରୀ ମଧ୍ୟରେ ୫ଟି ବନ୍ଦେ ଭାରତ ଟ୍ରେନ ଚଳାଚଳ କରୁଛି । ମାର୍ଚ୍ଚ ୨୦୨୩ରେ ଓଡିଶା ରେଳ ନେଟୱର୍କର ୧୦୦% ବିଦ୍ୟୁତିକରଣ ମାଇଲଖୁଣ୍ଟ ହାସଲ କରିଥିଲା। ୯ ଅଗଷ୍ଟ ୨୦୨୪ରେ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ଓଡ଼ିଶାରେ କେତେକ ନୂତନ ରେଳ ଲାଇନ ପ୍ରକଳ୍ପ ଅନୁମୋଦନ କରିଥିଲା। ସେଗୁଡିକ ହେଲା - ୭୩.୬୨ କିଲୋମିଟର ଗୁଣୁପୁର-ଥେରୁବାଲି (ନୂତନ ଲାଇନ), ୧୧୬.୨୧ କିମି ଜୁନାଗଡ-ନବରଙ୍ଗପୁର, ୮୨ କିଲୋମିଟର ବାଦାମପାହାର - କେନ୍ଦୁଝରଗଡ, ୮୫.୬ କିଲୋମିଟର ବାଙ୍ଗିରିପୋଷି- ଗୋରୁମହିଷାଣି, ୧୭୩.୬ କିଲୋମିଟର ମାଲକାନଗିରି - ପାଣ୍ଡୁରଙ୍ଗାପୁରମ୍ (ଭଦ୍ରାଚଳମ ଦେଇ), ୬୦ କିଲୋମିଟର ବୁମରା - ଚକୁଲିଆ ରେଳ ଲାଇନ୍। ୨୮ ଅଗଷ୍ଟ ୨୦୨୪ରେ ଓଡିଶରେ ଦୁଇଟି ନୂଆ ରେଳ ଲାଇନକୁ ମଞ୍ଜୁରି ମିଳିଛି। ସେଥିମଧ୍ୟରୁ ଗୋଟିଏ ହେଉଛି ସରଡେଗା-ଭାଲୁମୁଡା ନୂଆ ଡବଲ ଲାଇନ । ୩୭ କିମି ଲମ୍ବ ଏହି ଲାଇନ ପାଇଁ ୧୩୬୦ କୋଟି ଟଙ୍କା ବ୍ୟୟ କରାଯିବ । ସେହିପରି ୧୩୮ କିମି ଲମ୍ବ ବରଗଡ ରୋଡ - ନୂଆପଡା ରୋଡ୍ ନୂଆ ଲାଇନ ପାଇଁ ୨୯୨ କୋଟି ଟଙ୍କା ଖର୍ଚ୍ଚ ହେବ ।

# ମାଓବାଦୀଙ୍କ ୪ ସର୍ତ୍ତ

ରାୟଗଡା,୩୧୨(ନି.ପ୍ର.): : ଓଡିଶା ସରକାର ଓ ଗୃହ ବିଭାଗକୁ ୪ଟି ସର୍ତ୍ତ ରଖି ଆତ୍ମସମର୍ପଣ କରିବେ ବୋଲି ଚିଠି ଜାରି କଲେ ମାଓ ନେତା ନିଖିଲ ଓ ଇନ୍ଦୁ। ସର୍ତ୍ତ ପୂରଣ କଲେ ଓଡିଶା ପୁଲିସ ପାଖରେ ଆମେ ଆତ୍ମ ସମର୍ପଣ କରିବୁ ବୋଲି ଲିଖିତ ମାଓ ପତ୍ର ହସ୍ତଗତ ହୋଇଛି। ସଶସ୍ତ୍ର କ୍ରାନ୍ତି ରାସ୍ତା ତ୍ୟାଗ କରି ଭାରତୀୟ ସମ୍ବିଧାନ ଅନୁସାରେ ଗଣତାନ୍ତିକ ପଦ୍ଧତିରେ କାର୍ଯ୍ୟ କରିବା ପାଇଁ ଗଣମାଧ୍ୟମ ଜରିଆରେ ଓଡିଶା ସରକାର ଓ ଗୃହ ବିଭାଗ ଉଦ୍ଦେଶ୍ୟରେ ଖୋଲା ପତ୍ର ଜାରି କରିଛନ୍ତି ଟପ ମାଓ ନେତା।

ଆମର ୪ଟି ଦାବୀ ହେଲା ଆମେ ଭାରତୀୟ ସମ୍ବିଧାନ ଅନୁସାରେ ଗଣତାନ୍ତ୍ରିକ ଓ ଆଇନଗତ ସୀମା ମଧ୍ୟରେ ଦେଶର ଶୋଷିତ ଉତ୍ପୀଡ଼ିତ ଶ୍ରେଣୀ ଶ୍ରମିକ, କୃଷକ, ମଧ୍ୟମ ବର୍ଗ, ଆଦିବାସୀ, ଦଳିତ, ମହିଳା, ଅଳ୍ପ ସଂଖ୍ୟକ ଓ ରାଷ୍ଟ୍ରୀୟତାଙ୍କ ସାମ୍ବିଧାନୀକ ଅଧିକାର ମିଳୁ। ଦ୍ୱିତୀୟଟି ଆତ୍ମସମର୍ପଣ ପରେ କୌଣସି ପ୍ରକାର ମାଓବାଦୀ ବିରୋଧୀ ସଶସ୍ତ୍ର ଅଭିଯାନ ଓ ଜନ ବିରୋଧୀ କାର୍ଯ୍ୟରେ ଆମକୁ ନିୟୋଜିତ କରାନଯାଉ। ତୃତୀୟରେ ରାଜ୍ୟ ସରକାର ଯେଉଁ ଆତ୍ମସମର୍ପଣ ନୀତି ବନାଇଛନ୍ତି ତାହା ସମସ୍ତଙ୍କ ପାଇଁ ଲାଗୁ ହେଉ। ଶେଷରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଜଳ, ଜମି,ଜଙ୍ଗଲ,ମା ମାଟି ଓ ପରିବେଶ ର ସୁରକ୍ଷା, ସାମ୍ବିଧାନୀକ, ହକ ଅଧିକାରର ଆନ୍ଦୋଳନ ଉପରେ ଅଗଣତାନ୍ତ୍ରିକ ଭାବେ ଦମନ ଚଳାଯାଉଛି।



# ଭିଜିଲାନ୍ସ ଜାଲରେ ଟିପିଏସଓଡ଼ିଏଲର କନିଷ୍ଠ ଯନ୍ତ୍ରୀ ଏବଂ ତାଙ୍କ ବ୍ୟକ୍ତିଗତ ସହଯୋଗୀ

**ମାଲକାନଗିରି,୩।୨:(ମନ୍ଥନ)**ଇଟା କାରଖାନାକୁ ବିଦ୍ୟୁତ ସଂଯୋଗ ଯୋଗାଇବା ପାଇଁ ୨୦,୦୦୦ ଟଙ୍କା ଲାଞ୍ଚ ନେବା ପାଇଁ ମାଲକାନଗିରି ଟିପିଏସଓଡ଼ିଏଲ ର ଜୁନିଅର ଇଞ୍ଜିନିୟର ଏବଂ ତାଙ୍କ ସହଯୋଗୀଙ୍କୁ ଓଡିଶା ଭିଜିଲାନ୍ସ ଦ୍ୱାରା ଗିରଫ କରାଯାଇଛି । ଆଜି କିଛି ସମୟ ପୂର୍ବରୁ, ଶ୍ରୀ ପ୍ରଦେଶ ପ୍ରସାଦ ନାୟକ, ଜୁନିଅର ଇଞ୍ଜିନିୟର (ଜେଇ), ଟିପିଏସଓଡିଏଲ, ମାଲକାନଗିରି ଏବଂ ଶ୍ରୀ ଭଞ୍ଜକିଶୋର ସ୍ୱାଇଁ (ବ୍ୟକ୍ତିଗତ ବ୍ୟକ୍ତି)ଙ୍କୁ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ କରାଯାଇଛି । ଜଣେ ଇଟା କାରଖାନା ମାଲିକଙ୍କ ଠାରୁ ତାଙ୍କ ଇଟା କାରଖାନାକୁ ବିଦ୍ୟୁତ ସଂଯୋଗ ଦେବା ବଦଳରେ ୨୦,୦୦୦ ଟଙ୍କା ଲାଞ୍ଚ ଦାବି କରିବା ଏବଂ ନେବା ସମୟରେ ଓଡ଼ିଶା ଭିଜିଲାନ୍ସର ଏକ ଦଳ ଆସି ଶ୍ରୀ ନାୟକ ଜେଇ ଏବଂ ତାଙ୍କ ସହଯୋଗୀ ଶ୍ରୀ ସ୍ୱାଇଁ (ବେସରକାରୀ ବ୍ୟକ୍ତି)ଙ୍କୁ କାର୍ଯ୍ୟାଳୟର ମୁଖ୍ୟ ଫାଟକ ନିକଟରୁ ଇଟା କାରଖାନାର ମାଲିକଙ୍କଠାରୁ୨୦,୦୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଗିରଫ କରିଛି । ସେମାନଙ୍କଠାରୁ ସମ୍ପୂର୍ଣ୍ଣ ୨୦,୦୦୦ ଟଙ୍କା ଲାଞ୍ଚ ଟଙ୍କା ଜବତ କରାଯାଇଛି । ଜୁନିଅର ଇଞ୍ଜିନିୟର ଶ୍ରୀ ନାୟକଙ୍କ ସହ ଜଡିତ



ଦୁଇଟି ସ୍ଥାନରେ ଏକକାଳୀନ ସନ୍ଧାନ ଚାଲିଛି । ଏହି ସମ୍ପର୍କରେ, ଅଭିଯୁକ୍ତ ଦ୍ୱୟ ଶ୍ରୀ ନାୟକ, ଜେଇ ଏବଂ ଶ୍ରୀ ସ୍ୱାଇଁ (ବେସରକାରୀ ବ୍ୟକ୍ତି)ଙ୍କ ବିରୁଦ୍ଧରେ କୋରାପୁଟ ଭିଜିଲାନ୍ସ ପିଏସ୍ ମାମଲା ନଂ ୦୧/୨୦୨୬, ଏସ ୭ ପିସି ସଂଶୋଧନ ଆଇନ, ୨୦୧୮ ଅନୁଯାୟୀ ମାମଲା ରୁଜୁ କରାଯାଇଛି । ଭିଜିଲାନ୍ସ ତରଫରୁ ତଦନ୍ତ ଜାରି ରହିଛିଯ ପ୍ରକାଶ ଥାଉ କି ଶ୍ରୀ ନାୟକ ମାଲକାନଗିରି ବିଦ୍ୟୁତ ବିଭାଗ ରେ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟ କରି ଆସୁଥିବା ସମୟରୁ ବିନା ଲାଞ୍ଚରେ କୌଣସି ଲୋକଙ୍କୁ ବିଦ୍ୟୁତ ସଂଯୋଗ କରୁ ନଥିବା ଅଭିଯୋଗ ହୋଇ ଆସୁଥିଲା । ତେବେ ବିଳମ୍ବରେ ହେଲେ ମଧ୍ୟ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ଯୋଗୁଁ ସାଧାରଣରେ ଖୁସିର ଲହରୀ ଖେଳିଯାଇଛି ।

# ପରିବାର କଲ୍ୟାଣ ମନ୍ତ୍ରୀଙ୍କ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଏବଂ ହସପିଟାଲ ସମ୍ପର୍କିତ ସମୀକ୍ଷା ବୈଠକ

**ଅନୁଗୋଳ,୩।୨:(ମନ୍ଥନ)** ମଙ୍ଗଳବାର ଅପରାହ୍ନରେ ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ସର୍କିଟ ହାଉସ ସମ୍ମିଳନୀ କକ୍ଷ ଠାରେ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଏବଂହସପିଟାଲ ସମ୍ପର୍କିତ ଏକ ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଜିଲ୍ଲାପାଳଶ୍ରୀ ଅବଦାଲ୍ ମୁହମ୍ମଦ୍ ଅଖତର ମାନ୍ୟବର ମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ । ଏହାପରେ ମାନ୍ୟବର ମନ୍ତ୍ରୀ ପବିତ୍ରମୋହନ ମେଡିକାଲ କଲେଜ, ତାଳଚେର ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନାକରିବା ସହିତ ସେଗୁଡିକର ତୁରନ୍ତ ସମାଧାନ ପାଇଁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ



କରିବାକୁ ଅଧିକାରୀମାନଙ୍କୁନିର୍ଦ୍ଦେଶ ଦେଇଥିଲେ । ମେଡିକାଲ ଶିକ୍ଷା, ରୋଗୀ ସେବା, ଚିକିତ୍ସା ସୁବିଧା, ପ୍ରଶାସନିକ ବ୍ୟବସ୍ଥା, ନୂତନଅଡିଟୋରିୟମ, ପି ଜି ହଷ୍ଟେଲ ନିର୍ମାଣ, ରୋଗୀଙ୍କ ଡାଏଲସିସି ଇତ୍ୟାଦି ବିଷୟ ଉପରେ ଆଲୋଚନାକରିବା ସହିତ ରୋଗୀମାନଙ୍କୁ ସମୟୋପଯୋଗୀ ଏବଂ ଗୁଣାତ୍ମକ ଚିକିତ୍ସା ଦେବା ଉପରେ ମାନ୍ୟବର ମନ୍ତ୍ରୀଗୁରୁତ୍ୱ ଦେଇଥିଲେ । ଏହା ସହିତ ଯଥା ଶିଘ୍ର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଆଇ.ସି.ୟୁକୁ କାର୍ଯ୍ୟକ୍ଷମ କରିବାପାଇଁ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମାନ୍ୟବର ଅନୁଗୋଳ ବିଧାୟକ ଶ୍ରୀପ୍ରତାପ ଚନ୍ଦ୍ର ପ୍ରଧାନ, ମାନ୍ୟବର ଛେଣ୍ଡିପଦା ବିଧାୟକ ଶ୍ରୀ ଅଗସ୍ତି ବେହେରା, ମାନ୍ୟବର ଢେଙ୍କାନାଳସାଂସଦଙ୍କ ପ୍ରତିନିଧି ଶ୍ରୀ ଯଯାତି ପଟ୍ଟନାୟକ, ମାନ୍ୟବର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଙ୍କପ୍ରତିନିଧି ଶ୍ରୀ ସୁଦିପ ଗଡନାୟକ,ମାନ୍ୟବର ପାଲଲହଡା ବିଧାୟକଙ୍କ ପ୍ରତିନିଧି ଶ୍ରୀ ରତ୍ନାକର ସାହୁତାଳଚେର ପୌରପାଳିକାର ଅଧ୍ୟକ୍ଷ ଶ୍ରୀ ପବିତ୍ରମୋହନ ଭୁଡିଆ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଦେବଦତ୍ତ ମହନ୍ତ, ତାଳଚେର ଉପଜିଲ୍ଲାପାଳ ଶ୍ରୀ ସମୀରକୁମାର ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ମଦନ ମୋହନ ପ୍ରଧାନ, ସ୍ୱାସ୍ଥ୍ୟ ବିଭାଗରବରିଷ୍ଠ ଅଧିକାରୀ, କର୍ମଚାରୀ ଓ ଗଣ ମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

# ବିପର୍ଯ୍ୟୟ ନିରାପତ୍ତା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ

**ଅନୁଗୋଳ,୩।୨:(ମନ୍ଥନ)**ଅନୁଗୋଳ ପିଟିସି ଉଚ୍ଚ ବିଦ୍ୟାଳୟ ଠାରେ ଏକ ସ୍କୁଲ ସ୍ତରୀୟ ବିପର୍ଯ୍ୟୟ ନିରାପତ୍ତା ସମ୍ବନ୍ଧୀୟ ସଚେତନତାକାର୍ଯ୍ୟକ୍ରମ ଏନ୍ ଡି ଆର ଏଫ୍, କଟକ ମଣ୍ଡଳଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା । ବନ୍ୟା, ବାତ୍ୟା, ବଜ୍ରପାତ,ନିଆଁ, ରାସ୍ତା ଦୁର୍ଘଟଣା, ପାଣି ବୁଡିରୁ ଛାତ୍ର ଛାତ୍ରୀମାନେନିଜକୁ କିପରି ରକ୍ଷା କରିପାରିବେ ସେ ସମ୍ବନ୍ଧରେ ବିଭିନ୍ନ କଳା କୌଶଳମାଧ୍ୟମରେ ଏନ୍ ଡି ଆର ଏଫ୍ ଟିମ୍‌ଙ୍କ ଦ୍ୱାରା ପ୍ରଶିକ୍ଷଣ ଦିଆଯାଇଥିଲା । ଏହିକାର୍ଯ୍ୟକ୍ରମରେ ଜିଲ୍ଲା ଆପାତକାଳିନ ଅଧିକାରୀ ଶ୍ରୀ ଶୁଭେନ୍ଦୁ କୁମାର ଜେନା,ଅନୁଗୋଳ ତହସିଲଦାର ଶ୍ରୀ ଆଲୋକ କୁମାର ଦେହୁରୀଙ୍କ ସମେତ ପି ଟି ସି ଉଚ୍ଚବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ର ଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି

**ଅନୁଗୋଳ,୩।୨:(ମନ୍ଥନ)**ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଗୋଳ ଅତିରିକ୍ତଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ । ଏହି କାର୍ଯ୍ୟକ୍ରମରେ ୬୦ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୫୩ଟି ବ୍ୟକ୍ତିଗତ ଓ ୭ଟି ଗ୍ରାମ୍ୟଭିତ୍ତିକହୋଇଥିବାବେଳେ ୩ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ୭ ଜଣଙ୍କୁମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪୫ ହଜାର ଟଙ୍କା ଓ ୨ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ ହଜାରଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିବାବେଳେ ଅନୁଗୋଳ ବ୍ଲକ୍ ଅନ୍ତର୍ଗତହୁଲୁରୁସିଂହା ଗ୍ରାମର ଶ୍ରୀ କାଳିଆ । ବେହେରାଙ୍କୁ ହୁଇଲ୍



ଚେୟାର ଏବଂ ବଁଅରପାଳ ବ୍ଲକ୍‌ଅନ୍ତର୍ଗତ କୁଶପଙ୍ଗ ଗ୍ରାମର ଶ୍ରୀ ଅରବିନ୍ଦ ନାଏକଙ୍କୁ ୱାକିଂ ଷ୍ଟିକ୍ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମାସମ୍ବନ୍ଧୀୟ,ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ ।

# ଜିଲ୍ଲା ସ୍ତରୀୟ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ

**ଅନୁଗୋଳ,୩।୨:(ମନ୍ଥନ)** ଜିଲ୍ଲାପାଳ ଶ୍ରୀ ଅବଦାଲ୍ ମୁହମ୍ମଦ ଅଖତରଙ୍କଅଧ୍ୟକ୍ଷତାରେ ପାଲଲହଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ଜିଲ୍ଲା ସ୍ତରୀୟ ମିଳିତଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ରାହୁଲଜୈନ ଯୋଗ ଦେଇଥିଲେ । ଜନଶୁଣାଣି ଶିବିରରେ ସମୁଦାୟ ୫୬ଟି ଅଭିଯୋଗ ଗ୍ରହଣକରାଯାଇଥିଲା । ସେଥିମଧ୍ୟରୁ ୪୦ଟି ବ୍ୟକ୍ତିଗତ ଓ ୧୬ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗରଶୁଣାଣି ହୋଇଥିବାବେଳେ ୬ ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ୫ଜଣଙ୍କୁରେଡକ୍ରସ ପାଣ୍ଠିରୁ ୩୨ ହଜାର ୫୦୦ ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନକରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଦେବଦତ୍ତମହନ୍ତ, ପାଲଲହଡା ଉପଜିଲ୍ଲାପାଳ ଶ୍ରୀ



ରବିନ୍ଦ୍ର କୁମାର ପଟେଲ, ପାଲଲହଡା ତହସିଲଦାରଆକାଂକ୍ଷା ମହାପାତ୍ର, ପାଲଲହଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ନିଶାନ ମିଶ୍ର, ଜିଲ୍ଲା ଶିକ୍ଷାଅଧିକାରୀ ଶ୍ରୀ ନିରଞ୍ଜନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ଦିଲ୍ଲିପ କୁମାର ମିଶ୍ର, ଜିଲ୍ଲା ସମାଜମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଉପ- ନିର୍ଦ୍ଦେଶକ ଉଦ୍ୟାନ ଶ୍ରୀ ଅମର ଲୁଗୁନ୍, ମୁଖ୍ୟଜିଲ୍ଲା କୃଷି ଅଧିକାରୀ ଶ୍ରୀ ଉମା ଶଙ୍କର ମିଶ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନାରାୟଣ ମହାପାତ୍ରଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଓ ବ୍ଲକ୍ ସ୍ତରୀୟ ଅଧିକାରୀମାନେଯୋଗ ଦେଇଥିଲେ । ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲକରିଥିଲେ ।

# ପୌର ଅଧକ୍ଷ୍ୟଙ୍କ ଦ୍ୱାରା ସହଯୋଗ ରଥର ଶୁଭ ଉଦ୍‌ଘାଟନ

**କୋରାପୁଟ,୩।୨:(ମନ୍ଥନ)**ସହଯୋଗ ଭ୍ରାମ୍ୟମାଣ ସହୟତା କେନ୍ଦ୍ରର ରଥ ଗାଡକୁ ପତାକା ଦେଖାଇ ସୁନାବେଡା ମୁନିସପାଲଟିର ପୌର ଅଧକ୍ଷ୍ୟ ଡଃ ରାଜେନ୍ଦ୍ର କୁମାର ପାତ୍ରଙ୍କ ଦ୍ୱାରା ଶୁଭଉଦଘାଟିତ ହୋଇଯାଇଛି । ଏହି ରଥ ଶୁଭାରମ୍ଭ ସମୟରେ ନିଜ ଭାଷଣ ମାଧ୍ୟମରେ ରଥର ଉପଚାରିତା ଉପରେ ବର୍ଣ୍ଣନା କରି କହିଥିଲେ ଯେ, ସହଯୋଗ ରଥ ଯାହାକୁ ଭ୍ରାମ୍ୟମାଣ ସହାୟତା କେନ୍ଦ୍ର ଭାବରେ ରାଜ୍ୟର ଗ୍ରାମାଂଚଳ ଏବଂ ଦୁର୍ଗମ ଅଂଚଳରେ ଲୋକଙ୍କୁ ସହାୟତା ସେବା ଯୋଗାଇଦେବା ପାଇଁ ଓଡିଶା ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ଅନନ୍ୟ ପଦକ୍ଷେପ। ଏହିରଥ ଗୁଡିକହେଉଛି ମୋବାଇଲ ସେବା କେନ୍ଦ୍ର ଯାହା ବିଭିନ୍ନ ଗ୍ରାମକୁ ଯାତ୍ରାକରି ବିଭିନ୍ନ ସରକାରି କଲ୍ୟାଣକାରିଯୋଜନା ଏବଂ କାର୍ଯ୍ୟକ୍ରମ ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରେ। ଏହାର ମୁଖ୍ୟ ଉଦ୍ଦେଶ ହେଉଛି ସରକାରି ସେବାଗୁଡିକୁ ଲୋକଙ୍କ ନିକଟତର କରିବା ଏବଂ ସେମାନେ ବିଭିନ୍ନ କଲ୍ୟାଣକାରି କାର୍ଯ୍ୟକ୍ରମର



ଲାଭ ପାଇବା ଓ ଉଠାଇବା ନିଶ୍ଚିତ କରିବା, ଏହି ମୋବାଇଲ ସେବା କେନ୍ଦ୍ରଗୁଡିକ କମ୍ପ୍ୟୁଟର, ଇଂଟରନେଟ ସଂଯୋଗ ଏବଂ ତାଲିମ ପ୍ରାପ୍ତ କର୍ମଚାରି ସହିତ ସଜ୍ଜିତ ଯୋଉଁମାନେ ଗ୍ରାମବାସିମାନଙ୍କୁ ଫର୍ମ ପୂରଣ କରିବାରେ, ଯୋଜନା ଗୁଡିକୁ ବିଝୁବାରେ ଏବଂ ଲାଭ ପାଇବାରେ ସମ୍ମୁଖିନ ହେଉଥିବା କୌଣସି ସମସ୍ୟାର ସମାଧାନ କରିବାରେ ସହାୟତା କର୍ଁ । ଏଥିରେ ସ୍ୱାସ୍ଥ୍ୟ ସେବା, ଆର୍ଥିକ ସହାୟତା ଯୋଜନା, ଶିକ୍ଷାଗତ କାର୍ଯ୍ୟକ୍ରମ ଏବଂ କୃଷି ସମ୍ବନ୍ଧୀୟ ଯୋଜନା ଭଳି ବିଭିନ୍ନ ସରକାରି ପଦକ୍ଷେପ ଏକଂ କାର୍ଯ୍ୟକ୍ରମ ବୀଷୟରେ ସଚେତନ ସୃଷ୍ଟି କରିବା ପାଇଁ ଏକ ପ୍ଲାଟଫର୍ମ ଭାବରେ ମଧ୍ୟ କାର୍ଯ୍ୟକରେ । ଏହା ଦ୍ୱାରା ସରକାର ଏବଂ ଲୋକଙ୍କ ମଧ୍ୟରେ ଥିବା ଦୁରତାକୁ ଦୂରକାରିବାରେ ସାହାଯ୍ୟ କରିବାରେ ସହାୟକ ହେଉଛି । ଆହୁରି ମଧ୍ୟ ସରକାରି ଯୋଜନା ଏବଂ କାର୍ଯ୍ୟକ୍ରମ ବିଷୟରେ ଜ୍ଞାନ ଓ ସୂଚନା ସହିତ ଗ୍ରାମବାସିଙ୍କୁ ସଶକ୍ତ କରିଛି । ଏହା ଏକ ଓଡିଶା ସରକାରଙ୍କ ପ୍ରଶଂସନୀୟ ପଦକ୍ଷେପ, ଏଥିରେ ବିକାଶ ସୁନିଶ୍ଚିତ କରିବାରେ ଏହାର ଏକ ପ୍ରୟାସ କରାଯାଇଛି । ଏହିରଥ ଆଜି ସୁନାବେଡା ମୁନିସପାଲଟି ପରିସରରେ ଉଦଘାଟନ କରାଯାଇଥିବା ସମୟରେ ପୌରଅଧକ୍ଷ୍ୟ ଙ୍କ ସହିତ ଉପାଧକ୍ଷ୍ୟା ଶ୍ରମତି ରିତୁ କଂଟା ଙ୍କ ସମେତ କାଉନସିଲର ଓ ମୁନିସପାଲଟି କର୍ମଚାରି ଉପସ୍ଥିତ ରହିଥିଲେ । ଏହି ଗାଡି ମୁନିସପାଲଟିରେ ୧୫ ଦିନ ବୁଲିବ, ଆଜି ପ୍ରଥମ ଦିନରେ ୱାର୍ଡନଂ୧ କୁ ଯାଇ ଭ୍ରାମମାଣ କରି ଲୋକଙ୍କୁ ସଚେତନ କରିଥିବା ଜଣାଯାଇଛି ।

# ମାଘ ପୂର୍ଣ୍ଣିମାରେ ଶହ ଶହ ଶ୍ରଦ୍ଧାଳୁ ଙ୍କ ଉପସ୍ଥିତି ରେ ପ୍ରାଚୀଆଳତି ସମାପନ

**କାକଟପୁର,୩।୨:(ମନ୍ଥନ)** ପବିତ୍ର ମାଘପୂର୍ଣ୍ଣିମା ଅବସରରେ କାକଟପୁର ଦେଇ ବହିଯାଇଥିବା ପୁଣ୍ୟତୋୟା ପ୍ରାଚୀ ସରସ୍ୱତୀ ନଦୀର ଆଳତୀ ସ୍ଥାନୀୟ ସେବାୟତ ଓ ଶହ ଶହ ଶ୍ରଦ୍ଧାଳୁ ମହାସମାରୋହରେ ନଦୀ କୂଳରେ ପହଞ୍ଚି କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ କରିଥିଲେ । ସନ୍ଧ୍ୟା ୬ ଘଟିକା ସମୟରେ ପୂଜା ପଣ୍ଡା ସେବାୟତ ସୁବାସ ଚନ୍ଦ୍ର ପାଢ଼ୀ ଓ ଲଳିତ ମୋହନ ଦୀକ୍ଷିତ ମା ମଙ୍ଗଳା ଙ୍କ ଠାରୁ ଆଜ୍ଞା ମାଳ ଆଣିବା ପରେ ଏକ ବିରାଟ ଶୋଭାଯାତ୍ରାରେ ପ୍ରାଚୀ ନଦୀ କୁଳକୁ ଆସି ପ୍ରାଚୀ ସରସ୍ୱତୀ ମା ଙ୍କୁ କ୍ଷୀରରେ ସ୍ନାନ କରାଇ ପୂଜା ମାମଙ୍ଗଳାଙ୍କ ଅଖଣ୍ଡ ଦୀପରୁ ଆସିଥିବା ଅଗ୍ନିରେ ଆଳତୀ ସଜାଡି ପ୍ରାଚୀ ସରସ୍ୱତୀଙ୍କୁ ଆଳତୀ କରାଯାଇଥିଲା । ନୟାହାଟର ନୂଆମଠର ମଠାଧୀସ ଦାମୋଦର ବାବା,ସୁମନ୍ତ ପାଢ଼ୀ, ରତିକାନ୍ତ ବେହେରା, ହିମାଂଶୁ ଭୂଷଣ ଦୀକ୍ଷିତ, ମାନସ କୁମାର ଦୀକ୍ଷିତଙ୍କ ସମେତ ଶହ ଶହ ଶ୍ରଦ୍ଧାଳୁ ପ୍ରାଚୀ ବନ୍ଦନା ଗାନ ପୂର୍ବକ ପ୍ରାଚୀ ନଦୀକୁ ବନ୍ଦାପନା କରିଥିଲେ । ସ୍ଥାନୀୟ ଅହ୍ଲୁଣିଆପାଟଣା ଗ୍ରାମର ଭକ୍ତ ବ୍ରଜବନ୍ଧୁ ସାହୁଙ୍କ ଦ୍ୱାରା ଏହି ପ୍ରାଚୀ ଆଳତୀ କାର୍ଯ୍ୟକ୍ରମ ଗତ ୨ ବର୍ଷ ହେଲା ଚାଲିଆସୁଅଛି । ପ୍ରାଚୀ ସରସ୍ୱତୀ ନଦୀ କିମ୍ବଦନ୍ତୀର ନାୟିକା ଭାବେ ଅନେକ ପୌରାଣିକ କଥା ଓ ଗାଥା ସହିତ ଜଡିତ ରହିଛି । ଏହାରି କୂଳରେ ଦ୍ୱାଦଶ ଶମ୍ଭୁ, ଦ୍ୱାଦଶ ମାଧବ, ଦ୍ୱାଦଶ ଚଣ୍ଡୀ ଓ ଆଦ୍ୟାଶକ୍ତି ମା ମଙ୍ଗଳା ଆର୍ବିଭାବ ହୋଇଛନ୍ତି ବୋଲି ନଦୀର ପୌରାଣିକ ତଥ୍ୟ ରହିଛି ।

# ୪୨ମୌଜାର ମୌଳିକ ସମସ୍ୟାକୁ ନେଇ କଟକ ସାଂସଦ ଙ୍କୁ ଭେଟିଲେ ଅଭିନବ ୪୨ମୌଜାର ସ୍ୱତନ୍ତ୍ର ପ୍ରତିନିଧି ମଣ୍ଡଳୀ

**ଫୁଲନଖରା,୩।୨:(ମନ୍ଥନ)**ଅଭିନବ ୪୨ମୌଜା ସଂଗଠନର ଏକ ପ୍ରତିନିଧି ମଣ୍ଡଳୀ ସାଂସଦ ରତ୍ନ ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବଙ୍କୁ ଭେଟି ୪୨ମୌଜାର ମୌଳିକ ସମସ୍ୟାକୁ ନେଇ ୧୦ ସୁତ୍ରି ପ୍ରସ୍ତାବ ପତ୍ର ପ୍ରଦାନ କରିଥିଲେ ଏବଂ ଉକ୍ତ ସମସ୍ୟା ମଧ୍ୟରେ ମୁଖ୍ୟ ସମସ୍ୟା ଗୁଡ଼ିକ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ । ତନ୍ମଧ୍ୟରେ ୪୨ମୌଜାକୁ ୨ୟ ସେତୁ,୪୨ମୌଜା ର ବନ୍ଦ୍ ହୋଇପଡ଼ିଥିବା ୨ୟ ବିଦ୍ୟୁତ ଗ୍ରିଡ କାର୍ଯ୍ୟକୁ ତ୍ୱରାନିତ କରିବା,୨ୟ ଆଇ. ଟି. ଆଇ କ୍ୟାମ୍ପସ,୪୨ମୌଜା ମୁଖ୍ୟ ରାସ୍ତାର ଆଲୋକିକରଣ ବ୍ୟବସ୍ଥା ଭଳି ଜରୁରୀ କାଳୀନ ସମସ୍ୟା ଗୁଡ଼ିକ ଆଲୋଚନା କରିଥିଲେ ଏବଂ ଉକ୍ତ ପ୍ରସ୍ତାବ ଗୁଡ଼ିକୁ ସାଂସଦ ରତ୍ନ ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ ମହୋଦୟ ସଦୟ ପୂର୍ବକ ପଢିବା ସହିତ ଏହି କାର୍ଯ୍ୟ ଗୁଡ଼ିକୁ ସରକାରଙ୍କ ପାଖରେ ପହଞ୍ଚାଇବା ସହିତ ଉକ୍ତ କାର୍ଯ୍ୟ ଗୁଡ଼ିକ କିଭଳି ଯୁଦ୍ଧ କାଳୀନ ଭିତିରେ କାର୍ଯ୍ୟକାରୀ ହୋଇପାରିବ ଏଥିପ୍ରତି ଦୃଷ୍ଟି ଗୋଚର କରିବେ ବୋଲି ପ୍ରତିନିଧି ମଣ୍ଡଳିକୁ ଆଶ୍ୱାସନା ଦେଇଥିଲେ । ୪୨ମୌଜାକୁ ନେଇ ସ୍ୱପ୍ନ ଦେଖିଥିବା ଏହି ସଂଗଠନକୁ ପ୍ରଶଂସା କରିବା ସହିତ ସାମାଜରେ ଏହି ଭଳି ଜନକଲ୍ୟାଣ କାର୍ଯ୍ୟକୁ ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ ।

# ରଜତ ଜୟନ୍ତୀ ଓଡ଼ିଆ ନାଟକ ଉତ୍ସବ ତଥା ଓଡ଼ିଆ ନାଟ୍ୟକାର ସମ୍ମିଳନୀ

**ପାରାଦୀପ,୩।୨:(ମନ୍ଥନ)**ବନ୍ଦର ନଗରୀ ପାରାଦୀପର ଅଗ୍ରଣୀ ସାରସ୍ୱତ ଓ ସାଂସ୍କୃତିକ ଅନୁଷ୍ଠାନ କାନମାସ ଦ୍ୱାରା ସ୍ଥାନୀୟ ବାଣୀପୀଠ ଜୟଦେବ ସଦନ ଠାରେ ପାରାଦୀପ ବନ୍ଦର, ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ ନୂଆ ଦିଲ୍ଲୀର ମିଳିତ ଆନୁକୂଲ୍ୟରେ ଜାନୁଆରୀ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ରଜତ ଜୟନ୍ତୀ ଓଡ଼ିଆ ନାଟ୍ୟ ଉତ୍ସବ ଉଦଘାଟିତ ହୋଇ ଯାଇଛି । ୨୩ ତାରିଖ ଦିନ କାନମାସର ଉପଦେଷ୍ଟା କ୍ୟାପଟେନ ଅଲେଖ ସାହୁଙ୍କ ପୌରହତ୍ୟରେ ଆୟୋଜିତ ଉଦ୍ଘାଟନୀ ସନ୍ଧ୍ୟାରେ ବନ୍ଦର ଅଧ୍ୟକ୍ଷ ପି ଏଲ ହରନାଧ ଉତ୍ସବକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରି ନାଟକକୁ କେବଳ ପାରାଦୀପରେ ସୀମିତ ନ ରଖି ଅଧିକରୁ ଅଧିକ ଲୋକାଭିମୁଖୀ କରିବାରେ ତଥା ଭାରତର ସାଂସ୍କୃତିକ ମାନଚିତ୍ରରେ ପାରାଦୀପ ବନ୍ଦରକୁ ଏକ ସ୍ୱତନ୍ତ୍ର ସ୍ଥାନ ଦେବାରେ କାନମାସର ପ୍ରଚେଷ୍ଟା ପ୍ରଶଂସନୀୟ ବୋଲି କହିଥିଲେ । ବନ୍ଦର ସିଏମ୍‌ଇ ସୁଶିଲ ନାହାକ ସ୍ୱାଗତ ଭାଷଣ ଦେଇଥିବା ବେଳେ କାନମାସର ସମ୍ପାଦକ ଶ୍ରୀମନ ମିଶ୍ର ବିବରଣୀ ପାଠ କରିଥିଲେ । ସମ୍ମାନିତ ଅତିଥି ଭାବେ କାନମାସର ଉପ ସଭାପତି ସନ୍ତୋଷ ସାମଲ ମଞ୍ଚରେ ଉପସ୍ଥିତ ଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ହରନାଧ ସାଗରିକା କଳା ନିକେତନର ଗୁରୁ ପ୍ରଫୁଲ୍ଲ ବଳ, ବ୍ରଜ ମଲ୍ଲିକ, କେଦାର ପରିଡ଼ା, ଶୁଭଶ୍ରୀ ବେଉରା, ସ୍ମୃତି କାନ୍ତ ଶର୍ମାଙ୍କୁ ନୃତ୍ୟ ଓ ସଙ୍ଗୀତ ଶିକ୍ଷାଦାନ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ସମ୍ବର୍ଦ୍ଧିତ କରିଥିଲେ । ପାରାଦୀପର ମୂର୍ଚ୍ଛନା ମିଶ୍ର, ସଂଜୀତ୍ତ ସାନୁ, ନିରଞ୍ଜନ ଗାନ, ମିଲୁ ଖୁଣ୍ଟିଆ । ଆଦି କଳାକାର ମାନଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା । ଉଦ୍ଘାଟନୀ ସନ୍ଧ୍ୟାରେ ଉତ୍କଳି ସାଂସ୍କୃତିକ ଶିଳ୍ପୀ, ରାଉରକେଲା ବିଲୋଚନ ପାତ୍ରଙ୍କ ନିର୍ଦ୍ଦେଶନାରେ ନାଟକ କମ୍ପାନୀ ସରକାର ମଞ୍ଚସ୍ଥ କରିଥିଲେ । ନାଟକଟି ହୀରାକୁଦ ଜଳଭଣ୍ଡାର ମଧ୍ୟରେ ଥିବା ଗୋରୁଦ୍ୱିପ ବା କ୍ୟାଟଲ ଆଇଲଣ୍ଡରୁ ମହାନଦୀ ଶଯ୍ୟାର ତଳ ମୁଣ୍ଡ ପର୍ଯ୍ୟନ୍ତ ଜନ ଜୀବନ ତଥା ଜୈବମଣ୍ଡଳକୁ ପ୍ରଭାବିତ କରୁଥିବା କଥା ଏବଂ ତାର ଆଧାରରେ ଆମ ଦେଶବାସୀଙ୍କ ପାଇଁ ସାଂପ୍ରତିକ ପରିସ୍ଥିତିର ସାମାଜିକ ଓ ଅର୍ଥନୈତିକ ଆଶଙ୍କାର ସାଙ୍କେତିକ ବାର୍ତ୍ତା ବହନ କରେ । ୨ୟ ସନ୍ଧ୍ୟାରେ ହୃଦୟ, ଭୁବନେଶ୍ୱର ପ୍ରଫେସର ରମାକାନ୍ତ ମିଶ୍ରଙ୍କ ନିର୍ଦ୍ଦେଶନାରେ ବୈଷ୍ଣବ ପାଣି ମଞ୍ଚସ୍ଥ କରିଥିଲେ ଯାହାକି




ଗଣକବି ବୈଷ୍ଣବ ପାଣିଙ୍କ ଜୀବନ ଓ ସୃଜନଶୀଳ ସଂଘର୍ଷର ଏକ ଜୀବନ୍ତ ଚିତ୍ରଣ ଥିଲା । ବିଂଶତମ ଶତାବ୍ଦୀର ପ୍ରାରମ୍ଭରେ ଓଡ଼ିଶାର ଯାତ୍ରା ଆନ୍ଦୋଳନର ପ୍ରବର୍ତ୍ତକ ଭାବେ ସେ ଯେପରି ଏକ ଅତୁଟ ଛାପ ରଖିଥିଲେ ଏହି ନାଟକ ତାକୁ ଉଦଘାଟନ କରେ । ବୈଷ୍ଣବ ପାଣି ନାଟକଟିକୁ ଗୀତିନାଟ୍ୟ ଶୈଳୀରେ ପ୍ରସ୍ତୁତ କରାଯାଇଥିଲା । ପାଲା, ରାସ ଓ ଲୀଳା ପରି ଓଡ଼ିଶାର ଲୋକନାଟ୍ୟ ରୁପରୁ ପ୍ରେରଣା ନେଇ ବୈଷ୍ଣବ ପାଣି କିପରି ସୁଆଙ୍ଗ ରୂପକୁ ଉନ୍ନତ କରି ଏକ ଲୋକପ୍ରିୟ ଶିକ୍ଷା ଓ ବିନୋଦନ ମାଧ୍ୟମରେ ପରିଣତ କରିଥିଲେ ଏହା ଥିଲା ଏହି ନାଟକର ମୂଳ ଆଧାର । ୩ୟ ସନ୍ଧ୍ୟାରେ ଶ୍ରୀ କଲଚରାଲ ଆସୋସିଏସନ୍, ସମ୍ବଲପୁର ସତ୍ୟ ରଞ୍ଜନ ବେହେରାଙ୍କ ନିର୍ଦ୍ଦେଶନାରେ ସମ୍ବଲପୁରୀ ଭାଷାରେ ନାଟକ ସାଧନା ମଞ୍ଚସ୍ଥ କରିଥିଲେ । ନାଟକଟି ଏହି ସତ୍ୟକୁ ଉଜାଗର କରେ କି ଅଦମ୍ୟ ପରିଶ୍ରମ, ଦୃଢ଼ ସଂକଳ୍ପ ଓ ସମର୍ପଣ ଦ୍ୱାରା ମଣିଷ ତା ଜୀବନରେ କୌଣସି ଲକ୍ଷ୍ୟକୁ ସାଧନ କରିପାରେ । ନାଟକର ମୁଖ୍ୟ ଚରିତ୍ର ନୃତ୍ୟାଙ୍ଗନା ଅଞ୍ଜି ଏସିଡ ଆକ୍ରମଣରେ ନିଜର ବାକଶକ୍ତି ଓ ଶ୍ରବଣ ଶକ୍ତି ହରାଇ ମଧ୍ୟ ପରାଜୟକୁ ସ୍ୱୀକାର କରି ନାହିଁ । ତାର ପ୍ରେରଣାର ଉତ୍ସ ତାର ବାପା ହିମାଂଶୁ । ନିଜର କଠୋର ସାଧନା ବଳରେ ଧ୍ୱନି ତରଙ୍ଗର ସ୍ପନ୍ଦନକୁ ଅନୁଭବ ପୂର୍ବକ ପୁନର୍ବାର ସେ ନୃତ୍ୟ ଆରମ୍ଭ କରେ ଏବଂ ପ୍ରସିଦ୍ଧି ଓ ପ୍ରତିଷ୍ଠା ଅର୍ଜନ କରେ । ନିଷ୍ଠା ଓ ସାଧନା ବଳରେ ଅସମ୍ଭବ ସମ୍ଭବରେ ପରିଣତ ହୁଏ । ରଜତ ଜୟନ୍ତୀ ଅବସରରେ ଅଫିସର୍ସ କ୍ଲବ ଠାରେ ୮ମ ଓଡ଼ିଆ ନାଟ୍ୟକାର ସମ୍ମିଳନୀ ଆୟୋଜିତ ହୋଇଥିଲା । ଏହି ନାଟ୍ୟକାର ସମ୍ମିଳନୀକୁ ବିଶିଷ୍ଟ ଔପନାସିକ ଓ ନାଟ୍ୟକାର ଭାଗିରଥି ଦାସ ଉଦଘାଟନ କରିଥିଲେ । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ନାଟ୍ୟକାର ମାନେ ନାଟକର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସଙ୍ଗେ ସଙ୍ଗେ ଭାଗିରଥି ଦାସଙ୍କର ସାରସ୍ୱତ ସାଧନା ଉପରେ ଆଲୋକପାତ କରିଥିଲେ । ବିଶେଷ କରି ଭାଗିରଥି ଦାସଙ୍କ ସହିତ ମୁହାଁ ମୁହିଁ ଏକାକୀ ଆଲୋଚନା ଏକ ଅନନ୍ୟ ପରିବେଶ ସୃଷ୍ଟି କରିଥିଲା ଯେଉଁଥିରେ ଶ୍ରୀ ଦାସ ପ୍ରତିକୂଳ ପରିସ୍ଥିତିରେ ତାଙ୍କର ସାରସ୍ତ ସାଧନାର ଅନେକ ଅତୀତକୁ ନାଟ୍ୟକାର ମାନଙ୍କ ସମ୍ମୁଖରେ ରଖିଥିଲେ । ନାଟ୍ୟକାରମାନେ କହିଥିଲେ କି ନାଟ ମଞ୍ଚନକୁ କାନମାସ ନାଟ୍ୟ ଆନ୍ଦୋଳନରେ ପରିଣତ କରିଛି ଓ ଏହି ଆନ୍ଦୋଳନରେ ଜଣେ ଜଣେ ସାରଥୀ ହେବା ପାଇଁ କାନମାସ ସତେ ଯେପରି ଆମ୍ଭମାନଙ୍କୁ ଆମନ୍ତ୍ରଣ କରୁଛି ଏବଂ କାନମାସର ଚଲାପଥ କୁସୁମିତ ହେଉ ବୋଲି ଆଶା ପ୍ରକାଶ କରିଥିଲେ । ଉଦଯାପନୀ ସନ୍ଧ୍ୟାରେ ବିଶିଷ୍ଟ ନାଟ୍ୟକର, ନିର୍ଦ୍ଦେଶକ ପ୍ରଫେସର ସତ୍ୟବ୍ରତ ରାଉତ, ନାଟ୍ୟକାର ପ୍ରଫେସର ରମାକାନ୍ତ ମିଶ୍ର, ବନ୍ଦର ଡିସି ଅଲେଖ ସାହୁ , ସିଏମ୍‌ଇ ସୁଶିଲ ନାହାକ ଅତିଥି ଭାବେ ଯୋଗଦାନ କରି କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରିବା ସଙ୍ଗେ ସଙ୍ଗେ ମତାମତ ରଖିଥିଲେ କି ପାରାଦୀପ ପରି ସହରରେ ଓଡ଼ିଆ ନାଟକର ରଜତ ଜୟନ୍ତୀ ସଫଳତାର ସହିତ ପାଳନ କରି କାନମାସ ନାଟକ ପ୍ରତି ତାର ପ୍ରତିବଦ୍ଧତାକୁ ପୁନର୍ବାର ପ୍ରତିପାଦିତ କରି ପାରିଛି ଓ ତା ସହିତ ନାଟ୍ୟକାର ସମ୍ମିଳନୀ ଆୟୋଜନ କରି ସବୁ ନାଟ୍ୟକାର ମାନଙ୍କ ସହିତ ପାରାଦୀପର ସାରସ୍ୱତ ତଥା ସାଂସ୍କୃତିକ ଚେତନା ସହିତ ପରିଚିତ କରିପାରିଛି ଏବଂ ସେଥିପାଇଁ କାନମାସର ସମ୍ପାଦକ ଶ୍ରୀମନ ନାରାୟଣ ମିଶ୍ର ତଥା ସମସ୍ତ କର୍ମକର୍ତ୍ତା ଧନ୍ୟବାଦର ପ୍ରିୟପାତ୍ର ହୋଇ ପାରିଛନ୍ତି ।

# ଅନୁଗୋଳ ନଗର ହିନ୍ଦୁ ସମ୍ମିଳନୀ ନିମନ୍ତେ ସାମ୍ବାଦିକ ସମ୍ମିଳନୀ

**ଅନୁଗୋଳ,୩।୨:(ମନ୍ଥନ)**ସ୍ଥାନୀୟ ମାରୱାଡି ପଞ୍ଚାୟତ ଧର୍ମଶାଳା ଠାରେ ଆଗାମୀ ୫ତାରିଖ ( ଗୁରୁବାର ) ହିନ୍ଦୁ ସମ୍ମିଳନୀ ପାଇଁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି । ସମଗ୍ର ହିନ୍ଦୁ ସମାଜ ଦ୍ୱାରା ଆୟୋଜିତ ଏହି ସମ୍ମିଳନୀ ସମ୍ପର୍କରେ ଉପସ୍ଥିତ ସାମ୍ବାଦିକ ମାନଙ୍କୁ ଆୟୋଜନ ସମିତିର ମୁଖ୍ୟ ସଂଯୋଜକ ଅଶୋକ କୁମାର ଜୈନ, ସହ ସଂଯୋଜକ ଅଭୟ ରାୟ ଓ ଚନ୍ଦ୍ରକାନ୍ତ ଧଳ, କାର୍ଯ୍ୟକର୍ତ୍ତା ବିଶନ ଦୟାଲ ତୁଳସିୟାନ, ମନୋଜକୁମାର ଅଗ୍ରୱାଲ , ପୁରୁଷୋତ୍ତମ ଅଗ୍ରୱାଲ ଆଦି ଉପସ୍ଥିତ ରହି ବିଭିନ୍ନ ସୂଚନା ପ୍ରଦାନ କରିଥିଲେ । ହିନ୍ଦୁବ ହିଁ ରାଷ୍ଟ୍ରୀୟତ୍ୱ ଏହି ମୂଳ ଚିନ୍ତନ ଆଧାରରେ ଦୀର୍ଘ ୧୦୦ ବର୍ଷ ଧରି ନିରବଛିନ୍ନ ଭାବେ ରାଷ୍ଟ୍ର କାର୍ଯ୍ୟ କରି ଆସୁଥିବା ରାଷ୍ଟ୍ରୀୟ ସ୍ୱୟଂ ସେବକସଙ୍ଘ ର ଏହା ଶତାବ୍ଦୀ ବର୍ଷ ଭାବେ ସର୍ବତ୍ର ପାଳିତ ହେଉଛି । ଭାରତ ମାତାର ପୁତ୍ର ରୂପୀ ସମାଜ ହିନ୍ଦୁ ସମାଜ ସମସ୍ତ ପ୍ରକାର ସଂକୀର୍ଣ୍ଣ ଚିନ୍ତାଧାରାରୁ ଉପରେ ସମସ୍ତଙ୍କୁ ଆପଣାର କରି ଏକ ସଶକ୍ତ, ସମର୍ଥ ଓ ସମରସତା ପୂର୍ବ ରାଷ୍ଟ୍ର ନିର୍ମାଣ ପାଇଁ ସଂକଳ୍ପବଦ୍ଧ । ତେଣୁ ଏହି ହିନ୍ଦୁ ସମାଜ କୁ ତାର ଗୌରବଶାଳୀ ଅତୀତର ପରମ୍ପରା,




ବୀରବର ଗାଥା ଓ ବସୁଧୈବ କୁଟୁମ୍ବକଂ ର ଭାବ ମନେ ପକାଇ ଦେବା ତଥା ଏହି ଶ୍ରେଷ୍ଠ ଭାବନା ନେଇ ଦେଶକୁ ଆଗେଇ ନେବାର କାମ କରିବା ନିମନ୍ତେ ଏହି ବିଶାଳ ହିନ୍ଦୁ ସମ୍ମିଳନୀର ଆୟୋଜନ କରାଯାଇଅଛି । ବିଭିନ୍ନ ମତ, ପନ୍ଥ, ସାମାଜିକ ଓ ସାଂସ୍କୃତିକ ସଂଗଠନ ତଥା ଜାଗ୍ରତ ହିନ୍ଦୁ ସମାଜର ସକ୍ରିୟ ସହଯୋଗରେ ଆଗାମୀ ତା ୦୫, ୦୨, ୨୦୨୬ ଗୁରୁବାର ଦିନ ଅନୁଗୋଳ ନଗର ସ୍ଥିତଦଶହରା ପଡିଆ । ଠାରେ ସକାଳ ୯ ଘଟିକା ରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ଶାନ୍ତି ଯଜ୍ଞ, ଗୋମାତା ପୂଜନ, ଜ୍ଞାନ ଯଜ୍ଞ ଓ ଅନ୍ନ ଯଜ୍ଞ ତଥା ପ୍ରବଚନ ଆଦି କାର୍ଯ୍ୟକ୍ରମ କୁ ନେଇ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହେବ । ବିଶେଷ କରି ସକାଳ ୧୦ ଘଟିକା ସମୟରେ ଶ୍ରଦ୍ଧାଳୁ ହିନ୍ଦୁ ସମାଜ ଓ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ନଗର ପରିକ୍ରମା କରାଯିବ । ଏହାପରେ ଗୋମାତା ପୂଜନ ଓ ଯଜ୍ଞ ଅନୁଷ୍ଠିତ ହେବ । ସର୍ବ ଶେଷରେ ବିଶିଷ୍ଟ ବକ୍ତାଙ୍କ ମାର୍ଗଦର୍ଶନ ପରେ କାର୍ଯ୍ୟକ୍ରମ ସମାପ୍ତ ହେବ । ଏହି କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ହିନ୍ଦୁ ସମାଜ ଯୋଗ ଦେଇ ସମ୍ମିଳନୀ କୁ ସଫଳ କରିବାକୁ ଆୟୋଜନ ମଣ୍ଡଳୀ ନିବେଦନ କରିଛନ୍ତି ।

ସୃଜନ
ବୁଧବାର, ୦୪ ଫେବୃଆରୀ ,୨୦୨୬ ଭୁବନେଶ୍ୱର
WEDNESDAY, 04 FEBRUARY, 2026, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଲୋକଙ୍କ ଦାନ ଦେବାର ଭାବ ବଦଳୁ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଦିନଥିଲା ଅନେକ ଲୋକ ଖାଇବାକୁ ପାଉନଥିଲେ, ଗ୍ରାମରେ ଦେଢ଼ୀ ଧାନ କରିବାର ଚାଷ ଶ୍ରମିକଙ୍କ ପାଇଁ ଗାଁ ମହାଜନମାନେ କରୁଥିଲେ। ଲୋକେ ଅନେକ ବେଳେ ଖାଇ ବେଳେ ଉପାସ ରହୁଥିଲେ। ଏଇ ପୃଥିବୀର କ୍ଷେତ୍ରଫଳ ପୂର୍ବରୁ ଯାହାଥିଲା ଏବେ ତାହା ରହିଛି ହେଲେ ଚାଷଜମି ପୂର୍ବ ଅପେକ୍ଷା ବାରମ୍ବାର କମିବାରେ ଲାଗିଛି ମାତ୍ର ଲୋକ ସଂଖ୍ୟା କଳ୍ପନାତୀ ଭାବରେ ବଢୁଛି। ଏ ସମୟକୁ ପ୍ରତ୍ୟେକଙ୍କ ଦେଇ ପିଣ୍ଡିରେ ନିଜ, ମା, ଭଉଣୀ ସ୍ତ୍ରୀ ଝିଅ ରୋଷାଇ ବାଦ ଅନେକ ହୋଟେଲ, ଢ଼ାବା, ରେଷ୍ଟୁରାଣ୍ଟ, ଫୁଟପାଥ କଡ଼ରେ ଅନେକ ତ୍ରୁଟିପୂର୍ଣ୍ଣ ସ୍ୱାଦିଷ୍ଟ ଭୋଜନ ଉପଲବ୍ଧ ହେଉଛି। ଏଠି କଥା ଉଠୁଛି, ଯେତେ ଖାଦ୍ୟ ଉପାଦାନ ତାହା କେବେ ସବୁ ଆମ ଦେଖୁଥିବା ଅଞ୍ଚଳରେ ଉପଲବ୍ଧ ନୁହେଁ। ଏପାଇଁ ଆମ ସମସ୍ତଙ୍କୁ ଚିନ୍ତା କରି କିପରି ଆଗାମୀ ଦିନକୁ ସେ ସବୁ ଆମର ଉତ୍ପାଦନର ଦ୍ରବ୍ୟ ହେବ, ଚେଷ୍ଟା ସବୁସ୍ତରରେ ହେବା ଦରକାର। ଏଥିରେ ଆବଶ୍ୟକ ମନୋବାଳ ଉଦଯୋଗ ସାମୁହିକ ସ୍ୱାଧୀନ ଚେତନା। କେବଳ ଧାନ ଚାଷ କରି ତାପରେ ଜମି ପଡ଼ିଆ ବହୁସ୍ଥାନରେ ଦୃଶ୍ୟମାନ କିପରି ସବୁ ଋତୁରେ ବିଭିନ୍ନ ପ୍ରକାରର ଚାଷ ହୋଇପାରେ ତାର ଚିନ୍ତା କରି ସରକାରୀ ଯାଜନା କରାଯିବା ନିହାତି ଆବଶ୍ୟକ। ସବୁଅଛି ମାତ୍ର କାର୍ଯ୍ୟ ତ୍ୱରାନ୍ୱିତ କି ତଦାରଖ ଉପଯୁକ୍ତ ଭାବରେ କରାଯାଉନାହିଁ।

ଅନେକଙ୍କ ଜମି ପଡ଼ିଆ ରହୁଛି କେହି ଉଦଯୋଗୀ ସେହି ଜମିରେ ଚାଷ କରିବା ପାଇଁ ସେ ଚାଷୀକୁ ଅର୍ଥ ସହାୟତା କରିଲେ କଣ ଅମାନୁଷିକ ହେବ? ଅନେକ ରୋଗୀ ଏବେ ଯୁଆଡ଼େ ଚାହଁ ସେଆଡ଼େ ଦେଖାଯିବେ, ବଡ଼ ବଡ଼ ଚିକିତ୍ସାଳୟ ବଣିକମାନେ ଖୋଲ ବିଶ୍ୱାସ ଜନ୍ମା ଚିକିତ୍ସା କରୁଛନ୍ତି, ସରକାରଙ୍କ ଚିକିତ୍ସାଳୟ ଆମ କଟକ ସହରରେ ଅଛି, ବହୁ ଡାକ୍ତରଖାନା ହୋଇପାରେ ମାତ୍ର 'ବଡ଼ଡାକ୍ତରଖାନା' ନାମ କେହି ଘୋଷିତ ହୋଇପାରିବେ ନାହିଁ। ବଦାନ୍ୟ ଜଣେ ନରପତି ମୟୁରଭଞ୍ଜର ରାଜାଙ୍କ ଦାନରେ ଏହା ଆରମ୍ଭ ହୋଇ ଜାତୀୟ ସରକାରଙ୍କ ଦ୍ୱାରା ମାର୍ଜିତ ହୋଇ ହୋଇ ଏ ସମୟକୁ ମାଗଣା ଚିକିତ୍ସା ସେବା ଯୋଗାଉଛି। ହେଲେ ବହୁ ଯନ୍ତ୍ରପାତି କେତେକ ମୂଲ୍ୟବାନ ଔଷଧ ବିଶେଷଜ୍ଞଙ୍କ ଆବଶ୍ୟକ ନିଶ୍ଚେ ଅଭାବ ଅଛି, ଏ ପାଇଁ ଯାହା ସରକାରୀ ଚେଷ୍ଟା, ଅନୁଦାନ ଅଛି ତାକୁ ଆହୁରି ଜୋର କରିବା ପାଇଁ ବଦାନ୍ୟ ବ୍ୟକ୍ତିମାନେ କିଛି କିଛି ଅର୍ଥ ସରକାରୀ ତହବିଲକୁ ଦାନ କଲେ ବହୁପ୍ରକାର ସେବା ଆହୁରି ଆଗକୁ ବଢ଼ନ୍ତା। ସରକାର ପ୍ରତିବର୍ଷ ଯାହା ବାର୍ଷିକ ଦେଉଛନ୍ତି ରୋଗ ଓ ରୋଗୀଙ୍କ ବୃଦ୍ଧି ଯୋଗୁ ନିଅଣ୍ଟ ହେଉଥିବ। ଆଧୁନିକ ଚିକିତ୍ସା ସହାୟକ ଯନ୍ତ୍ରପାତି, ରୋଗ ନିର୍ଣ୍ଣୟ ବ୍ୟବସ୍ଥା ପାଇଁ ସବୁ ଉଦ୍ୟମ କରାଯିବା ପାଇଁ ସବୁ ସ୍ତରର ଲୋକଙ୍କ ଚିନ୍ତନ ହେବା ଦରକାର। କେହି ଚିକିତ୍ସାଳକୁ ଯିବେ ନାହିଁ, ରୋଗ ଭୋଗିବେ ନାହିଁ, ଏମିତି ଦୃଢ଼ ଭାବରେ କହିପାରିବେ ନାହିଁ, କେବେ ନିଜର, ନିଜ ପୁତ୍ର, କନ୍ୟା, ଭାଇ, ବାପା, ମା, ଆତ୍ମୀୟ ସ୍ୱଜନଗଣ, ସ୍ୱବାନ୍ଧବଗଣ ଏହାବାଦ ଗ୍ରାମଲୋକ ସୂର୍ଯ୍ୟବନ୍ଧୁ, କେହି ହେଲେ ଚିକିତ୍ସାଳୟ ଡାକ୍ତରଙ୍କ ଦ୍ୱାରସ୍ଥ ହେବାକୁ ପଡୁଛି, ପଡ଼ିବ। ଡାକ୍ତରୀ ପାଠ ଏ ସମୟରେ ବହୁ ଧାରଣର ଶାଖାରେ ପରିଣତ ହୋଇ ବହୁ ବିଶେଷଜ୍ଞ ଦ୍ୱାରା ଚିକିତ୍ସା ବ୍ୟବସ୍ଥା ସରକାରଙ୍କ ଦ୍ୱାରା ପ୍ରତି ରାଜ୍ୟରେ ଏକ ମୁଖ୍ୟ ଓ ଜିଲ୍ଲାମାନ ମୁଖ୍ୟ ସ୍ଥାନରେ ଅତିରିକ୍ତ ଚିକିତ୍ସାଳୟ କରାଯାଇ, ସମସ୍ତେ ସୁଯୋଗ ଉପଭୋକ୍ତା

ମାତ୍ର ବିଡ଼ମ୍ବନାର ବିଷୟ ବହୁ ଆବଶ୍ୟକ ସ୍ତର ପାଇଁ ଅଭାବ ଅଛି। ପୂର୍ବେ ରାଜକରରେ ରାଜ୍ୟର ପ୍ରଜା ମାନଙ୍କର ସମୂହ ଉନ୍ନତି ହେଲେ ବି କିଛି ସ୍ଥାନୀୟ ପ୍ରଜାଙ୍କ ପାଇଁ ଦେହମେହନନ୍ତ ଆବଶ୍ୟକ ଜାଣି ରାଜା ସେହି ଲୋକଙ୍କୁ ଶ୍ରମରେ ଲଗାଇ ରାଜ କୋଷରୁ କିଛି ଅର୍ଥ ଦେଇ ପୋଲ, ରାସ୍ତା, ପୁଷ୍କରିଣୀ,କୂପ, ବିଦ୍ୟାଳୟ ଆଦି କରାଉଥିଲେ। ଧର୍ମାନୁଷ୍ଠାନ କରି ଭାଇଚାରା ରକ୍ଷା ପାଇଁ ଖୋଦ ରାଜା ସ୍ୱ ରାଜକର୍ମଚାରୀଙ୍କୁ ଲଗାଇ ବିଭିନ୍ନ ଯଜ୍ଞ, ନାମ, ପର୍ବ, ଯାତ୍ରା ବି କରୁଥିଲେ। ଏଥିରେ ଧର୍ମଗୁରୁମାନେ ରାଜାଙ୍କ ଏହି କୀର୍ତ୍ତି ପାଇଁ ରାଜର୍ଷି ଉପାଧି ଭୂଷିତ କରିଥିଲେ। ଏ ସମୟରେ ସେପରି ସଂକ୍ଷିପ୍ତ ରାଜା କ୍ଷେତ୍ରକୁ କରାଗଲେ ବି ବଡ଼ ରାଜ୍ୟ, ଦେଶ ପ୍ରଶାସନ କର୍ମମୁଖର, ଳେଶକ ପ୍ରତିନିଧି ଲୋକ ବାଛି ସରକାର ଚଳାଯାଉଛି, ସେହିଲୋକ ପ୍ରତିନିଧିଙ୍କ ହାତରେ ପାଣ୍ଠି ଦାୟିତ୍ୱରେ ଅଛି ସେମାନେ ଯୁକ୍ତିଯୁକ୍ତ କ୍ଷେତ୍ରରେ ଏହା ଖର୍ଚ୍ଚ କରୁଛନ୍ତି ଏପରିକି ତାଙ୍କର ଅଞ୍ଚଳ ଲୋକଙ୍କ ରୋଗ ଭୋଗ କାଳରେ ସାହାଯ୍ୟ କରୁଛନ୍ତି ସମୁହ କଲ୍ୟାଣ ପାଇଁ ଲୋକଙ୍କୁ ବୁଝାଇ ଏମାନେ ଲୋକଙ୍କ ପାଇଁ ବଡ଼ ଉପକାରୀ କାର୍ଯ୍ୟ ଲୋକଙ୍କ ଶ୍ରମ ଓ ନିଜର ସରକାରୀ ପାଣ୍ଠିରେ କରାଇପାରନ୍ତେ। ଏପରି ହେଲେ ସେମାନେ ରାଜର୍ଷି ସଦୃଶ ପୁଣ୍ୟବାନ ହୋଇପାରନ୍ତେ। ସମୁହ ବିପତ୍ତିର ମୁକାବିଲାରେ କରୋନା ଭୟ ବେଳେ ସରକାର କରିଛନ୍ତି, ଲୋକେ ଜାଣନ୍ତି ନବୀନ ବାବୁଙ୍କ ସରକାର କିପରି ବିଗତକାଳରେ ବାତ୍ୟ ବିପଦ କିପରି ସହାୟତା ଲୋକଙ୍କୁ ଦେଇଛନ୍ତି, ସେତେବେଳରେ କେନ୍ଦ୍ରର ନରେନ୍ଦ୍ର ଜୀଙ୍କ ଅବଦାନ କେବେ କମ ବି ନୁହଁ। ଦଶପାଞ୍ଚ କି ଲାଠି ଏକଜନର ବୋଝ ଏହି ଉକ୍ତିକୁ ମନେପକାଇ ଚିକିତ୍ସା କ୍ଷେତ୍ରରେ ଥିବା ଆବଶ୍ୟକ ପାଇଁ ସମସ୍ତେ ସରକାରଙ୍କ ରୋଗ ଚିକିତ୍ସା ପାଣ୍ଠିକୁ ମନ୍ଦିର ହୁଣ୍ଡିକୁ ଦାନକରି ସମସ୍ତ ଚିକିତ୍ସା ପାଇଁ ଉପାୟ ଜାହିର ରଖନ୍ତୁ। ବହୁ ଧାର୍ମିକ ଆଶ୍ରମ ତରଫରୁ ଭକ୍ତଙ୍କ ଦତ୍ତ ଦାନ ପଇସାରେ ରୋଗୀଙ୍କୁ ମାଗଣା ଚିକିତ୍ସା କରାଯାଉଛି, ରାଜ୍ୟ ସରକାର ଏପରି ଏକ ଅନୁଦାନ ସଂସ୍ଥା ସୃଷ୍ଟିକଲେ କଣ ଅସୁବିଧା ହେବ। ହିନ୍ଦୁ ଜ୍ୟୋତିଷରେ ୧୨ଶ ଭାବ ହେଉଛି ଦାନର ନିର୍ଦ୍ଦେଶକ, ଯେ ମୁକ୍ତିର ଏକ ବିଶେଷ ଉତ୍ସ। ଏହା କାଳ ପୁରୁଷର ପାଦ ରାଶିରେ ମୀନ ରାଶି ମାଲିକ ବୃହସ୍ପତି ଯେ ଦେବଗୁରୁ ତାଙ୍କର ପ୍ରୀତି ସର୍ବଦା ପଞ୍ଚମ ରାଶି ଯେ ସନ୍ତାନଭାବ ତାର ପ୍ରତି ଜାତକର ୫ମରୁ ୮ମ ଭାବ, ୮ମ ଭାବ ଆୟୁ ଭାବ, ଦାନ ଦ୍ୱାରା ସ୍ୱ ସନ୍ତାନ ଜନଙ୍କ ଭବିଷ୍ୟତ ମଙ୍ଗଳପ୍ରଦ ହୁଏ। ଏପରି ସମସ୍ତଙ୍କ ଉତ୍ତର ପୁରୁଷମାନେ ସୁସ୍ଥ ସବଳ ରହିପାରିବେ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ :
୯୪୩୭୦୩୧୨୫୩

# ବଜେଟରେ ଟାର୍ଗେଟ

କେନ୍ଦ୍ରର ବିଜେପି ସରକାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୫୩ ଲକ୍ଷ ୪୭ ହଜାର କୋଟିର ବଜେଟ ଆଗତ କରିଛନ୍ତି ଓ ଏହାକୁ ଯୁବଶକ୍ତିଙ୍କ ବଜେଟ ବୋଲି କୁହାଯାଉଥିବାବେଳେ ଏଥିରେ ଆତ୍ମନିର୍ଭର ଭାରତର ରୋଡ଼ମ୍ୟାପ ପ୍ରସ୍ତୁତ କରାଯାଇଛି ବୋଲି ଅନ୍ୟ କେତେକ ବିଶିଷ୍ଟ ବ୍ୟକ୍ତି ସେମାନଙ୍କର ମୂଲ୍ୟବାନ ମତ ରଖିଛନ୍ତି ଓ ବଜେଟରେ ବିନିର୍ମାଣ ଓ ଭିତ୍ତିଭୂମି କ୍ଷେତ୍ରକୁ ବୁଷ୍ଟରଡୋଜ ଦିଆଯାଇଛି ବୋଲି କେତେକ ଗଣମାଧ୍ୟମରେ ଉଲ୍ଲେଖ କରାଯାଇଛି । ଭିତ୍ତିଭୂମି ବିକାଶକୁ ୧୧ ଲକ୍ଷ କୋଟି ମଞ୍ଜୁର କରାଯାଇଥିବାବେଳେ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରର ବିକାଶ ପାଇଁ ୪୦ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ବଜେଟରେ ପ୍ରତିରକ୍ଷା କ୍ଷେତ୍ର ପାଇଁ ବ୍ୟୟ ବରାଦ ୧୫ ପ୍ରତିଶତ ବୃଦ୍ଧି କରାଯାଇଛି । ପ୍ରତିରକ୍ଷା କ୍ଷେତ୍ରକୁ ନେଇ ଅନେକ ପ୍ରଶ୍ନ ଉଠିଛି ଓ କାହିଁକି ସରକାର ପ୍ରତିରକ୍ଷା କ୍ଷେତ୍ର ପାଇଁ ବ୍ୟୟ ବରାଦ ବଢ଼ାଇଛନ୍ତି ।ହୁଏତ ପ୍ରତିରକ୍ଷା ସାମଗ୍ରୀ କ୍ରୟ କରାଯାଇପାରେ ଓ ଏଥିରେ କମିଶନଖୋରୀ ପାଇଁ ସୁଯୋଗ ରହିଛି ଓ ଫ୍ରାନ୍ସଠାରୁ ରାଫେଲ ବିମାନ କ୍ରୟରେ ଏପରି ଗମ୍ଭୀର ଅଭିଯୋଗ ଉଠିଥିଲା । କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର ତୁଳନାରେ ଅଧିକ ୩ ଗୁଣ ମୂଲ୍ୟରେ ରାଫେଲ ବିମାନ କ୍ରୟ କରାଯାଇଥିଲ। କିନ୍ତୁ ଟେକ୍ନୋଲୋଜି ଟ୍ରାନ୍ସଫର ହୋଇନଥିଲା ଓ ରାଫେଲ ବିମାନ କିଣାରେ ଦୁର୍ନୀତି ଅଭିଯୋଗ ନେଇ ସଂସଦରେ ଝଡ ସୃଷ୍ଟି ହୋଇଥିଲା ଓ ମାମଲା ସୁପ୍ରିମକୋର୍ଟରେ ମଧ୍ୟ ପହଞ୍ଚିଥିଲା । କିନ୍ତୁ ସରକାର ଏହି ଦୁର୍ନୀତି ଅଭିଯୋଗକୁ ଘଣ୍ଟ ଘୋଡାଇବାରେ ସଫଳ ହୋଇଥିଲେ ।ଅପରେସନ ସିନ୍ଦୁରରେ ଭାରତର ୩ଟି ରାଫେଲ ବିମାନକୁ ପାକିସ୍ତାନ ଧ୍ୱଂସ କରିଥିଲା । କିନ୍ତୁ ସରକାର ଏହାକୁ ମଧ୍ୟ ସ୍ୱୀକାର କରିନଥିଲେ ଓ ପାକିସ୍ତାନ ସହିତ ଏହି ଯୁଦ୍ଧ ନେଇ ଆମର ପ୍ରତିରକ୍ଷା ନୀତି ଉପରେ ଆଜି ପର୍ଯ୍ୟନ୍ତ ଅନେକ ଅସମାହିତ ପ୍ରଶ୍ନ ଉଙ୍କି ମାରୁଛି । ଭାରତୀୟ ସେନା ଆକ୍ରମଣାତ୍ମକ ମୋଡ଼ରେ ଥିବାବେଳେ ହଠାଥ ଯୁଦ୍ଧବିରତି ଘୋଷଣା ଦେଶବାସୀଙ୍କୁ ଏବେ ବି ବିଚ଼ଳିତ କରୁଛି ଓ ପୁଣି ଯୁଦ୍ଧବିରତି କରାଇଛନ୍ତି ବୋଲି ଆମେରିକା ରାଷ୍ଟ୍ରପତି ଘୋଷଣା କରିବା ଭାରତ। ଭାରତୀୟ ସେନା ପାଇଁ ଅତ୍ୟନ୍ତ ଲଜ୍ଜାଜନକ ଘଟଣା । ଏବେ ଜଣେ ଅବସରପ୍ରାପ୍ତ ସେନାମୁଖ୍ୟଙ୍କର ଏକ ଅପ୍ରକାଶିତ ପୁସ୍ତକଙ୍କୁ ନେଇ ସଂସଦରେ ହାଙ୍ଗାମା ସରକାରଙ୍କୁ ଅଡୁଆରେ ପକାଇଛି । ନେତା ପ୍ରତିପକ୍ଷ ରାହୁଲ ଗାନ୍ଧୀ ଏହି ଗମ୍ଭୀର ପ୍ରସଙ୍ଗ ସଂସଦରେ ଉଠାଇଛନ୍ତି । ସେନାମୁଖ୍ୟଙ୍କ ଏହି ପୁସ୍ତକ ପ୍ରକାଶନ ପାଇଁ ସରକାର ଅନୁମତି ଦେବାରେ ବିଳମ୍ବ କରୁଛନ୍ତି । କାରଣ ଏହି ପୁସ୍ତକରେ ପ୍ରତିରକ୍ଷା ବିଭାଗର ଉଦାସୀନତା ନେଇ ଉଲ୍ଲେଖ ରହିଛି । ଚ଼ୀନ ସହିତ ଏକ ମୁକାବିଲା ସମୟରେ ସେନାମୁଖ୍ୟଙ୍କୁ ଯୁଦ୍ଧ ପାଇଁ ସରକାର ଅନୁମତି ଦେବାରେ ଅହେତୁକ ବିଳମ୍ବ କରିଥିଲେ ଓ ସରକାରଙ୍କ ଠାରୁ ନିର୍ଦ୍ଦେଶ ପାଇବା ପାଇଁ ସମ୍ବେଦନଶୀଳ ମୁହୂର୍ତ୍ତରେ ସେନାମୁଖ୍ୟ ପ୍ରତିରକ୍ଷା ମନ୍ତ୍ରୀ, ଜାତୀୟ ସୁରକ୍ଷା ଉପଦେଷ୍ଟା,ବିଦେଶ ମନ୍ତ୍ରୀଙ୍କ ସହିତ ଯୋଗାଯୋଗ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ କୌଣସି ନିର୍ଦ୍ଦେଶ ପାଇନଥିଲେ ଓ ସେହିପରି ଗଲୱାନ ଘାଟିରେ ଚ଼ୀନ ନିର୍ମମ ଭାବରେ ୨୦ ଜଣ ଭାରତୀୟ ସେନାଙ୍କୁ ହତ୍ୟା କରି ଭାରତର ଜମି କବଜା କରିଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ଏହାକୁ ଅସ୍ୱୀକାର କରିଥିଲେ ଓ ସୈନ୍ୟ ସଂଖ୍ୟା ପ୍ରତି ଦୃଷ୍ଟି ନଦେଇ ଅସ୍ତ୍ରଶସ୍ତ୍ର ସଂଖ୍ୟା ବଢ଼ାଇଲେ ବଜେଟର କେଉଁ ଟାର୍ଗେଟ ପୂରଣ ହେବ ତାହା ସରକାରଙ୍କୁ ଜଣା ଓ ପ୍ରଚ଼ଳିତ ପଦ୍ଧତିକୁ ଉଠାଇ ଦେଇ ସରକାର ଅଗ୍ନିବୀର ପଦ୍ଧତି ଲାଗୁ କଲେ ଯାହାକି ନିଯୁକ୍ତି ପ୍ରକ୍ରିୟାରେ ଏକପ୍ରକାର ବାଧକ ସାଜିଲା ଓ ପ୍ରତିରକ୍ଷା ବ୍ୟବସ୍ଥା ଉପରେ ସରକାର ଏକାଚ଼ାଟିଆ ଭାବରେ ଏପରି ନିଯୁକ୍ତି ପ୍ରକ୍ରିୟା ଲଦି ଦେଲେ ଯାହା ଆଜି ପର୍ଯ୍ୟନ୍ତ ଗ୍ରହଣୀୟ ହୋଇପାରୁନାହିଁ । ତେଣୁ ବଜେଟରେ ପ୍ରତିରକ୍ଷା ବ୍ୟୟ ବଢ଼ାଇ କେବଳ ବିଦେଶୀ ଶକ୍ତିମାନଙ୍କ ଠାରୁ ଅସ୍ତ୍ରଶସ୍ତ୍ର କ୍ରୟ କରିବାର ମସୁଧା ପ୍ରତିରକ୍ଷା ବିଶେଷଜ୍ଞମାନଙ୍କ ମଧ୍ୟରେ ପ୍ରଶ୍ନବାଚ଼ୀ ସୃଷ୍ଟି କରୁଛି । ପୁନଶ୍ଚ ଡଲାର ତୁଳନାରେ ଟଙ୍କାର ଅବମୂଲ୍ୟାୟନ ସହିତ ଋଣଭାର ବୃଦ୍ଧି ଚ଼ିନ୍ତା ବଢ଼ାଇ ଦେଇଛି । ୨୦୧୪ରେ ଋଣଭାର ମାତ୍ର ୫୫ ଲକ୍ଷ କୋଟି ଥିଲା ଯାହାକି ବର୍ତ୍ତମାନ ୨୯୦ ଲକ୍ଷ କୋଟିରେ ପହଞ୍ଚିଲାଣି । ବିଶ୍ୱ ବ୍ୟାଙ୍କ ତାଲିକାରେ ଭାରତ ଋଣ ନେବାରେ ପ୍ରଥମ ସ୍ଥାନ ଅଧିକାର କରିଛି ଓ ଭାରତର ଅର୍ଥନୀତିକୁ ଆମେରିକା ' ମୃତ ଅର୍ଥନୀତି ' ବୋଲି ଘୋଷଣା କରିବା ସତ୍ତ୍ୱେ ସରକାରଙ୍କ ନିଦ ଭାଙ୍ଗୁନାହିଁ ।ମହିଳାମାନଙ୍କୁ ରେବଡି ବଣ୍ଟନ କରି କ୍ଷମତା ଦଖଲ କରିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ହୋଇଛି । ତେଣୁ ପ୍ରତିରକ୍ଷା ବଜେଟ ବଢାଇବା କେବଳ ଏକ ଧୂଆଁବାଣ କହିଲେ ଅତ୍ୟୁକ୍ତି ହେବ ନାହିଁ । ଆମର ପରମ ଶତ୍ରୁ ଚ଼ୀନ ଓ ପାକିସ୍ତାନ କ୍ରମାଗତ ଭାବରେ ଶକ୍ତିଶାଳୀ ହେଉଥିବାବେଳେ ଭାରତ ସରକାର କେବଳ ଦଳ ଓ କ୍ଷମତା ସର୍ବସ୍ୱ ରାଜନୀତିରେ ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱସନୀୟତା ହରାଇ ବସିଲେଣି ।

# ମହାପ୍ରଭୁଙ୍କ ଅନନ୍ୟ ନୀତିକାନ୍ତି : 'ଏକାନ୍ତ'

**କବୀର କୁମାର ଜେନା**

ମହାପ୍ରଭୁ, ରୂପରେ ତିନି ହେଲେ ମଧ୍ୟ ଗୋଟିଏ ରୂପରେ ସେ ଆବିର୍ଭୁତ ସେ ଜଗନ୍ନାଥ, ଭକ୍ତପ୍ରିୟ ଗୋଟିଏ ନାମ। ସେ ହିଁ ଜଗନ୍ନାଥ। ସମସ୍ତଙ୍କୁ ଆହ୍ଲାଦିତ, ବିମୋହିତ କରନ୍ତି ଏହି ଜଗନ୍ନାଥ। ଚାରୋଟି ଦେବତା, ଚାରୋଟି ରୂପ : ଶ୍ୱେତଃ, କୃଷ୍ଣ, ପୀତ ଓ ଲୋହିତ। ଏହି ଚାରୋଟି ବର୍ଣ୍ଣ ଓ ବିଶ୍ୱ ସକଳ ମଣିଷ ମାନଙ୍କର ବର୍ଣ୍ଣ। ସତେ ଯେପରି ସବୁ ଦେବତାଙ୍କ ଭିତରେ ସବୁ ମଣିଷ ମିଳିଯାଇଛନ୍ତି ସମସ୍ତେ ଏକ ହୋଇ ଯାଇଛନ୍ତି। ଭେଦରେ ଅଭେଦ ଏହି ମୂର୍ତ୍ତି ଚତୁଷ୍ଟୟଙ୍କ ବାଣୀ ମନ୍ତ୍ର, ମୂର୍ତ୍ତି ଚାରି। ଅଥଚ ସବୁ ହିଁ ଜଣେ ସେ ଏକ ଜଗନ୍ନାଥ। ଚାରି ବର୍ଣ୍ଣରେ ଚଉବର୍ଗ ଦେବାକୁ ସେ ଭରଷି ଦେବାକୁ ବେଶ ସମର୍ଥ। ସେ ଜଗତର ନାଥ ଜଗନ୍ନାଥ। ମହାପ୍ରଭୁଙ୍କ ଦୈନନ୍ଦିନ ରୀତିନୀତି ବାସ୍ତବରେ ଅନନ୍ୟ, ଅସାଧାରଣ ଓ ଏହାର ପରିଚାଳନା ମଧ୍ୟ ବେଶ ଦକ୍ଷ୍ୟ। ଶ୍ରୀମନ୍ଦିରରେ ରହିଥିବା ଅନେକ ନୀତିକାନ୍ତି ଭିତରୁ ଗୋଟିଏ ହେଉଛି ଯାହାର ନାମ 'ଏକାନ୍ତ'। ଆମ ଓଡ଼ିଆ ଭାଷା ବ୍ୟବସ୍ଥାରେ ଏହାର ଭିନ୍ନ ଭିନ୍ନ ଅର୍ଥ ରହିଛି। ଏକାନ୍ତକୁ ଅତି କ୍ଷେତ୍ରରେ ବ୍ୟବହାର କରାଯାଇଛି ଯେପରି ଅତ୍ୟନ୍ତ, ଅତିଶୟ କିନ୍ତୁ ଓଡ଼ିଆ ଭାଷା ତଥ୍ୟ ସହିତ ଶ୍ରୀମନ୍ଦିରର ନୀତିକାନ୍ତି ବ୍ୟବସ୍ଥାରେ ଏହାର ଅର୍ଥ ହେଉଛି ନିର୍ଜନ, ଯାହାକୁ ନିରୋଳା ବି କୁହାଯାଇପାରେ। ତେଣୁ ସ୍ୱାଭାବିକ ଭାବରେ ଏହି ନୀତିକାନ୍ତିଟି ଯେ ଏକ ଗୋପନୀୟ ନୀତି ବ୍ୟବସ୍ଥାରେ ପରିପୂର୍ଣ୍ଣ ଏହା ସୁସ୍ପଷ୍ଟ। ଶ୍ରୀମନ୍ଦିରର ସତ୍ୱଲିପିର ପ୍ରାରମ୍ଭିକ ସମୟର ଉଲ୍ଲେକ ଓ ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିରର ନିୟମିତ ନୀତିକାନ୍ତିରେ ଏହା ସ୍ଥାନିତ ହୋଇଛି। ପ୍ରତି ଗୁରୁବାର ରାତିରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଦେବୀ ଲକ୍ଷ୍ମୀଙ୍କ ଗୋପନୀୟ ନିଭୃତ ମିଳନ ହୋଇଥାଏ। ଏହି ଗୋପନୀୟ ସେବାର ନାମ ହେଉଛି 'ଏକାନ୍ତ'। ବ୍ୟବସ୍ଥା ଅନୁଯାୟୀ ଆଜ୍ଞାମାଳ ପ୍ରାପ୍ତ ହେବାପରେ ଶ୍ରୀଜଗନ୍ନାଥଙ୍କ ବିଜେ ପ୍ରତିମା ଶ୍ରୀମଦନମୋହନ ଓ ଶ୍ରୀଦେବୀଙ୍କ ଦ୍ୱାରା ଏହି ନୀତିକାନ୍ତି ଅନୁଷ୍ଠିତ ହୋଇଥାଏ।

ଶ୍ରୀମନ୍ଦିର ସମ୍ପର୍କରେ ଗବେଷଣାତ୍ମକ ଲେଖନୀ ଚାଳନା କରୁଥିବା ବିଶିଷ୍ଟ ଶ୍ରୀଜଗନ୍ନାଥ ଗବେଷକ ସୁସାହିତ୍ୟିକ ଅସୀତ ମହାନ୍ତିଙ୍କ ତଥ୍ୟ ଅନୁଯାୟୀ - 'ଏହି ନୀତି ନିମନ୍ତେ ଆଜ୍ଞାମାଳ ପ୍ରଦାନ ରୀତି ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ। ଗୁରୁବାର ଦିନ ସଂଧ୍ୟାଧୂପ ପରେ, ଦକ୍ଷିଣିଘରୁ,



ଶ୍ରୀମଦନମୋହନ ରତ୍ନସିଂହାସନକୁ ବିଜେ ହୁଅନ୍ତି। ତାହା ପୂର୍ବରୁ ଶ୍ରୀଜଗନ୍ନାଥଙ୍କ ଦୁଇ ଭୁଜରେ ଦୁଇଖଣ୍ଡ ଆଜ୍ଞାମାଳ ଲାଗି ହୋଇଥାଏ। ତୁଳସୀ ମିଶ୍ରିତ ଆଜ୍ଞାମାଳ ଦକ୍ଷିଣ ଭୁଜରେ ଏବଂ ସାଦା ଆଜ୍ଞାମାଳ ବାମ ଭୁଜରେ। ଦକ୍ଷିଣ ଭୁଜର ଆଜ୍ଞାମାଳ ଶ୍ରୀମଦନମୋହନଙ୍କୁ ଏବଂ ବାମ ଭୁଜର ଆଜ୍ଞାମାଳ ରତନସିଂହାସନରେ ବିରାଜିତା ଶ୍ରୀଦେବୀଙ୍କୁ ଦିଆଯାଏ।

ସେହି ଆଜ୍ଞାମାଳ ପାଇବା ପରେ, ଶ୍ରୀମଦନମୋହନ ଓ ଶ୍ରୀଦେବୀ ମହାଜନ ସେବକଙ୍କ ହାତରେ ବିଜେ ହୋଇ ଯାଇ ପାଲିଙ୍କିରେ ବସନ୍ତି ଏବଂ ସେହି ପାଲିଙ୍କି ଯାଇ ଶ୍ରୀମନ୍ଦିର ପରିସରରେ ନିଶାନୃସିଂହଙ୍କ ନିମ୍ନଦେଶରେ ରହେ। ସେଠାରୁ ଶ୍ରୀମଦନମୋହନ ଓ ଶ୍ରୀଦେବୀ ମହାଜନ ସେବକଙ୍କ ହାତରେ ବିଜେ ହୋଇ ଶ୍ରୀଭୁବନେଶ୍ୱରୀ (ସରସ୍ୱତୀ)ଙ୍କ ମନ୍ଦିର ଭିତରେ ପଶି, ମା'ଲକ୍ଷ୍ମୀଙ୍କ ମନ୍ଦିରର ଜଗମୋହନକୁ ଯାଇ ସେଠାରେ ପଡ଼ିଥିବା ପଲଙ୍କରେ ବିଜେ ହୁଅନ୍ତି। ସେଠାରେ ସେ ଦୁହିଁଙ୍କୁ ବିଧି ଅନୁସାରେ ଶୀତଳଭୋଗ ଲାଗି, କର୍ପୂର ଓ ବଳିତା ଆଳତି ଏବଂ ଅକ୍ଷତ ବନ୍ଦାପନା କରାଯାଏ।'

ଶେଷ ନୀତିକାନ୍ତି ବ୍ୟବସ୍ଥା ଅନୁଯାୟୀ ଶ୍ରୀମଦନମୋହନ ଓ ଶ୍ରୀଦେବୀ ଏକାନ୍ତ ମିଳନ ପରେ ପାଲିଙ୍କିରେ ଜଗମୋହନକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ଶ୍ରୀଦେବୀଙ୍କ ରତ୍ନସିଂହାସନ ବିଜେ ହୋଇଥାଏ ଓ ଶ୍ରୀମଦନମୋହନଙ୍କର ପ୍ରତ୍ୟାବର୍ତ୍ତନ ହୋଇଥାଏ ଦକ୍ଷିଣୀ ଘରକୁ ଏହା ହିଁ ହେଉଛି ଶ୍ରୀମନ୍ଦିର ନୀତିକାନ୍ତିରେ ରହିଥିବା 'ଏକାନ୍ତ' ନୀତିକାନ୍ତି। ଲୀଳାମୟ ମହାପ୍ରଭୁଙ୍କ ଏହି ଅନନ୍ୟ ଦିବ୍ୟ ଲୀଳା ଆମ ସାମାଜିକ ଜନଜୀବନକୁ ଏକ ସୁନ୍ଦର ଶିକ୍ଷା ପ୍ରଦାନ କରିଛି। ଗୃହର ମୁଖ୍ୟ ନିଜ କର୍ମସଂସ୍ଥାନରେ, ଗୁଜୁରାଣରେ ଯେତେ ବ୍ୟସ୍ତ ରହୁଥିଲେ ମଧ୍ୟ ନିଜର ସହଧର୍ମିଣୀଙ୍କ ପାଇଁ ସପ୍ତାହରେ ଅନ୍ତତଃପକ୍ଷେ କିଛି ସମୟ ବିତାଇବା ଉଚିତ। ଏହା ପରିବାରର ସଂପ୍ରତି ଆନନ୍ଦ, ଶାନ୍ତି ପାଇବା ନିମିତ୍ତ ଆବଶ୍ୟକ ହୋଇଥାଏ। ତେବେ ତଥ୍ୟ ଅନୁଯାୟୀ ଶ୍ରୀମନ୍ଦିରର ବ୍ୟବସ୍ଥାରେ ଉଲ୍ଲେଖ ରହିଛି ଯେ ଏହି ନୀତି ଯଦି ଗୁରୁବାର ସମ୍ପନ୍ନ ହେଉଥିବାରୁ ସେ ଦିନ ଯଦି ଏକାଦଶୀ ତିଥି ପଡ଼େ ତେବେ ଏହି ନୀତି ସମ୍ପନ୍ନ ହୋଇନଥାଏ। ପୁରାଣ ଶାସ୍ତ୍ରରେ ଏକାଦଶୀ ତିଥିରେ ପତିପତ୍ନୀଙ୍କ ଏକାନ୍ତ ମିଳନ ନିମିତ୍ତ ବାରଣ ରହିଛି। ସେହିପରି ଶ୍ରୀମନ୍ଦିରରେ କେତେକ ବିଶେଷ ନୀତି ସମ୍ପନ୍ନ ହେଉଥିବାବେଳେ ଗୁରୁବାରର ଏହି ଏକାନ୍ତ ନୀତି ହୋଇପାରି ନଥାଏ। ଜଗନ୍ନାଥ ଉକ୍ତିରେ ଠାକୁର, ସେ ରୂପ ହୋଇ ମଧ୍ୟ ଅରୂପ, ଆକାର ପରି ଦିଶୁଥିଲେ ମଧ୍ୟ ନିରାକାର। ସେ ନିର୍ଗୁଣ ହୋଇ ବି ସଗୁଣ। ସେ ଶୂନ୍ୟ ଶୂନ୍ୟ ମହାଶୂନ୍ୟ ହୋଇ ମଧ୍ୟ ମହାକାରୁଣ୍ୟ। ତେଣୁ ସେ କରୁଣା ସାଗର, କୃପାସିନ୍ଧୁ। ମହାପ୍ରଭୁଙ୍କ ଏହି ଅନ୍ୟତମ ଲୀଳାପରିପୂର୍ଣ୍ଣ ନୀତିକାନ୍ତି ବ୍ୟବସ୍ଥା ବାସ୍ତବିକ ଆମ ସମସ୍ତଙ୍କ ଜନଜୀବନ ପାଇଁ ଏକ ଶିକ୍ଷା। ମହାପ୍ରଭୁଙ୍କ କୃପା ପ୍ରତିଟି ପରିବାରର ଆନନ୍ଦକୁ ଉଜ୍ଜୀବିତ କରୁ, ମହାପ୍ରଭୁଙ୍କ ଲୀଳାରେ ଅନେକ ସମୃଦ୍ଧ ହୁଅନ୍ତୁ ଏହା ହିଁ ପ୍ରାର୍ଥନା।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୮୯୧୭୩୭୭୯୮୭

# ମେନ୍‌ଷ୍ଟ୍ରୁରାଲ ମାଇଗ୍ରେନ୍

**ଡାକ୍ତର ଶୁଭଶ୍ରୀ ମିଶ୍ର**

ମାସିକ ଋତୁସ୍ରାବ ମାଇଗ୍ରେନ ଯାହାକୁ ହରମୋନ ମାଇଗ୍ରେନ ମଧ୍ୟ କୁହାଯାଏ। ଏହା ଏକ ଅବସ୍ଥା ଯାହା ମହିଳାମାନଙ୍କୁ ସେମାନଙ୍କର ମାସିକ ଋତୁସ୍ରାବ ପୂର୍ବରୁ କିମ୍ବା ସମୟରେ ପ୍ରଭାବିତ କରେ। ଏହା ସାଧାରଣ ମୁଣ୍ଡବିନ୍ଧା ଠାରୁ ଯଥେଷ୍ଟ ଭିନ୍ନ ଏବଂ ଅଧିକ ଯନ୍ତ୍ରଣାଦାୟକ। ଏହା ମୁଖ୍ୟତଃ ଶରୀରର ଇଷ୍ଟ୍ରୋଜେନ ଏବଂ ପ୍ରୋଜେଷ୍ଟେରନ ହରମୋନ ସ୍ତରର ହଠାତ୍ ହ୍ରାସ ଯୋଗୁଁ ହୋଇଥାଏ। ଯେତେବେଳେ ଇଷ୍ଟ୍ରୋଜେନ ସ୍ତର ହ୍ରାସ ପାଏ ଏହା ମସ୍ତିଷ୍କରେ ସେରୋଟୋନିନ୍ ଭଳି ରାସାୟନିକ ପଦାର୍ଥକୁ ପ୍ରଭାବିତ କରେ ଯାହା ସ୍ନାୟୁ ପ୍ରଦାନ ଏବଂ ଗୁରୁତର ଯନ୍ତ୍ରଣା ସୃଷ୍ଟି କରେ। ଅନେକ ମହିଳା ସାଧାରଣ ଦିନଗୁଡ଼ିକରେ କେବେ ମାଇଗ୍ରେନ ଅନୁଭବ କରନ୍ତି ନାହିଁ କିନ୍ତୁ ଇଷ୍ଟ୍ରୋଜେନରେ ତୀବ୍ର ହ୍ରାସ ହେତୁ ସେମାନେ କେବଳ ସେମାନଙ୍କର ମାସିକ ଋତୁସ୍ରଳାବ ସମୟରେ ମାଇଗ୍ରେନ ଅନୁଭବ କରନ୍ତି। କିନ୍ତୁ ଲୋକ ଏହାକୁ ଶୁଦ୍ଧ ମାସିକ ଋତୁସ୍ରାବ ମାଇଗ୍ରେନ ମଧ୍ୟ କୁହନ୍ତି। ମହିଳାମାନେ ସେମାନଙ୍କର ମାସିକ ଋତୁସ୍ରାବ ସମୟରେ ମୁଣ୍ଡବିନ୍ଧା ଅନୁଭବ କରୁଥିବା ବେଳେ ସେମାନେ କେତେକ ସମୟରେ ସେମାନଙ୍କର ମାସିକ ଋତୁସ୍ରାବ ସମୟରେ ଦୁଇ ଦିନ ପୂର୍ବରୁ କିମ୍ବା ତିନିଦିନ ପରେ ଗୁରୁତର ମୁଣ୍ଡବିନ୍ଧା ଅନୁଭବ କରିପାରନ୍ତି।

ଏହା ସୂଚୀତ କରେ ଯେ ସେମାନଙ୍କର ମସ୍ତିଷ୍କ ହରମୋନ ପରିବର୍ତ୍ତନ ପ୍ରତି ବହୁତ ସମ୍ବେଦନଶୀଳ। ଏହି ଯନ୍ତ୍ରଣା ପ୍ରାୟତଃ ମୁଣ୍ଡର ଗୋଟିଏ ଅଂଶରେ ଅନୁଭବ ହୁଏ। ଏହି ଅବସ୍ଥାକୁ ଚିହ୍ନିବା ଗୁରୁତ୍ୱପୂର୍ଣ୍ଣ କାରଣ ଏହାର ଚିକିତ୍ସା ଏବଂ ପରିଚାଳନା ସାଧାରଣ ଟେନ୍ସନ ମୁଣ୍ଡବିନ୍ଧା ଠାରୁ ସାମାନ୍ୟ ଭିନ୍ନ। ଏହି ମାଇଗ୍ରେନର ଲକ୍ଷଣ ଗୁଡ଼ିକ ଆପଣଙ୍କ ମାସିକ ଋତୁସ୍ରାବ ଆରମ୍ଭ ହେବାର ଦୁଇ ଦିନ ପୂର୍ବରୁ ଦେଖାଯାଇପାରେ। ଏଥିରେ ଆପଣଙ୍କ ମୁଣ୍ଡର ଗୋଟିଏ ପାର୍ଶ୍ୱରେ ତୀକ୍ଷ୍ଣ, ଛୁରାମାଡ଼ ଭଳି ଯନ୍ତ୍ରଣା, ବାନ୍ତି, କିମ୍ବା ଜୋର ଶବ୍ଦ ପ୍ରତି ସମ୍ବେଦନଶୀଳତା ବୃଦ୍ଧି ଅନ୍ତର୍ଭୁକ୍ତ। କିଛି ମହିଳା ମୁଣ୍ଡ ବୁଲାଇବା, ଥକ୍କାପଣ ଏବଂ ଏକାଗ୍ରତା ହ୍ରାସ ପରି ଲକ୍ଷଣ ମଧ୍ୟ ଅନୁଭବ କରନ୍ତି ଯାହା ସେମାନଙ୍କ ଦୈନନ୍ଦିନ କାର୍ଯ୍ୟକୁ ଗୁରୁତ୍ୱପୂର୍ଣ୍ଣ ଭାବେ ପ୍ରଭାବିତ କରେ। ଋତୁସ୍ରାବ ମାଇଗ୍ରେନର ସବୁଠାରୁ ବଡ଼ କାରଣ ହେଉଛି ଚାପ, ନିଦ୍ରା ଅଭାବ ଏବଂ ଅତ୍ୟଧିକ କ୍ୟାଫିନ ସେବନ ଅବସ୍ଥାକୁ ଆହୁରି ଖରାପ କରିପାରେ। ଆପଣଙ୍କ ଋତୁସ୍ରାବ ସମାପ୍ତ ହେବା ପରେ ଯନ୍ତ୍ରଣା ଧିରେ ଧିରେ କମିଯାଏ। ଆପଣଙ୍କ ଜୀବନଶୈଳୀରେ ପରିବର୍ତ୍ତନ କରିବା ହେଉଛି ଋତୁସ୍ରାବ ମାଇଗ୍ରେନକୁ ରୋକିବାର ସବୁଠାରୁ ପ୍ରଭାବଶାଳୀ ଉପାୟ। ମେନ୍‌ଷ୍ଟ୍ରୁରାଲ ମାଇଗ୍ରେନ୍,ଏହାକୁ ନେଇ ଭୟଭୀତ ହୁଅନ୍ତୁ ନାହିଁ। ସ୍ତ୍ରୀ ଓ ପ୍ରସୂତୀ ସମ୍ବନ୍ଧୀୟ ସମସ୍ତ ସରକାରୀ ସ୍ୱାସ୍ଥ୍ୟସେବାର ସୁବିଧା ଓ ସୁଯୋଗ ନିଅନ୍ତୁ। ଡାକ୍ତରଙ୍କୁ ଦେଖାନ୍ତୁ ଓ ପରାମର୍ଶ ନେଇ ଆରୋଗ୍ୟ ଲାଭ କରନ୍ତୁ। ତେବେ କେତେକ କ୍ଷେତ୍ରରେ ଦେଖାଯାଏ ଅନ୍ୟ ମାନଙ୍କ କଥା ଶୁଣି ବା ସୋସିଆଲ ମିଡ଼ିଆର କିଛି ସହଯୋଗ ନେଇ ନିଜେ ନିଜେ ଚିକିତ୍ସା ଆରମ୍ଭ କରିଦେଉଛନ୍ତି। ଏହା କିନ୍ତୁ ନିଶ୍ଚିନ୍ତ ଭାବେ କ୍ଷତିକାରକ। ଏହି ସମସ୍ୟାର ପ୍ରାରମ୍ଭିକ ସମୟରେ ଡାକ୍ତରୀ ପରାମର୍ଶ ଦ୍ୱାରା ଆପଣ ଉପଶମ ପାଇପାରିବେ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, କଟକ,
E-mail : drsubhashreemishra890@gmail.com

ସମ୍ପାଦକଙ୍କୁ ପତ୍ର

# ସରକାରୀ ମିଟରରୁ ବେଆଇନ ଭଡ଼ା ଆଦାୟ

**ଶ୍ୟାମ ସୁନ୍ଦର ସାମଲ**

ରାଜ୍ୟରେ ଟାଟା ପାୱାର ବିଜୁଳି ଉପଭୋକ୍ତାଙ୍କୁ ଶୋଷଣ କରି ଚାଲିଛି। ଅତିରିକ୍ତ ସିକ୍ୟୁରିଟି ଡିପୋଜିଟ ପାଇଁ ଘରେ ଘରେ ନୋଟିସ ଦିଆଯାଇଛି। ଜୋର ଜବରଦସ୍ତ ସ୍ମାର୍ଟ ମିଟର ବସାଯାଉଛି। ସରକାରୀ ମିଟରରୁ ତିନି ଶହ କୋଟି ଟଙ୍କା ବେଆଇନ ଭାବେ ଟାଟା ପାୱାର ଆଦାୟ କରିଛି। ସୂଚନାଥାଉକି ୨୦୨୦ ମସିହାରୁ ସୌଭାଗ୍ୟ ଓ ଆଇପିଡ଼ିଏସ ଯୋଜନାରେ ଚାରୋଟି ଯାକ ବିଦ୍ୟୁତ ବିତରଣ କମ୍ପାନୀ ବେଆଇନ ଭାବେ ଆଦାୟ କରିଚାଲିଛନ୍ତି।

ସୂଚନାଥାଉକି ରାଜ୍ୟରେ ମୋଟାମୋଟି ବିଦ୍ୟୁତ ଉପଭୋକ୍ତାଙ୍କ ସଂଖ୍ୟା ୯୮ ଲକ୍ଷ। ଏମାନଙ୍କ ଭିତରୁ ଦୁଇ କିଲୋ ୱାଟରୁ କମ ବିଜୁଳି ବ୍ୟବହାର କରୁଥିବା ଉପଭୋକ୍ତାଙ୍କ ସଂଖ୍ୟା ପ୍ରାୟ ୮୦ଲକ୍ଷ। ଏକ କିଲୋୱାଟରୁ କମ ବ୍ୟବହାରକାରୀ ଉପଭୋକ୍ତାଙ୍କ ସଂଖ୍ୟା ପ୍ରାୟ ୪୫ ଲକ୍ଷ। ଏକ କିଲୋରୁ ଦୁଇ କିଲୋୱାଟ ବିଜୁଳି ବ୍ୟବହାରକାରୀଙ୍କ ସଂଖ୍ୟା ପ୍ରାୟ ୩୪ ଲକ୍ଷ। ରାଜ୍ୟରେ ମାତ୍ର ୨% ବିଜୁଳି କୃଷି କାର୍ଯ୍ୟରେ ଉପଯୋଗ ହେଉଛି। ନିକଟରେ ଟିପିସିଓଡ଼ିଏଲ ଯେଉଁ ତଥ୍ୟ ପ୍ରଦାନ କରିଛି ସେଥିରେ ସ୍ୱୀକାର କରିଛି ଯେ, ଏପ୍ରିଲ ୨୦୨୪ ଠାରୁ ସେମାନେ ଆଉ ମିଟର ରେଣ୍ଟ ଆଦାୟ କରି ନାହାନ୍ତି। ମାର୍ଚ୍ଚ ୨୦୨୪ ସୁଦ୍ଧା ୧୮ କୋଟି ୬୮ ଲକ୍ଷ ଟଙ୍କା ଆଦାୟ କରିଛନ୍ତି। ଆଇପିଡିଏସ ମିଟରରୁ ଗ୍ରାହକଙ୍କ ଠାରୁ ୧୧କୋଟି ୫୫ ଲକ୍ଷ, ସୌଭାଗ୍ୟ ଯୋଜନାର ୭କୋଟି ୧୩ ଲକ୍ଷ ଟଙ୍କା ମିଟର ରେଣ୍ଟ ବାବଦରେ ଆଦାୟ କରିଛନ୍ତି। ଦିନ ଦୟାଲ ଯୋଜନା, ରାଜୀବ ଜ୍ୟୋତି, ବିଜୁ ଜ୍ୟୋତି ଭଳି ଆହୁରି ଅନେକ ସରକାରୀ ଯୋଜନାରେ ଡିସ୍କମ କମ୍ପାନୀ ପାଖାପାଖି ୩ଶହ କୋଟି ଟଙ୍କା ସାଧାରଣ ଲୋକଙ୍କ ଠାରୁ ହରିଲୁଟ କରିଛି। କିନ୍ତୁ ଟାଟା ପାୱାର ଠକେଇ ପାଇଁ କିଛି କାର୍ଯ୍ୟାନୁଷ୍ଠାନ ନାହିଁ। ଏଥିପାଇ ଶକ୍ତି ବିଭାଗ କଣ କରୁଛି ? ତାଙ୍କ ବିରୁଦ୍ଧରେ କାହିଁକି ଏତଲା ଦେଇନି ? ଇଂରାଜୀରେ କାହିଁକି ବିଲ ଛପାଯାଉନାହିଁ ?

ସେପଟେ ସମୀକ୍ଷା ନକରି ରାଜ୍ୟ ସରକାର ୭୩୫ କୋଟି ଟଙ୍କା ଟାଟା ପାୱାରକୁ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସାଧାରଣ ଲୋକଙ୍କ ଟିକସ ପଇସାରେ ମିଟର ଲଗାଇ ଟାଟା ପାୱାର ମନଇଛା ଶୋଷଣ କରି ଚାଲିବେ। ଏହା ଇଲେକ୍ଟ୍ରି ସିଟି ଆକ୍ଟ ୨୦୦୩ରେ ଇଲେକଟ୍ରିସିଟି ରାଇଟସ ଅଫ କଞ୍ଜୁମର୍ସ ରୁଲ ୨୦୨୦ର ସମ୍ପୂର୍ଣ୍ଣ ବିରୁଦ୍ଧଚାରଣ କରୁଛି। ମିଟର ଟେଷ୍ଟିଙ୍ଗ ପାଇଁ ଏକ ତୃତୀୟ ପକ୍ଷ ବା ସ୍ୱତନ୍ତ୍ର ସଂସ୍ଥା ଓଇଆରସିଙ୍କ ତତ୍ତ୍ୱାବଧାନରେ ବିଦ୍ୟୁତ କାର୍ଯ୍ୟ କରିବ। ମିଟର ନିର୍ମାଣକାରୀ କମ୍ପାନୀ ଗୁଡ଼ିକର ନାମ ଏବଂ ଉପଲବ୍ଧ ସ୍ଥାନ ଏବଂ ମିଟରର ପରୀକ୍ଷଣ କେନ୍ଦ୍ରର ସମସ୍ତ ତଥ୍ୟ ଗ୍ରାହକକୁ ଜଣାଇବା ବାଧ୍ୟତାମୂଳକ। ମିଟର ପରୀକ୍ଷିତ ଓ ସିଲଡ ହୋଇଥିବା ଦରକାର। ସରକାରଙ୍କ ନିଷ୍କ୍ରିୟତାରେ ଟାଟା କମ୍ପାନୀ ଉପଭୋକ୍ତାଙ୍କୁ ସ୍ମାର୍ଟ ମିଟର ବସାଇ ବେଆଇନ ଭାବେ ଗ୍ରାହକ ଅଧିକାରକୁ କ୍ଷୁର୍ଣ୍ଣ କରୁଛନ୍ତି। ୬୦ଲକ୍ଷ ଉପଭୋକ୍ତାଙ୍କ ନିକଟରେ ସ୍ମାର୍ଟ ମୋବାଇଲ ନାହିଁ। ଇଣ୍ଟରନେଟ ନାହିଁ କି ଟେଲିଫୋନ ସୁବିଧା ନାହିଁ। ସେମାନେ ଏହି ସ୍ମାର୍ଟ ମିଟରର ସଠିକ ବ୍ୟବହାର ଓ ପରିଚାଳନା କିପରି କରିପାରିବେ। ଏପରି ସ୍ଥଳେ ସେମାନଙ୍କ ପାଇଁ ସ୍ମାର୍ଟ ମିଟର ବସାଇବାର କୌଣସି ପ୍ରାସଙ୍ଗିକତା ନାହିଁ। ଓଇଆରସି ତୁରନ୍ତ ଧାରା ୫ର ଉପଧାରା ୧ ଅନୁଯାୟୀ ବିତରଣ କମ୍ପାନୀ ଓ ସରକାରଙ୍କ ନିୟମର କଡ଼ାକଡ଼ି ପାଳନ ପାଇଁ ନିର୍ଦ୍ଦେଶ ଦିଅନ୍ତୁ।

ସୁଭଦ୍ରା ନଗର, ବିଡ଼ାନାସୀ , କଟକ, ଦୂରଭାଷ :
୯୭୭୮୬୩୫୯୨୬
E-mail : shyamsundra123samal@gmail.com



# ଚୀନ୍ ବନ୍ଦ କଲା ସମସ୍ତ ପ୍ରକଳ୍ପ

**ନୂଆଦିଲ୍ଲୀ,୩।୨(ଏଜେନ୍ସି):**ପାକିସ୍ତାନର ବେଲୁଚିସ୍ତାନ ଏବଂ ଗ୍ୱାଦରରେ କ୍ରମାଗତ ଆକ୍ରମଣ ପରେ, ଚୀନ୍ ଏକ ବଡ଼ ସତର୍କତାମୂଳକ ପଦକ୍ଷେପ ନେଇଛି । ଚୀନ୍ ଗ୍ୱାଦରରେ ଏହାର ସମସ୍ତ ଭୂମି ପ୍ରକଳ୍ପକୁ ଅସ୍ଥାୟୀ ଭାବରେ ସ୍ଥଗିତ ରଖିଛି । ସେଠାକାର ସମସ୍ତ ଚୀନ୍ ନାଗରିକଙ୍କୁ ସ୍ୱତନ୍ତ୍ର ବିମାନରେ ବାହାର କରୁଛି । ସୁରକ୍ଷା ଏବଂ କୂଟନୈତିକ ସୂତ୍ର ଅନୁଯାୟୀ, ସୁରକ୍ଷା ଦୃଷ୍ଟିରୁ ବର୍ତ୍ତମାନ ଗ୍ୱାଦରରେ କାର୍ଯ୍ୟରତ ଚୀନ୍ ଇଞ୍ଜିନିୟର, ବୈଷୟିକ କର୍ମଚାରୀ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଆଉ ସେଠାରେ ନାହାନ୍ତି। ବର୍ତ୍ତମାନ ପାଇଁ, ଗ୍ୱାଦରରେ କୌଣସି ଚୀନ୍ ନାଗରିକ ଅସ୍ଥାୟୀ ଭାବରେ ରହିବେ ନାହିଁ । ଫଳସ୍ୱରୂପ, ଚୀନ୍ ଦ୍ୱାରା ପାଣି ଯୋଗାଇ ଦିଆଯାଉଥିବା ଅନେକ ଭୂମି ପ୍ରକଳ୍ପକୁ ବନ୍ଦ କରିଦିଆଯାଇଛି । ଗତ କିଛି ଦିନ ମଧ୍ୟରେ, ଗ୍ୱାଦର ଏବଂ ବେଲୁଚିସ୍ତାନର ଅନେକ ଅଞ୍ଚଳରେ ଆତଙ୍କବାଦୀଙ୍କ ଦ୍ୱାରା ଭିତ୍ତିଭୂମି ଏବଂ ସୁରକ୍ଷା ସ୍ଥାନଗୁଡ଼ିକୁ ଟାର୍ଗେଟ କରି ଆକ୍ରମଣ ହୋଇଛି । ଏହି ଆକ୍ରମଣଗୁଡ଼ିକ ଚୀନ୍ ନାଗରିକଙ୍କ ସୁରକ୍ଷା ପ୍ରତି ଚିନ୍ତା ସୃଷ୍ଟି କରିଛିଯ ଏହାକୁ ଦୃଷ୍ଟିରେ ରଖି ଚୀନ୍ ଏହି ନିଷ୍ପତ୍ତି ନେଇଛି । ଚୀନ୍ ସ୍ପଷ୍ଟ କରିଛି ଯେ ଏହି ନିଷ୍ପତ୍ତି ସମ୍ପୂର୍ଣ୍ଣ ଅସ୍ଥାୟୀ ଏବଂ ସତର୍କତାମୂଳକ । ତଥାପି, ଏହାର ଅର୍ଥ ନୁହେଁ ଯେ ଚୀନ୍ ଗ୍ୱାଦର କିମ୍ବା ଚୀନ-ପାକିସ୍ତାନ ଅର୍ଥନୈତିକ କରିଡରର ଓହରି ଯାଉଛି । ସୁରକ୍ଷା ପରିସ୍ଥିତି ସମୀକ୍ଷା କରିବା ପରେ କାର୍ଯ୍ୟ ପୁଣି ଆରମ୍ଭ ହେବ । ସୂତ୍ର ଅନୁଯାୟୀ, ସ୍ଥାନୀୟ ପାକିସ୍ତାନୀ କର୍ମଚାରୀମାନେ ବର୍ତ୍ତମାନ କିଛି କାର୍ଯ୍ୟ ପରିଚାଳନା କରିବେ, ଯେତେବେଳେ ଚୀନ୍ ଦଳ ଦୂରରୁ ନଜର ରଖିବେ । ସୁରକ୍ଷା ପରିସ୍ଥିତି କେବେ ସ୍ୱାଭାବିକ ହେବ ଏବଂ ନୂତନ ସୁରକ୍ଷା ବ୍ୟବସ୍ଥା କେତେ ପ୍ରଭାବଶାଳୀ ହେବ ତାହା ଉପରେ ଚୀନ୍ କର୍ମଚାରୀଙ୍କ ପ୍ରତ୍ୟାବର୍ତ୍ତନ ନିର୍ଭର କରିବ । ଏହା ଉଲ୍ଲେଖନୀୟ ଯେ ଗ୍ୱାଦର ଚୀନର ରଣନୈତିକ ଏବଂ ବାଣିଜ୍ୟ ଯୋଜନାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, କିନ୍ତୁ ବେଲୁଚିସ୍ତାନରେ ବୃଦ୍ଧି ପାଉଥିବା ହିଂସା ବେଜିଂ ଏବଂ ଇସଲାମାବାଦ ଉଭୟଙ୍କ ସମସ୍ୟାକୁ ବୃଦ୍ଧି କରିଛି । ୨୦୨୧ ମସିହାରୁ ପାକିସ୍ତାନରେ ୨୦ ଜଣ ଚୀନ୍ ନାଗରିକଙ୍କୁ ହତ୍ୟା କରାଯାଇଛି ।

# ମୋଦୀ ସରକାରଙ୍କୁ କଂଗ୍ରେସର କଡ଼ା ସମାଲୋଚନା

**ନୂଆଦିଲ୍ଲୀ,୩।୨(ଏଜେନ୍ସି):** ଭାରତ ସହ ଆମେରିକାର ବାଣିଜ୍ୟ ଚୁକ୍ତିକୁ ଐତିହାସିକ ନିଷ୍ପତ୍ତି ବୋଲି କୁହାଯାଉଥିବା ବେଳେ କଂଗ୍ରେସ ଏହି ବାଣିଜ୍ୟ ଚୁକ୍ତିକୁ ନେଇ ପ୍ରଶ୍ନ ଉଠାଇଛି । କଂଗ୍ରେସ କହିଛି, ବାଣିଜ୍ୟ ହେଉ କିମ୍ବା ଯୁଦ୍ଧବିରତି, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ସମ୍ପର୍କରେ ଘୋଷଣା କରୁଛନ୍ତି, ଯାହା ଦୁଃଖଦ। କଂଗ୍ରେସ ଦଳ ସୋସିଆଲ୍ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟ କରି ମୋଦୀ ସରକାରଙ୍କୁ କଡ଼ା ସମାଲୋଚନା କରିଛି । କଂଗ୍ରେସ କହିଛି, ଯୁଦ୍ଧବିରତି ପରି, ବାଣିଜ୍ୟ ଚୁକ୍ତି ମଧ୍ୟ ଟ୍ରମ୍ପଙ୍କ ଦ୍ୱାରା ଘୋଷଣା କରାଗଲା । କୁହାଯାଇଛି କି ମୋଦୀଙ୍କ ଅନୁରୋଧରେ ବାଣିଜ୍ୟ ଚୁକ୍ତି କରାଯାଉଛି। ଟ୍ରମ୍ପ କହୁଛନ୍ତି, ଭାରତ ଆମେରିକା ଉପରେ ଶୁଳ୍କ ଏବଂ ଅଣ-ଶୁଳ୍କ ପ୍ରତିବନ୍ଧକକୁ ୦% ହ୍ରାସ କରିବ । ଏହାର ଅର୍ଥ ହେଉଛି ମୋଦୀ ସରକାର ସମଗ୍ର ଭାରତୀୟ ବଜାରକୁ ଆମେରିକା ପାଇଁ ଖୋଲି ଦେଇଛନ୍ତି। ଏହା ଭାରତୀୟ



ଶିଳ୍ପକୁ ବହୁତ କ୍ଷତି ପହଞ୍ଚାଇବ। ମୋଦୀ ସରକାର ଏଠାରେ ବ୍ୟବସାୟୀ ଓ ଚାଷୀମାନଙ୍କୁ ପରିତ୍ୟାଗ କରିଛନ୍ତି। କଂଗ୍ରେସ ଦଳ ପୋଷ୍ଟରେ ଆହୁରି ଲେଖାଯାଇଛି, ଆମେରିକା ପାଇଁ କୃଷି କ୍ଷେତ୍ର ଖୋଲିବା ବିଷୟରେ ଆଲୋଚନା ହେଉଛି । ବାସ୍ତବରେ କ'ଣ ଚୁକ୍ତି ହୋଇଛି ? ଆମ କୃଷକଙ୍କ ସ୍ୱାର୍ଥକୁ ଧ୍ୟାନ ଦିଆଯାଇଛି, ନା ସେମାନଙ୍କୁ ପରିତ୍ୟାଗ କରାଯାଇଛି ? ଆମ କୃଷକଙ୍କ ସୁରକ୍ଷା କିପରି ସୁନିଶ୍ଚିତ ହେବ? ଏହା ମଧ୍ୟ କୁହାଯାଉଛି କି ଭାରତ ଋଷରୁ ତେଲ କିଣିବ ନାହିଁ, ବରଂ ଆମେରିକା ଓ ଭେନେଜୁଏଲାରୁ ତେଲ କିଣିବ । ବାଣିଜ୍ୟ ଚୁକ୍ତିରେ ମୋଦୀ ସରକାର ଋଷକୁ ଛାଡ଼ିବାକୁ ରାଜି ହୋଇଛନ୍ତି କି ?କେବଳ ଏତିକି ନୁହେଁ କଂଗ୍ରେସ ତା ପୋଷ୍ଟରେ ଆହୁରି ଲେଖିଛି, ଭାରତ ଆମେରିକାଠୁ ଅଧିକ ସାମଗ୍ରୀ କିଣିବା ନେଇ ମଧ୍ୟ ଆଲୋଚନା ହୋଇଛି । ଯଦି ଏହା ସତ, ତେବେ 'ମେକ୍ ଇନ୍ ଇଣ୍ଡିଆ'ର କ'ଣ ହେଲା ? ବାଣିଜ୍ୟ ଚୁକ୍ତିରେ କ'ଣ ଆଲୋଚନା ହୋଇଥିଲା ଏବଂ କ'ଣ ନିଷ୍ପତ୍ତି ନିଆଯାଇଥିଲା ତାହା ଜାଣିବାର ଦେଶକୁ ଅଧିକାର ଅଛି । ମୋଦୀ ସରକାର ଏ ବିଷୟରେ ସମସ୍ତ ସୂଚନା ଦେଶ ଏବଂ ସଂସଦରେ ଦେବା ଉଚିତ ।

# ସିନ୍ଧୁ ଜଳ ଚୁକ୍ତି: ମଧ୍ୟସ୍ଥତା କୋର୍ଟର ସମନକୁ ପ୍ରତ୍ୟାଖ୍ୟାନ କଲା ଭାରତ

**ନୂଆଦିଲ୍ଲୀ,୩।୨(ଏଜେନ୍ସି):**ପାକିସ୍ତାନ ସହିତ ସିନ୍ଧୁ ଜଳ ଚୁକ୍ତିନାମା ବିବାଦ ଉପରେ ଭାରତ ପୁଣି ଥରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛି । ଭାରତ ନେଦରଲାଣ୍ଡର ହେଗରେ ଥିବା ସ୍ଥାୟୀ ମଧ୍ୟସ୍ଥତା ଅଦାଲତ (ପିସିଏ)ର ହସ୍ତକ୍ଷେପକୁ ପ୍ରତ୍ୟାଖ୍ୟାନ କରିଛି । ଶୁଣାଣି ସମୟରେ ଭାରତ କହିଛି ଯେ, ଆମେ ଟ୍ରିବ୍ୟୁନାଲକୁ ବେଆଇନ ବୋଲି ବିବେଚନା କରୁ। ଭାରତ ଟ୍ରିବ୍ୟୁନାଲର ସପ୍ଲିମେଣ୍ଟାରୀ ଆୱାର୍ଡ ଓ କାର୍ଯ୍ୟକ୍ଷମ ତଥ୍ୟ ମଗାଯାଇଥିବା ସମନ ଗ୍ରହଣ କରିବାକୁ ମନା କରିଛି ।ପାକିସ୍ତାନ ଏହି ପ୍ରସଙ୍ଗକୁ ସମଗ୍ର ଅଞ୍ଚଳ ପାଇଁ ବିପଦ ବୋଲି କହୁଛି । ଭାରତର ସଦ୍ୟତମ ନିଷ୍ପତ୍ତି ପାକିସ୍ତାନର ସଙ୍କଟକୁ ବଢ଼ାଇ ଦେଇଛି । ହେଗ୍ ସ୍ଥିତ କୋର୍ଟ ଭାରତକୁ କାଶ୍ମୀରର କିଶନଗଙ୍ଗା ଓ ରାଟଲେ ଜଳବିଦ୍ୟୁତ ପ୍ରକଳ୍ପରୁ ସମ୍ବେଦନଶୀଳ କାର୍ଯ୍ୟକ୍ଷମ ରେକର୍ଡ ତଥା ତଥ୍ୟ ପ୍ରଦାନ କରିବାକୁ ସମନ ଜାରି କରିଥିଲା । ଭାରତ ଏହି ଦାବିକୁ ପ୍ରତ୍ୟାଖ୍ୟାନ କରିଛି ଓ ତଥ୍ୟ ପ୍ରଦାନ କରିବାକୁ ମନା କରିଛି। ଭାରତ ସରକାର ଟ୍ରିବ୍ୟୁନାଲର କ୍ଷେତ୍ରାଧିକାରକୁ ଗ୍ରହଣ କରିବାକୁ ମନା କରିଛନ୍ତି ।ବୈଦେଶିକ ମନ୍ତ୍ରଣାଳୟ ଆନୁଷ୍ଠାନିକ ଭାବରେ ଟ୍ରିବ୍ୟୁନାଲକୁ ଜଣାଇଛି, ଭାରତ ଏହାର ନିର୍ଦ୍ଦେଶ ପାଳନ କରିବ ନାହିଁ କିମ୍ବା କାର୍ଯ୍ୟରେ ଅଂଶଗ୍ରହଣ କରିବ ନାହିଁ। ଭାରତ କହିଛି, ନିରପେକ୍ଷ ବିଶେଷଜ୍ଞ ପ୍ରକ୍ରିୟା ମଧ୍ୟରେ ଏକ ସମାନ୍ତରାଳ ମଧ୍ୟସ୍ଥତା କୋର୍ଟ ପ୍ରତିଷ୍ଠା ସିନ୍ଧୁ ଚୁକ୍ତିର ବିବାଦ ସମାଧାନ ଢାଞ୍ଚାକୁ ଉଲ୍ଲଂଘନ କରୁଛି । ଯେପର୍ଯ୍ୟନ୍ତ ଭାରତର ମୌଳିକ ସୁରକ୍ଷା ଚିନ୍ତାର ସମାଧାନ ନହୋଇଛି ଓ ପାକିସ୍ତାନ ସୀମାପାର ଆତଙ୍କବାଦକୁ ସମର୍ଥନ କରିବା ବନ୍ଦ ନ କରିଛି, ସେପର୍ଯ୍ୟନ୍ତ



ଭାରତ ଜଳବ ସମ୍ପର୍କିତ ତଥ୍ୟ ବାଣ୍ଟିବା ଅବା ମଧ୍ୟସ୍ଥତାରେ ଅଂଶଗ୍ରହଣ କରିବା ସମେତ କୌଣସି ଚୁକ୍ତିନାମା ଦାୟିତ୍ୱ ପୂରଣ କରିବାକୁ ବାଧ୍ୟ ନୁହେଁ । ପାକିସ୍ତାନ ଜାତିସଂଘରେ ସିନ୍ଧୁ ଜଳ ଚୁକ୍ତି ପ୍ରସଙ୍ଗ ଉଠାଇଛି ଓ ବିଶ୍ୱକୁ ହସ୍ତକ୍ଷେପ ପାଇଁ ଅନୁରୋଧ କରିଛି । ପାକିସ୍ତାନ ଜାତିସଂଘ ଓ ଅନ୍ୟାନ୍ୟ ଫୋରମରେ ଏହି ପ୍ରସଙ୍ଗ ଉଠାଇ ଆସୁଛି । ପାକିସ୍ତାନ ଅନୁରୋଧ କରିବା ସହିତ ଭାରତକୁ ଯୁଦ୍ଧର ଧମକ ମଧ୍ୟ ଦେଇଛି । ପାକିସ୍ତାନ ଏହି ପଦକ୍ଷେପକୁ ଯୁଦ୍ଧ ଭଳି କାର୍ଯ୍ୟ ବୋଲି କହୁଛି ।

# ହ୍ୱାଟ୍ସଆପ୍ ଡାଟା ଗୋପନୀୟତା ଉପରେ ମେଟାକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

**ନୂଆଦିଲ୍ଲୀ,୩।୨(ଏଜେନ୍ସି):** ସୁପ୍ରିମକୋର୍ଟ ମେଟା ବିରୋଧରେ ଏକ କଠୋର ଆଭିମୁଖ୍ୟ ଗ୍ରହଣ କରି ସ୍ପଷ୍ଟ କରିଛନ୍ତି ଯେ, ବ୍ୟବସାୟିକ ଅଭିବୃଦ୍ଧି ପାଇଁ ଲୋକଙ୍କ ଗୋପନୀୟତା ସହିତ ହେରଫେରକୁ ଏହା ସହ୍ୟ କରାଯିବ ନାହିଁ । ବାଣିଜ୍ୟିକ ଲାଭ ପାଇଁ ଡାଟା ସେୟାରିଂର ବ୍ୟବହାରକୁ କୋର୍ଟ ଗମ୍ଭୀର ଚିନ୍ତାର ବିଷୟ ବୋଲି କହିଛନ୍ତି । ସୁପ୍ରିମକୋର୍ଟ ହ୍ୱାଟ୍ସଆପ୍ ବ୍ୟବହାରକାରୀଙ୍କ ତଥ୍ୟ ସେୟାରିଂ ମାମଲାର ଶୁଣାଣି କରି ମେଟାକୁ କଡ଼ା ଭର୍ତ୍ସନା କରିଛନ୍ତି । କୋର୍ଟ ସ୍ପଷ୍ଟ ଭାବରେ କହିଛନ୍ତି, ବ୍ୟବହାରକାରୀଙ୍କ ବ୍ୟକ୍ତିଗତ ସୂଚନାର ବାଣିଜ୍ୟିକ ବ୍ୟବହାରକୁ ଅନୁମତି ଦିଆଯିବ ନାହିଁ । ଶୁଣାଣି ସମୟରେ ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି ଯେ,ଏହି ଅଦାଲତ ଜନସାଧାରଣଙ୍କ ପାଇଁ, କୋଟି କୋଟି ଟଙ୍କା ମୂଲ୍ୟର କୌଣସି ଅନ୍ତର୍ଜାତୀୟ ନିଗମ ପାଇଁ ନୁହେଁ । କୋର୍ଟ ଗୁରୁତ୍ୱାରୋପ କରିଛନ୍ତି, ନାଗରିକଙ୍କ ଗୋପନୀୟତା ଏକ ମୌଳିକ ଅଧିକାର । ଏହା ସହିତ କୌଣସି ପ୍ରକାର ସାଲିସ୍ କରାଯାଇପାରିବ ନାହିଁ । ଶୁଣାଣି ସମୟରେ, ସିଜେଆଇ ସୂର୍ଯ୍ୟକାନ୍ତ ମେଟାର କାର୍ଯ୍ୟଶୈଳୀ ଓ ସର୍ତ୍ତାବଳୀ ବିଷୟରେ କଡ଼ା ପ୍ରଶ୍ନ ଉଠାଇଥିଲେ । ସେ ମେଟାକୁ ପଚାରିଥିଲେ ଯେ, ତଥ୍ୟ ସେୟାର କରିବାକୁ ଚାହୁଁନଥିବା ବ୍ୟବହାରକାରୀଙ୍କ ପାଇଁ ଅପ୍ଟ-ଆଉଟ୍ ବିକଳ୍ପ ପ୍ରଦାନ କରିବେ କି ? ଏକ ବ୍ୟବହାରିକ ଉଦାହରଣ ଦେଇ ଏହି ପ୍ରକ୍ରିୟାର ଜଟିଳତା ଉପରେ ପ୍ରଶ୍ନ ଉଠାଇ ସେ ପଚାରିଥିଲେ, ରାସ୍ତା ପାର୍ଶ୍ୱରେ ଫଳ ବିକ୍ରୟ କରୁଥିବା ଜଣେ ସରଳ ମହିଳା ଏହି କଷ୍ଟକର ନିୟମ ଓ ସର୍ତ୍ତାବଳୀ କିପରି ବୁଝିପାରିବେ ? କୋର୍ଟ କହିଛନ୍ତି,ମେଟାର ଶବ୍ଦଗୁଡ଼ିକ କଷ୍ଟକର ଓ ଜଟିଳ ଭାଷାରେ ଲେଖାଯାଇଛି । ଆଇନ ବିଶେଷଜ୍ଞମାନେ ମଧ୍ୟ ସେଗୁଡ଼ିକୁ



ସହଜରେ ବୁଝିପାରିବେ ନାହିଁ । ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି, କୋର୍ଟ ଏହାକୁ ଏକ ପ୍ରକାରର ପାଇରେସି ବୋଲି କହିଛନ୍ତି। କୋର୍ଟ ସ୍ପଷ୍ଟ ଭାବରେ କହିଛନ୍ତି, ଏହାକୁ ଅନୁମତି ଦିଆଯିବ ନାହିଁ । କୋର୍ଟ କହିଛନ୍ତି, ବ୍ୟବହାରକାରୀମାନେ ଏହି ଆପ୍ସ ପ୍ରତି ଆଶକ୍ତ ହୋଇଗଲେଣି । ତେଣୁ କମ୍ପାନୀ ଏହି ବାଧ୍ୟବାଧକତାର ସୁଯୋଗ ନେଉଛି । କୋର୍ଟ ଚିନ୍ତା ପ୍ରକାଶ କରି କହିଛନ୍ତି, ଲକ୍ଷ ଲକ୍ଷ ଉପଭୋକ୍ତାଙ୍କ ତଥ୍ୟ ପୂର୍ବରୁ ଅପବ୍ୟବହାର କରାଯାଇଛି । ଶୁଣାଣି ସମୟରେ, ମେଟାର ପ୍ରତିନିଧିତ୍ୱ କରୁଥିବା ଆଇନଜୀବୀ ଅଖିଲ ସିବଲ ଯୁକ୍ତି ଦେଇଥିଲେ ଯେ, ବାଣିଜ୍ୟିକ ଉଦ୍ଦେଶ୍ୟ ପାଇଁ ସୀମିତ ତଥ୍ୟ ସେୟାରିଂକୁ ଅନୁମତି ଦିଆଯାଇପାରିବ । ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଏହାର କଡ଼ା ଜବାବ ଦେଇ କହିଥିଲେ, ଯଦି ଆପଣ ତଥ୍ୟର କୌଣସି ଅଂଶ ବିକ୍ରୟ ଯୋଗ୍ୟ ପାଆନ୍ତି, ତେବେ ଆପଣ ତାହାକୁ ବିକ୍ରୟ କରିବେ। ଭାରତୀୟ ଗ୍ରାହକମାନେ ସ୍ୱରହୀନ । ସେମାନଙ୍କର କୌଣସି ସ୍ୱର ନାହିଁ । ଏଭଳିସ୍ଥଳେ ଆପଣ ସେମାନଙ୍କର ଶିକାର କରିପାରିବେ ନାହିଁ । କୋର୍ଟ ସ୍ପଷ୍ଟ କରିଛନ୍ତି, ତଥ୍ୟ ସୁରକ୍ଷା କେବଳ ଏକ ନୀତିଗତ ପ୍ରସଙ୍ଗ ନୁହେଁ, ବରଂ ଲକ୍ଷ ଲକ୍ଷ ଭାରତୀୟଙ୍କ ଅଧିକାରର ବିଷୟ । ଯାହାକୁ କୌଣସି ଅନ୍ତର୍ଜାତୀୟ କମ୍ପାନିର ଲାଭ ପାଇଁ ବଳିଦାନ ଦିଆଯାଇପାରିବ ନାହିଁ । ଶୁଣାଣି ସମୟରେ ଖଣ୍ଡପୀଠ ଏକ କଡ଼ା ଟିପ୍ପଣୀ ଦେଇ କହିଛନ୍ତି, ତଥ୍ୟ ସେୟାରିଂ ନାମରେ ଦେଶର ଗୋପନୀୟତାକୁ କ୍ଷୁର୍ଣ୍ଣ କରାଯାଇପାରିବ ନାହିଁ । କୋର୍ଟ କହିଛନ୍ତି, କମ୍ପାନିଗୁଡ଼ିକର ଗୋପନୀୟତା ସର୍ତ୍ତାବଳୀ ଏତେ ଜଟିଳ ଓ ଚତୁର ଯେ, ସାଧାରଣ ବ୍ୟକ୍ତି ସେଗୁଡ଼ିକୁ ସହଜରେ ବୁଝିପାରିବେ ନା ହିଁ । ଯାହା ବ୍ୟକ୍ତିଗତ ସୂଚନା ପାଇବାର ଏକ ବୈଧ ଉପାୟ ପାଲଟିଛି । ପ୍ରଧାନ ବିଚାରପତି କହିଛନ୍ତି, ଯଦି ଆପଣ ଆମର ସମ୍ବିଧାନକୁ ଅନୁସରଣ କରିପାରିବେ ନାହିଁ, ତେବେ ଭାରତ ଛାଡିଦିଅନ୍ତୁ । ଆମେ ନାଗରିକଙ୍କ ଗୋପନୀୟତାକୁ କ୍ଷୁର୍ଣ୍ଣ ହେବାକୁ ଦେବୁ ନାହିଁ ।

# ସେୟାର ବଜାରରେ ଝଡ଼-ବଢ଼ିଲା ଟଙ୍କାର ବଳ

**ନୂଆଦିଲ୍ଲୀ,୩।୨(ଏଜେନ୍ସି):**ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ପାଇଁ ଏକ ବଡ଼ ଶୁଳ୍କ ହ୍ରାସ ଘୋଷଣା କରିବା ପରେ ଭାରତୀୟ ଷ୍ଟକ୍ ବଜାରରେ ଏକ ଐତିହାସିକ ବୃଦ୍ଧି ଘଟିଛି। ଟ୍ରମ୍ପଙ୍କ ଶୁଳ୍କ ହ୍ରାସ ଖବର ନିବେଶକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ସୃଷ୍ଟି କରିଛି । ସମସ୍ତ ପ୍ରମୁଖ ବଜାର ସୂଚକାଙ୍କ ରେକର୍ଡ ସ୍ତରରେ କାରବାର କରୁଛି । ଏହି ନିଷ୍ପତ୍ତି ବଜାରରେ ଦୀର୍ଘ ସମୟ ଧରି ଲାଗି ରହିଥିବା ଅନିଶ୍ଚିତତାର ବାଦଲକୁ ସମ୍ପୂର୍ଣ୍ଣ ଭାବରେ ହଟାଇ ଦେଇ ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିଛି । ଶୁଳ୍କ ରିହାତି ଦ୍ୱିପାକ୍ଷିକ ବାଣିଜ୍ୟ ବୃଦ୍ଧି ସହିତ ଭାରତୀୟ କମ୍ପାନିଗୁଡ଼ିକର ଲାଭରେ ମଧ୍ୟ ଉଲ୍ଲେଖନୀୟ ଉନ୍ନତି ଆଣିବ ବୋଲି ଆଶା କରାଯାଉଛି । ବଜାର ଖୋଲିବା ସହିତ ଟ୍ରମ୍ପଙ୍କ ଘୋଷଣାର ପ୍ରଭାବ ସ୍ପଷ୍ଟ ଭାବରେ ଦେଖାଯାଇଥିଲା । ସେନସେକ୍ସ ୨,୫୦୦ ପଏଣ୍ଟରୁ ଅଧିକ ବୃଦ୍ଧି ପାଇଥିଲା । ନିଫ୍ଟି ମଧ୍ୟ ୩ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଥିଲା । ନିଫ୍ଟି ୭୦୦ ପଏଣ୍ଟ ବୃଦ୍ଧି ପାଇଛି । ବଜାରର ପ୍ରାକ-ଉପସ୍ଥାପନ ଅଧିବେଶନରେ ବୃଦ୍ଧିର ସଙ୍କେତ ସ୍ପଷ୍ଟ ଭାବରେ ଦେଖାଯାଇଥିଲା । ସେନସେକ୍ସ ୪.୪୭ ପ୍ରତିଶତ ବୃଦ୍ଧି ପାଇ ୩,୬୪୭.୮୯ ପଏଣ୍ଟ ମାଧ୍ୟମରେ ୮୫,୩୧୪.୩୫ରେ ପହଞ୍ଚିଥିଲା । ଶୁଳ୍କ ହ୍ରାସ ଭାରତୀୟ ଟଙ୍କା ଉପରେ ମଧ୍ୟ ସିଧାସଳଖ ତଥା ସକାରାତ୍ମକ ପ୍ରଭାବ ପକାଇଛି । ଏହା ଆମେରିକୀୟ ଡଲାର ତୁଳନାରେ ଏହା ୧ ପ୍ରତିଶତ ଶକ୍ତିଶାଳୀ ହୋଇଛି । ଏକ ଡଲାରର ମୂଲ୍ୟ ୯୦.୪୨ ଟଙ୍କାରେ ପହଞ୍ଚିଛି । ଭାରତୀୟ ଅର୍ଥନୀତି ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ବୋଲି ବିବେଚନା କରାଯାଉଛି । ଟଙ୍କାରେ ଏହି ପ୍ରଭାବଶାଳୀ ବୃଦ୍ଧି ଆମଦାନିକୁ ଶସ୍ତା କରିବ ଓ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ ଅନାବଶ୍ୟକ ଚାପ ହ୍ରାସ କରିବ ।

# ମସ୍କଙ୍କ ମାଷ୍ଟରଷ୍ଟ୍ରୋକ: ସ୍ପେସଏକ୍ସରେ ଏକ୍ସ ଏଆଇର ବିଲୟ

**ନୂଆଦିଲ୍ଲୀ,୩।୨(ଏଜେନ୍ସି):**ବିଶ୍ୱର ସବୁଠାରୁ ଧନୀ ବ୍ୟବସାୟୀ ଏଲନ୍ ମସ୍କ, ପ୍ରଯୁକ୍ତିବିଦ୍ୟା ଓ ମହାକାଶ ଜଗତରେ ଏକ ବଡ଼ ତଥା ସାହସିକ ବାଜି ଲଗାଇଛନ୍ତି। ମସ୍କ ତାଙ୍କର ମହାକାଶ ଅନୁସନ୍ଧାନ କମ୍ପାନି ସ୍ପେସ୍ ଏକ୍ସ ଓ କୃତ୍ରିମ ବୁଦ୍ଧିମତ୍ତା କମ୍ପାନି ଏକ୍ସ ଏଆଇକୁ ମିଶ୍ରଣ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ରଣନୈତିକ ପଦକ୍ଷେପ ମସ୍କଙ୍କ ପ୍ରଯୁକ୍ତିବିଦ୍ୟା ଶକ୍ତିକୁ ଆହୁରି ମଜବୁତ କରି ବିଶ୍ୱ ବଜାରରେ ପାଦ ସୁଦୃଢ଼ ପାଇଁ ଲକ୍ଷ୍ୟ ରଖିଛି । ଏହି ମିଶ୍ରଣ ମାଧ୍ୟମରେ, ସେ ଏଲନ ମସ୍କ ସୁପର୍ ଟେକ୍ ଆଇପିଓ ପାଇଁ ପ୍ରସ୍ତୁତି କରୁଛନ୍ତି । ଚଳିତ ବର୍ଷ ଶେଷ ସୁଦ୍ଧା ଏହା ବଜାରକୁ ଆସିପାରେ । ଏଲନ ମସ୍କଙ୍କ ମହାକାଶ କମ୍ପାନି ସ୍ପେସ୍ଏକ୍ସ ଆନୁଷ୍ଠାନିକ ଭାବରେ ଘୋଷଣା କରିଛି ଯେ, ଏହା ଏକ୍ସ ଏଆଇକୁ ସମ୍ପୂର୍ଣ୍ଣ ଭାବରେ ଅଧିଗ୍ରହଣ କରିଛି । ଏହି ପ୍ରମୁଖ ମିଶ୍ରଣ ସହିତ, ମସ୍କଙ୍କ ଅନେକ ପ୍ରମୁଖ ପ୍ରଯୁକ୍ତିବିଦ୍ୟା, ଯେପରିକି ଏଆଇ ଚାଟବଟ୍ ଗ୍ରୋକ୍ ଓ ଷ୍ଟାରଲିଙ୍କ ଏବେ ଗୋଟିଏ ଛାତ ତଳେ କାର୍ଯ୍ୟ କରିବ । ଏହି ପଦକ୍ଷେପ ମସ୍କଙ୍କ ସମସ୍ତ ପ୍ରଯୁକ୍ତିବିଦ୍ୟା କମ୍ପାନିଗୁଡ଼ିକର ଶକ୍ତିକୁ ଏକାଠି କରିବା ପାଇଁ ବୃହତ୍ତର ଯୋଜନାର ଏକ ଅଂଶ । ଭବିଷ୍ୟତରେ ମହାକାଶରେ ବଡ଼ ଡାଟା ସେଣ୍ଟର ଓ ସର୍ଭର ପ୍ରତିଷ୍ଠା ତଥା ପରିଚାଳନା କରିବାର ନିଜର ସ୍ୱପ୍ନକୁ ମସ୍କ ବାରମ୍ବାର ଦୋହରାଉଛନ୍ତି । ଏହି ମିଶ୍ରଣ ସହିତ ସ୍ପେସଏକ୍ସ ଓ ଏଆଇ ମହାକାଶ-ଭିତ୍ତିକ କମ୍ପ୍ୟୁଟିଂକୁ ବାସ୍ତବରେ ପରିଣତ କରିବା ପାଇଁ ଏକାଠି କାମ କରିବେ । ଏହି ପ୍ରଯୁକ୍ତିବିଦ୍ୟା ଭବିଷ୍ୟତରେ ଡାଟା ପ୍ରକ୍ରିୟାକରଣ ଓ ବିଶ୍ୱ ଯୋଗାଯୋଗକୁ ସମ୍ପୂର୍ଣ୍ଣ ରୂପାନ୍ତରିତ କରିବାର ଆଶା ରହିଛି । ଯାହା ସମଗ୍ର ବିଶ୍ୱରେ ଏକ ବିପ୍ଳବ ଆଣିବାର ଯଥେଷ୍ଟ ସମ୍ଭାବନା ରହିଛି । ମସ୍କଙ୍କ ପ୍ରଯୁକ୍ତିବିଦ୍ୟା ବିସ୍ତାର କରିବା ନିଷ୍ପତ୍ତି ସାରା ବିଶ୍ୱର ଲୋକଙ୍କ ପାଇଁ ଇଣ୍ଟରନେଟ୍ ଓ କୃତ୍ରିମ ବୁଦ୍ଧିମତ୍ତାର ଉପଲବ୍ଧତାକୁ ଉଲ୍ଲେଖନୀୟ ଭାବରେ ଉନ୍ନତ କରିବ । ଏହି ମିଶ୍ରଣ ପ୍ରଯୁକ୍ତିବିଦ୍ୟା ବିକାଶକୁ ତ୍ୱରାନ୍ୱିତ କରି ମସ୍କଙ୍କ ବିଶ୍ୱସ୍ତରୀୟ ମହତ୍ୱାକାଂକ୍ଷାକୁ ନୂତନ ଉଚ୍ଚତାକୁ ନେଇଯିବ । ମସ୍କ ଏକ ପାୱାରହାଉସ୍ କମ୍ପାନି ନିର୍ମାଣ କରୁଛନ୍ତି ଯାହା ମହାକାଶ, ଏଆଇ ଓ ଇଣ୍ଟରନେଟକୁ ମିଶ୍ରଣ କରିବ । ବର୍ଷ ଶେଷ ସୁଦ୍ଧା ମସ୍କ ତାଙ୍କର ନୂତନ ସୁପରଟେକ୍ କମ୍ପାନିକୁ ଷ୍ଟକ୍ ବଜାରରେ ଲଞ୍ଚ୍ କରିବାର ଏକ ବିଶାଳ ଓ ମହତ୍ୱାକାଂକ୍ଷୀ ଯୋଜନା ରଖିଛନ୍ତି । କମ୍ପାନିର ଆଇପିଓ ସାଧାରଣ ଲୋକଙ୍କୁ ମସ୍କଙ୍କ ଶକ୍ତିଶାଳୀ କମ୍ପାନିରେ ନିବେଶ କରିବାକୁ ଅନୁମତି ଦେବ । ଏହି ପଦକ୍ଷେପ ନିବେଶକମାନଙ୍କ ସହିତ ବିଶ୍ୱ ଷ୍ଟକ୍ ବଜାର ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହେବାକୁ ଯାଉଛି।

# ଭାରତ ବଜାରରେ ପ୍ରବେଶ କରିପାରିବନି ବିଦେଶୀ କ୍ଷୀର, ଦହି, ଘିଅ

**ନୂଆଦିଲ୍ଲୀ,୩।୨(ଏଜେନ୍ସି):**ବ୍ରିଟେନ୍, ୟୁରୋପ ପରେ ଏବେ ଆମେରିକା ସହ ଭାରତର ଟ୍ରେଡ୍ ଡିଲ୍ ସ୍ୱାକ୍ଷର ହୋଇଛି। ଏହିଦ୍ୱାରା ଦେଶରେ ଅନେକ ସାମଗ୍ରୀ ଶସ୍ତା ହେବା ନେଇ ଆଶା ବଢ଼ିଛି। ପ୍ରାୟ ସବୁ ସେକ୍ଟର ସାମଗ୍ରୀର ଆମଦାନୀ, ରପ୍ତାନୀ ବି ବୃଦ୍ଧି ପାଇବ ବୋଲି ମଧ୍ୟ ଆଶା ବଢ଼ିଛି, କିନ୍ତୁ କିଛି ସେକ୍ଟର ଏପରି ରହିଛି ଯେଉଁଥିରେ ବିଦେଶୀ ସାମଗ୍ରୀକୁ ଅନ୍ତର୍ଭୁକ୍ତ କରିନାହାନ୍ତି ପ୍ରଧାନମନ୍ତ୍ରୀ ମୋଦୀ । ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ସତ୍ତ୍ୱେ, ଭାରତ କୃଷି କ୍ଷେତ୍ର ଏବଂ ଦୁଗ୍ଧ ଶିଳ୍ପକୁ ଆମେରିକା ପାଇଁ ଖୋଲିବ ନାହିଁ, ସରକାରୀ ସୂତ୍ର ଅନୁଯାୟୀ, ଭାରତ ଏହି ବାଣିଜ୍ୟ ଚୁକ୍ତିରେ ସମ୍ବେଦନଶୀଳ କୃଷି ଉତ୍ପାଦ ଓ ଦୁଗ୍ଧଶିଳ୍ପ କ୍ଷେତ୍ରକୁ ସୁରକ୍ଷା ଦେବାର ଦୀର୍ଘକାଳୀନ ନୀତି ବଜାୟ ରଖିବ । ଏହାର ଅର୍ଥ ହେଉଛି, ଭାରତରେ କୌଣସି ବିଦେଶୀ କୃଷିଜାତୀୟ ସାମଗ୍ରୀକୁ ପ୍ରବେଶ କରାଯିବ ନାହିଁ, ଯଥା ଧାନ, ଚାଉଳ, ଗହମ, ମକା, ବାଜରା, ମୁଗ, ବିରି, ଚଣା, କ୍ଷୀର, ଦହି, ଘିଅ ଭଳି ଅନ୍ୟାନ୍ୟ ସାମଗ୍ରୀ ଭାରତ ବଜାରରେ ପ୍ରବେଶ କରିବ ନାହିଁ । ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖି ସ୍ପଷ୍ଟ କରିଛନ୍ତି, ବର୍ତ୍ତମାନର ସ୍ଥିତି ଭଲ ରହିଛି; ସମ୍ବେଦନଶୀଳ ସାମଗ୍ରୀ ପ୍ରତି ଆମର ସାଧାରଣ ଆଭିମୁଖ୍ୟ ଜାରି ରହିଛି । ଭାରତର ଏହି ନିଷ୍ପତ୍ତି ଏହାର ଦୀର୍ଘକାଳୀନ ବାଣିଜ୍ୟ ରଣନୀତିର ଏକ ଅଂଶ। ଭାରତ ୟୁକେ, ନ୍ୟୁଜିଲ୍ୟାଣ୍ଡ ଓ ୟୁରୋପୀୟ ସଂଘ ସହିତ ଆଲୋଚନାରେ ବି କୃଷି ଏବଂ ଦୁଗ୍ଧ ସ୍ୱାର୍ଥକୁ ମଧ୍ୟ ସୁରକ୍ଷା ଦେଇଛି। ତେବେ ଭାରତ ସରକାର ଏହା ବିଶ୍ୱାସ କରନ୍ତି ଯେ, ଦୁଗ୍ଧ ଏବଂ କୃଷି କ୍ଷେତ୍ର ଲକ୍ଷ ଲକ୍ଷ କ୍ଷୁଦ୍ର ଚାଷୀଙ୍କ ଜୀବିକା ସହିତ ସିଧାସଳଖ ଭାବେ ଜଡିତ । ବିଦେଶୀ ବଜାରରୁ ଶସ୍ତା ଆମଦାନୀ ସ୍ଥାନୀୟ ଚାଷୀଙ୍କ ଆର୍ଥିକ ଉନ୍ନତିକୁ ବିପଦରେ ପକାଇବାର ଆଶଙ୍କା ସୃଷ୍ଟି କରୁଛି, ଯାହାକୁ ସରକାର କୌଣସି ମୂଲ୍ୟରେ ଗ୍ରହଣ କରିବେ ନାହିଁ ।

# ଭାରତ, ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଆମେ ମଧ୍ୟସ୍ଥି ନୁହଁ

**ନୂଆଦିଲ୍ଲୀ,୩।୨(ଏଜେନ୍ସି):**ଭାରତ-ପାକିସ୍ତାନ ବିବାଦରୁ ଋଷ ନିଜକୁ ଦୂରେଇ ରଖିଛି । ଦିଲ୍ଲୀ ଓ ଇସଲାମାବାଦ ସେମାନଙ୍କର ସମସ୍ୟାଗୁଡ଼ିକୁ ପୂର୍ବ ସିମଲା ଚୁକ୍ତି ତଥା ଲାହୋର ଘୋଷଣାନାମା ଅନୁଯାୟୀ ସମାଧାନ କରିବାକୁ କହିଛି । ଋଷ ସ୍ପଷ୍ଟ କରିଛି, ଆମେ ଭାରତ ଓ ପାକିସ୍ତାନ ଅବା ଆଫଗାନିସ୍ତାନ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ସମାଧାନ ପାଇଁ ମଧ୍ୟସ୍ଥତା କରୁନାହୁଁ । ଋଷ ସରକାର କହିଛନ୍ତି, ଯଦି କୌଣସି ପକ୍ଷ ଅନୁରୋଧ କରନ୍ତି ତେବେ ଆମେ ସହାୟତା କରିବାକୁ ପ୍ରସ୍ତୁତ । ତେବେ ବର୍ତ୍ତମାନ ଏପରି କୌଣସି ପ୍ରକ୍ରିୟା ନାହିଁ । ଭାରତ ଓ ପାକିସ୍ତାନ ମଧ୍ୟରେ ସମ୍ପର୍କ ଅଧିକାଂଶ ସମୟ ଉତ୍ତେଜନାପୂର୍ଣ୍ଣ ରହିଛି । ସେହିପରି ଆଫଗାନିସ୍ତାନ ସହିତ ପାକିସ୍ତାନର ସମ୍ପର୍କ ମଧ୍ୟ ବର୍ତ୍ତମାନ ତିକ୍ତ ହେବାରେ ଲାଗିଛି । ଋଷ ବୈଦେଶିକ ମନ୍ତ୍ରୀ ସେରଗେ ଲାଭରୋଭଙ୍କୁ ପଚରାଯାଇଥିଲା ଯେ, ପାକିସ୍ତାନ, ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଉତ୍ତେଜନା ହ୍ରାସ କରିବାରେ ମଧ୍ୟସ୍ଥତାର ଭୂମିକାକୁ ଋଷ କିପରି ଦେଖେ । ଏହାର ଉତ୍ତରରେ ଋଷ ବୈଦେଶିକ ମନ୍ତ୍ରଣାଳୟ କହିଛି, ଋଷ ଏହି ଦେଶଗୁଡ଼ିକ ମଧ୍ୟରେ ମଧ୍ୟସ୍ଥତା ଭାବରେ କାର୍ଯ୍ୟ କରେ ନାହିଁ । ଯଦି ଏହି ଦେଶଗୁଡ଼ିକ ଅନୁରୋଧ କରନ୍ତି, ତେବେ ଆମେ ଯେକୌଣସି ମତଭେଦ ସମାଧାନରେ ସମସ୍ତ ପ୍ରକାରର ସହାୟତା ଯୋଗାଇବାକୁ ସର୍ବଦା ପ୍ରସ୍ତୁତ ରହିଛୁ । ଋଷର ବୈଦେଶିକ



ମନ୍ତ୍ରଣାଳୟ କହିଛି, ୨୦୨୫ ମସିହାରେ ପାକିସ୍ତାନ ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା । ସେଥିରେ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଓ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ମଧ୍ୟରେ ଏକ ବୈଠକ ମଧ୍ୟ ସାମିଲ ଥିଲା । ଏହା ଉଭୟ ଦେଶର ସହଯୋଗ ବିସ୍ତାର କରିବାର ଇଚ୍ଛାକୁ ଦର୍ଶାଇଥିଲା ।୨୦୩୦ ପର୍ଯ୍ୟନ୍ତ ଋଷ ଓ ପାକିସ୍ତାନ ବାଣିଜ୍ୟ ତଥା ଆର୍ଥିକ ସହଯୋଗର ବିକାଶ ପାଇଁ ଏକ କାର୍ଯ୍ୟକ୍ରମ ଗ୍ରହଣ କରିବେ ବୋଲି ଆଶା କରାଯାଉଛି। ଗତ କିଛି ମାସ ମଧ୍ୟରେ ପାକିସ୍ତାନ ଓ ଋଷ ମଧ୍ୟରେ ସମ୍ପର୍କରେ ଉନ୍ନତି ଆସିଛି । ଋଷ ପାକିସ୍ତାନର ବିଭିନ୍ନ କ୍ଷେତ୍ରରେ ନିବେଶ କରିବାକୁ ଆଗ୍ରହ ପ୍ରକାଶ କରିଛି । ବିଶେଷକରି ପାକିସ୍ତାନର ଇସ୍ପାତ କାରଖାନା ଓ ରେଳବାଇକୁ ଉନ୍ନତ କରିବାରେ ଋଷ ଇଚ୍ଛା ପ୍ରକାଶ କରିଛି । ପାକିସ୍ତାନ ମଧ୍ୟ ଭାରତ ସହିତ ନିଜ ମାମଲାରେ ଋଷକୁ ମଧ୍ୟସ୍ଥତା ଭାବରେ ସାମିଲ କରିବାକୁ ଚେଷ୍ଟା କରିଆସୁଛି । ତେବେ ଋଷ ଏପର୍ଯ୍ୟନ୍ତ ଭାରତର ସ୍ଥିତିକୁ ସମର୍ଥନ କରିଆସିଛି ଓ ମଧ୍ୟସ୍ଥତାରୁ ବିରତ ରହିଛି । ଦଶନ୍ଧି ଧରି ଋଷ ଓ ଭାରତ ବିଶ୍ୱସ୍ତ ସହଯୋଗୀ ହୋଇଆସିଛନ୍ତି । ଏହି ସମୟରେ ପାକିସ୍ତାନକୁ ଆମେରିକୀୟ ସମର୍ଥକ ଶିବିର ଭାବରେ ବିବେଚନା କରାଯାଉଛି । ଫଳସ୍ୱରୂପ, ଋଷ ସହିତ ପାକିସ୍ତାନର ବୃଦ୍ଧି ପାଉଥିବା ଘନିଷ୍ଠତା ବିଶ୍ୱବ୍ୟାପୀ ଦୃଷ୍ଟି ଆକର୍ଷଣ କରିଛି । ପାକିସ୍ତାନ ଅନେକ କ୍ଷେତ୍ରରେ ଋଷ ସହିତ ସମ୍ପର୍କ ଉନ୍ନତ କରିବା ପାଇଁ କାର୍ଯ୍ୟ କରୁଛି। ଚୀନ୍ ମଧ୍ୟ ଏହି କ୍ଷେତ୍ରରେ ପାକିସ୍ତାନକୁ ସହାୟତା ଜାରି ରଖିଛି ।

## ବଲୁଚିସ୍ତାନରେ ରକ୍ତାକ୍ତ ସଂଘର୍ଷ

**ନୂଆଦିଲ୍ଲୀ,୩।୨(ଏଜେନ୍ସି):**ପାକିସ୍ତାନର ଅଶାନ୍ତ ବଲୁଚିସ୍ତାନ ପ୍ରଦେଶରେ ଜାରି ରହିଥିବା ହିଂସା ସମଗ୍ର ଦେଶକୁ ଥରାଇ ଦେଇଛି । ବଲୁଚ ବିଦ୍ରୋହୀମାନେ ସୁରକ୍ଷା ବାହିନୀ ଓ ସାଧାରଣ ନାଗରିକଙ୍କ ଉପରେ ଭୟଙ୍କର ଆକ୍ରମଣ କରୁଛନ୍ତି । ମଜିଦ୍ ବ୍ରିଗେଡ୍ ଆତ୍ମଘାତୀ ଆକ୍ରମଣର ରଣନୀତିକୁ ଆପଣେଇଛି । ଫଳରେ କ୍ଷତିକ୍ଷତି ପରିମାଣ ବଢ଼ିବାରେ ଲାଗିଛି । ରକ୍ତପାତକୁ ବଲୁଚିସ୍ତାନର ସ୍ୱାଧୀନତା ପାଇଁ ଲଢ଼ୁଥିବା ସଂଗଠନ ବଲୁଚିସ୍ତାନ ଲିବରେସନ୍ ଆର୍ମି(ବିଏଲ୍ଏ) ଏକ ମାଧ୍ୟମ କରିଛି । ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ସ୍ୱୀକାର କରିଛନ୍ତି, ଏହି ଆକ୍ରମଣଗୁଡ଼ିକରେ ମହିଳା ବିଦ୍ରୋହୀମାନେ ସକ୍ରିୟ ଭାବରେ ସାମିଲ ଅଛନ୍ତି । ସୋସିଆଲ ମିଡିଆରେ ଏକ ଭିଡିଓ ମଧ୍ୟ ପ୍ରସାରିତ ହେଉଛି ଯେଉଁଥିରେ ଜଣେ ଅସ୍ତ୍ରଶସ୍ତ୍ର ମହିଳା ବିଦ୍ରୋହୀ ଏକ କୋଠା ଉପରକୁ ଗୁଳି ଚଳାଇଥିବା ଦେଖାଯାଉଛି । ମହିଳା ଜଣକ ହସୁଛନ୍ତି ଓ ପାକିସ୍ତାନ ସରକାରଙ୍କୁ ପରିହାସ କରୁଛନ୍ତି । ସେ ଦାବି କରିଛନ୍ତି ଯେ, ସେନା ସେମାନଙ୍କର ମୁକାବିଲା କରିବାରେ ବିଫଳ ହେଉଛି । ଗତ ଶୁକ୍ରବାର ରାତିରେ ଓ ସପ୍ତାହାନ୍ତରେ ବଲୁଚ ବିଦ୍ରୋହୀମାନେ ପାକିସ୍ତାନର ୧୨ ବିଭିନ୍ନ ଅଞ୍ଚଳରେ ବଡ଼ ଧରଣର ଆକ୍ରମଣ କରିଥିଲେ । ଏହି ହିଂସାତ୍ମକ ଆକ୍ରମଣରେ ୧୭ ସୁରକ୍ଷା କର୍ମୀ ଓ ୫୦ ସାଧାରଣ ନାଗରିକଙ୍କ ଜୀବନ ଯାଇଥିଲା । ଆକ୍ରମଣ ପରେ ବିଏଲ୍ଏ ଅନେକ ଆତ୍ମଘାତୀ ବିସ୍ଫୋରଣକାରୀଙ୍କ ଫଟୋ ପ୍ରକାଶ କରିଛି ।

# ଅଗ୍ନିବୀରଙ୍କୁ ମିଳିବ ପେନସନ୍ !

**ନୂଆଦିଲ୍ଲୀ,୩।୨(ଏଜେନ୍ସି):**ଅଗ୍ନିପଥ ଯୋଜନାରେ ନିଯୁକ୍ତ ଅଗ୍ନିବୀରଙ୍କ ପ୍ରଥମ ବ୍ୟାଚ୍ ଏହି ବର୍ଷ ଶେଷ ସୁଦ୍ଧା ଅବସର ନେବେ । ୨୦୨୨ ମସିହାରେ ଆରମ୍ଭ ହୋଇଥିବା ଅଗ୍ନିପଥ ଯୋଜନା ଭାରତୀୟ ସେନା, ଭାରତୀୟ ନୌସେନା ଏବଂ ଭାରତୀୟ ବାୟୁସେନାରେ ସୈନିକଙ୍କ ନିଯୁକ୍ତି ପ୍ରକ୍ରିୟାରେ ଏକ ବଡ଼ ପରିବର୍ତ୍ତନ ଆଣିଥିଲା । ଏହି ଯୁବ ସୈନିକମାନେ ସେମାନଙ୍କର ୟୁନିଫର୍ମ ଛାଡିବାକୁ ପ୍ରସ୍ତୁତ ହେଉଥିବା ସମୟରେ, ଏକ ପ୍ରମୁଖ ପ୍ରଶ୍ନ ଆଲୋଚନାର ବିଷୟ ପାଲଟିଛି । ଅବସର ନେଉଥିବା ଅଗ୍ନିବୀରମାନେ କଣ ପେନସନ୍ ପାଇବେ କି। ଆସନ୍ତୁ ଜାଣିବା ସେ ବିଷୟରେ..ଅଗ୍ନିପଥ ଯୋଜନାର ବର୍ତ୍ତମାନର ବ୍ୟବସ୍ଥା ଅନୁଯାୟୀ, ଚାରି ବର୍ଷ ସେବା ସମାପ୍ତ କରିବା ପରେ ଅଗ୍ନିବୀରମାନେ ପାରମ୍ପରିକ ପେନସନ୍ କିମ୍ବା ଗ୍ରାଚ୍ୟୁଇଟି ପାଇବେ ନାହିଁ। ପେନସନ୍ ସୁବିଧା କେବଳ ସଶସ୍ତ୍ର ବାହିନୀର ନିୟମିତ କ୍ୟାଡରରେ ଯୋଗ ଦେଉଥିବା ଲୋକମାନଙ୍କୁ ଉପଲବ୍ଧ । ଏହାର ଅର୍ଥ ହେଉଛି ସ୍ଥାୟୀ ଭାବରେ ରଖାଯାଇ ନଥିବା ୭୫% ଅଗ୍ନିବୀର ଜୀବନବ୍ୟାପୀ ପେନସନ୍ ପାଇବେ ନାହିଁ । ପେନସନ ପରିବର୍ତ୍ତେ, ଅବସର ଗ୍ରହଣ କରୁଥିବା ଅଗ୍ନିବୀରମାନେ ପ୍ରାୟ ୧୧.୭୧ ଲକ୍ଷ ଟଙ୍କାର ଏକକାଳୀନ ସେବା ପାଣ୍ଠି



ପ୍ୟାକେଜ୍ ପାଇବେ । ଏହି ରାଶି ଅଗ୍ନିବୀରମାନଙ୍କ ମାସିକ ଅବଦାନ ଏବଂ ସରକାରଙ୍କଠାରୁ ସମନ୍ୱିତ ଅବଦାନ ଏବଂ ସୁଧ ମାଧ୍ୟମରେ ସଂଗୃହିତ ହୁଏ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ସମ୍ପୂର୍ଣ୍ଣ ରାଶି ଆୟକର ମୁକ୍ତ । ଚାରି ବର୍ଷ ପରେ ସମସ୍ତ ଅଗ୍ନିବୀର ଅବସର ନେବେ ନାହିଁ । କାର୍ଯ୍ୟଦକ୍ଷତା, ଶୃଙ୍ଖଳା ଏବଂ ଚିକିତ୍ସା ଫିଟନେସ୍ ଆଧାରରେ, ପ୍ରତ୍ୟେକ ବ୍ୟାଚର ୨୫% ସଶସ୍ତ୍ର ବାହିନୀର ନିୟମିତ କ୍ୟାଡରରେ ସାମିଲ ହେବେ । ମନୋନୀତ ବ୍ୟକ୍ତିମାନେ ପେନସନ ଏବଂ ଅନ୍ୟାନ୍ୟ ଦୀର୍ଘକାଳୀନ ସୁବିଧା ପାଇଁ ଯୋଗ୍ୟତା ସମେତ ପାରମ୍ପରିକ ସୈନିକଙ୍କ ପରି ସେନାର ମାନକ ସେବା ସର୍ତ୍ତାବଳୀ ପାଳନ କରିବେ । ଚାରି ବର୍ଷ ପରେ ଚାକିରି ଛାଡ଼ିଥିବା ୭୫% ଲୋକଙ୍କ ପାଇଁ ସରକାର ଅନେକ ପୋଷ୍ଟ-ସେବା ସୁଯୋଗ ଘୋଷଣା କରିଛନ୍ତି । ଗୃହ ମନ୍ତ୍ରଣାଳୟ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ଯେପରିକି CRPF, BSF, CISF ଏବଂ ଆସାମ ରାଇଫଲ୍ସରେ ଅଗ୍ନିବୀରଙ୍କ ପାଇଁ ୫୦% ପର୍ଯ୍ୟନ୍ତ ଖାଲି ପଦବୀ ସଂରକ୍ଷଣ କରିଛି । ଏହା ବ୍ୟତୀତ, ଉତ୍ତର ପ୍ରଦେଶ ସମେତ ଅନେକ ରାଜ୍ୟ ପୋଲିସ ନିଯୁକ୍ତିରେ ଅଗ୍ନିବୀରଙ୍କ ପାଇଁ ସଂରକ୍ଷଣ ଘୋଷଣା କରିଛନ୍ତି । ଅବସର ପରେ, ଅଗ୍ନିବୀରମାନେ ଏକ ସରକାରୀ ଅଗ୍ନିବୀର ଦକ୍ଷତା ପ୍ରମାଣପତ୍ର ମଧ୍ୟ ପାଇବେ, ଯାହା ସେମାନଙ୍କ ସେବା ସମୟରେ ଅର୍ଜନ କରିଥିବା ବୈଷୟିକ, କାର୍ଯ୍ୟକ୍ଷମ ଏବଂ ନେତୃତ୍ୱ ଦକ୍ଷତାକୁ ଡକ୍ୟୁମେଣ୍ଟେସନ୍ କରିବ । ଏହି ପ୍ରମାଣପତ୍ରଗୁଡ଼ିକୁ ଘରୋଇ କ୍ଷେତ୍ରରେ ସ୍ୱୀକୃତି ପ୍ରଦାନ କରିବା ପାଇଁ ସରକାର ଶିଳ୍ପ ସଂସ୍ଥାଗୁଡ଼ିକ ସହିତ କାମ କରୁଛନ୍ତି ।



## ପ୍ରଥମ ଭିଜନ କୁଚିଣ୍ଡା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

**କୁଚିଣ୍ଡା,୦୩।୦୨(ନି.ପ୍ର.):** କୁଚିଣ୍ଡାର ମୁକୁନ୍ଦୀ ଷ୍ଟାଡିୟମଠାରେ ଭିଜନ କ୍ରିକେଟ ଏକାଡେମୀ ପକ୍ଷରୁ ଆୟୋଜିତ ପ୍ରଥମ ଭିଜନ କୁଚିଣ୍ଡା କପ୍' କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜି ପ୍ରଥମ ଦିନ ର ଉଦଘାଟନୀ ଉତ୍ସବରେ ଯୋଗଦେଇ କୁଚିଣ୍ଡା ବିଧାୟକ ତଥା କେବିନେଟ୍ ମନ୍ତ୍ରୀ ମୁଖ୍ୟ ଅତିଥି ଭାବରେ ରବି ନାରାୟଣ ନାଏକ ଫିତା କାଟି ଶୁଭ ଉଦ୍ଘାଟନ କରିଥିଲେ । ସୁଶିଲ କର , ଅନୁପମା ନାୟକ ଓ ସୈଲେନ୍ଦ୍ର ନାୟକ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଥିଲେ ।ସବୁଠାରୁ ଉତ୍ସାହର କଥା ହେଉଛି, ଦୀର୍ଘ ବର୍ଷର ବ୍ୟବଧାନ ପରେ ପୁଣିଥରେ



କୁଚିଣ୍ଡା ମାଟିରେ ଡ୍ୟୁସ ବଲ୍ କ୍ରିକେଟର ଆୟୋଜନ ହୋଇଛି, ଯାହା କୁଚିଣ୍ଡା ଅଞ୍ଚଳର କ୍ରୀଡ଼ା ଜଗତ ପାଇଁ ଏକ ନୂତନ ଅଧ୍ୟାୟ ଆରମ୍ଭ କରିଛି। ଆଜିଠାରୁ ଫେବୃଆରୀ ୦୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୧୬ ବର୍ଷରୁ କମ୍ ଏବଂ ୧୯ ବର୍ଷରୁ କମ୍ ବର୍ଗର ଯୁବ ପ୍ରତିଭାମାନେ ସାମିଲ ହୋଇଛନ୍ତି। ଆଜିର ପ୍ରଥମ ମ୍ୟାଚ୍ ଦେବଗଡ ଓ ସମ୍ବଲପୁର ମଧ୍ୟରେ ଖେଳା ଯାଇଥିଲା। ଜାତୀୟ ଦଳ ତଥା ଉଚ୍ଚସ୍ତରୀୟ କ୍ରିକେଟ ପାଇଁ ଡ୍ୟୁସ ବଲ୍ ?ର ଅଭ୍ୟାସ ଅତ୍ୟନ୍ତ ଜରୁରୀ ଏବଂ ଏହି ଟୁର୍ଣ୍ଣାମେଣ୍ଟ ଯୁବ ଖେଳାଳିମାନଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବାରେ ବେଶ ସହାୟକ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। ସଫଳ ଆୟୋଜନ ପାଇଁ ଭିଜନ କ୍ରିକେଟ ଏକାଡେମୀ ର ସଭାପତି ନଳିନୀକାନ୍ତ ମହାନ୍ତି , ଉପସଭାପତି ଅମିତ୍ ମିଶ୍ର, ସମ୍ପାଦକ ଉଦିତ ଦଶଭାୟା(ଦିଲୁ), କୋଷାଧକ୍ଷ ପିଙ୍କୁ ପାଣି ଓ ଯୁବନେତା ମହେଶ ରାୟ ପ୍ରମୂଖ ଯୋଗଦେଇ କାର୍ଯ୍ୟକ୍ରମ କୁ ସୁଚାରୁ ରୁପେ ପରିଚାଳନା କରିଥିଲେ । ଭିଜନ କ୍ରିକେଟ ଏକାଡେମି ର ସମସ୍ତ ସଦସ୍ୟ ଙ୍କୁ ଏହୀ ଉତ୍ତମ ପ୍ରୟାସ ପାଇଁ ମନ୍ତ୍ରୀ ରବି ନାରାୟଣ ନାଏକ ସାଧୁବାଦ ଜଣାଇବା ସହ ସମସ୍ତ ଖେଳାଳିଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଆଗାମୀ ଦିନରେ ଡ୍ୟୁସ ବଲ୍ କ୍ରିକେଟ ପାଇଁ ନୂତନ ପିଢ଼ି ଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେବ ବୋଲି କମିଟି ଆଶାବାଦୀ ଅଛି ବୋଲି କହିଥିଲେ।

# ସିଆଇଆଇ ଓଡ଼ିଶା ପକ୍ଷରୁ କେନ୍ଦ୍ର ବଜେଟ୍ ୨୦୨୬-୨୭କୁ ସ୍ୱାଗତ

**ଭୁବନେଶ୍ୱର, ୩।୨ (ନି.ପ୍ର) :** ମାନ୍ୟବର କେନ୍ଦ୍ର ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ଆଜି ସଂସଦରେ ଉପସ୍ଥାପିତ କେନ୍ଦ୍ର ବଜେଟ୍ ୨୦୨୬-୨୭ କୁ କନଫେଡେରେସନ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସିଆଇଆଇ) ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ସ୍ୱାଗତ କରାଯାଇଛି । ଏହାକୁ ଏକ ପ୍ରଗତିଶୀଳ ଏବଂ ଅଭିବୃଦ୍ଧି-ଅଭିମୁଖୀ ବଜେଟ୍ ଭାବରେ ବର୍ଣ୍ଣନା କରାଯାଇଛି, ଯାହା ଓଡ଼ିଶାର ଉତ୍ପାଦନ, ସେବା, ପର୍ଯ୍ୟଟନ ଏବଂ ଦକ୍ଷତା ବିକାଶ କ୍ଷେତ୍ର ପାଇଁ ଯଥେଷ୍ଟ ଲାଭଦାୟକ ହେବ । ଭୁବନେଶ୍ୱର ଠାରେ ଆୟୋଜିତ ବଜେଟ୍ର ସିଧାପ୍ରସାରଣ ଦେଖିବା ଅଧିବେଶନରେ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ପୂର୍ବତନ ଅଧକ୍ଷ ତଥା ଏସାର୍ ମିନମେଟ୍ ଲିମିଟେଡର ସିଇଓ ଏବଂ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଶଶି ଶେଖର ମହାନ୍ତି କହିଛନ୍ତି ଯେ, 'କେନ୍ଦ୍ର ବଜେଟ୍ ୨୦୨୬-୨୭ ଓଡ଼ିଶା ପାଇଁ ଅନେକ ସୁଫଳ ଆଣିଛି । ସେମିକଣ୍ଡକ୍ଟର ଉପରେ ଗୁରୁତ୍ୱ ଏବଂ




ରାଜ୍ୟରେ ଜାତୀୟ ଜଳପଥର ବିକାଶ ଜାତୀୟ ସ୍ତରରେ ଓଡ଼ିଶାର ଗୁରୁତ୍ୱକୁ ଯଥେଷ୍ଟ ବୃଦ୍ଧି କରିଛି । ଏହି ବଜେଟ୍ ଦେଶର ଅର୍ଥନୀତିକୁ ଆହୁରି ମଜବୁତ କରିବ ଏବଂ ଆଗାମୀ ବର୍ଷଗୁଡ଼ିକରେ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥବ୍ୟବସ୍ଥା ହେବା ଦିଗରେ ଭାରତର ଯାତ୍ରାକୁ ସହାୟକ ହେବ । ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ପୂର୍ବତନ ଅଧକ୍ଷ ତଥା ଏସଏନଏମ ଗ୍ରୁପର ଅଧକ୍ଷ ଡକ୍ଟର ପ୍ରଦୀପ୍ତ ମହାନ୍ତି ପ୍ରଶଂସା କରି କହିଛନ୍ତି ଯେ, ଉତ୍ପାଦନ କ୍ଷେତ୍ର ଉପରେ ଦିଆଯାଇଥିବା ବିଶେଷ ଗୁରୁତ୍ୱ ଅର୍ଥନୈତିକ ଅଭିବୃଦ୍ଧି ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଏକ ପ୍ରମୁଖ ଚାଳକ ଭାବରେ କାର୍ଯ୍ୟ କରିବ। 'ଉତ୍ପାଦନ, ସେବା, ପର୍ଯ୍ୟଟନ ଏବଂ ଦକ୍ଷତା ବିକାଶ ଉପରେ ବଜେଟର ଧ୍ୟାନ କେନ୍ଦ୍ରିତ ହୋଇଥିବାରୁ ଓଡ଼ିଶା ଏଥିରୁ ବହୁଳ ଭାବରେ ଉପକୃତ ହେବ । ଉତ୍ପାଦନକୁ ଦିଆଯାଇଥିବା ଗୁରୁତ୍ୱ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ ଏବଂ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । କାଜୁ ପ୍ରକ୍ରିୟାକରଣ ଏବଂ ନଡ଼ିଆ ପ୍ରୋତ୍ସାହନ ଯୋଜନା ଭଳି ନିର୍ଦ୍ଦିଷ୍ଟ ପଦକ୍ଷେପଗୁଡ଼ିକ ରାଜ୍ୟର କୃଷି-ଭିତ୍ତିକ ଶିଳ୍ପଗୁଡ଼ିକୁ ସିଧାସଳଖ ସହାୟତା କରିବ । ପର୍ଯ୍ୟଟନ, ସ୍ୱାସ୍ଥ୍ୟସେବା ଏବଂ ସେବା କ୍ଷେତ୍ର ଉପରେ ଗୁରୁତ୍ୱ ଓଡ଼ିଶାର ବିକାଶ ଧାରାକୁ ଆହୁରି ସୁଦୃଢ଼ କରୁଛି,' ବୋଲି ସେ କହିଛନ୍ତି ।

ସନ୍ତୋଷ ବ୍ୟକ୍ତ କରି ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ସଦସ୍ୟ ତଥା ଟାଟା ଷ୍ଟିଲ୍ ଏସଇଜେଡର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ମଣିକାନ୍ତ ନାୟକ କହିଛନ୍ତି, 'କେନ୍ଦ୍ର ବଜେଟ୍ ଭାରତର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଏକ ପ୍ରଗତିଶୀଳ ରୋଡମ୍ୟାପ୍ ଉପସ୍ଥାପନ କରିଛି, ଯେଉଁଥିରେ ନିରନ୍ତର ଅର୍ଥନୈତିକ ସମ୍ପ୍ରସାରଣ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ପୁଞ୍ଜିଗତ ବ୍ୟୟ ଉପରେ ବିଶେଷ ଧ୍ୟାନ ନିଯୁକ୍ତି ସୁଯୋଗ ବୃଦ୍ଧି ଏବଂ ଉତ୍ପାଦନ ପରିବେଶକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଛି । ଓଡ଼ିଶା ପାଇଁ ଅନ୍ତଃ-ଦେଶୀୟ ଜଳପଥ, ରେୟାର ଆର୍ଥ କ୍ଷେତ୍ର ଏବଂ ପର୍ଯ୍ୟଟନ କ୍ଷେତ୍ରରେ ଲକ୍ଷ୍ୟଧାର୍ଯ୍ୟ ପଦକ୍ଷେପଗୁଡ଼ିକ ଅପାର ସମ୍ଭାବନାକୁ ଉନ୍ମୁକ୍ତ କରୁଛି, ଯାହା ରାଜ୍ୟର ପ୍ରଗତି ଏବଂ ଦେଶର ସାମଗ୍ରିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ।

ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଷ୍ଟାର୍ଟଅପ୍ ଏବଂ ଇନୋଭେସନ୍ ପ୍ୟାନେଲର ଆବାହକ ତଥା ସ୍ୱଦେଶ ଇନଫ୍ରା ମାର୍କେଟିଂ ପ୍ରାଇଭେଟ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସ୍ୱୟଂ ବରାଳ ଏହି ବଜେଟକୁ ଐତିହାସିକ ଏବଂ ସଂସ୍କାରମୂଳକ ବୋଲି ବର୍ଣ୍ଣନା କରିଛନ୍ତି । 'ଗତବର୍ଷ ଆୟକର ଏବଂ ଦ୍ରବ୍ୟ ଓ ସେବା କର (ଜିଏସଟି) କ୍ଷେତ୍ରରେ ହୋଇଥିବା ଦୁଇଟି ପ୍ରମୁଖ ସଂସ୍କାର ସହ ଏହି ସଫଳ ବଜେଟ୍ ପାଇଁ ମୁଁ ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣଙ୍କୁ ଧନ୍ୟବାଦ ଜଣାଉଛି। କେନ୍ଦ୍ର ବଜେଟ୍ ୨୦୨୬-୨୭ ଆତ୍ମନିର୍ଭର ଭାରତର ଦୂରଦୃଷ୍ଟିକୁ ସୁଦୃଢ଼ କରୁଛି, ଯାହା ଭାରତୀୟ କର୍ପୋରେଟ୍ ସଂସ୍ଥାଗୁଡ଼ିକୁ ବିଶ୍ୱ ସ୍ତରରେ ପ୍ରତିଯୋଗୀ କରିବ। ଏମଏସଏମଇ ଗୁଡ଼ିକ ଉପରେ ବର୍ଦ୍ଧିତ ଧ୍ୟାନ ନଗଦ କାରବାର ବା ଲିକ୍ୱିଡିଟିରେ ଉନ୍ନତି ଆଣିବ ଏବଂ ଅର୍ଥନୀତିର ମେରୁଦଣ୍ଡକୁ ଶକ୍ତିଶାଳୀ କରିବ,' ବୋଲି ସେ କହିଛନ୍ତି।

ସାମଗ୍ରିକ ଭାବେ, ସିଆଇଆଇ ଓଡ଼ିଶା ବିଶ୍ୱାସ କରେ ଯେ କେନ୍ଦ୍ର ବଜେଟ୍ ୨୦୨୬-୨୭ ଅଭିବୃଦ୍ଧି, ସଂସ୍କାର ଏବଂ ଅନ୍ତର୍ଭୁକ୍ତିକରଣ ମଧ୍ୟରେ ସଠିକ୍ ସନ୍ତୁଳନ ରକ୍ଷା କରିଛି ଏବଂ ଓଡ଼ିଶାରେ ଶିଳ୍ପାୟନ, ନିଯୁକ୍ତି ସୃଷ୍ଟି ଏବଂ ସ୍ଥାୟୀ ବିକାଶକୁ ତ୍ୱରାନ୍ୱିତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ।

## କମ୍ପ୍ୟୁଟର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଗଞ୍ଜାମ , ୩।୨ (ନି.ପ୍ର):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଲିବନ୍ଧ ପଞ୍ଚାୟତର ପୋଡ଼ାମପେଟା ଓଡ଼ିଆରପି କଲୋନୀରେ ଏକ ବର୍ଷ ଧରି ଚାଲିଥିବା କମ୍ପ୍ୟୁଟର ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି । ଭିୟୁଷ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି ଶିବିରରେ କୋର୍ଡିନେଟର ଜେ. ଟିଟୁ ଙ୍କ ତତ୍ତ୍ୱାବଧାନ ରେ ଆୟୋଜିତ ହୋଇଥିବା ବେଳେ ପ୍ରଶିକ୍ଷିକା ସି ଏଚ ପଦ୍ମିନୀ ଙ୍କ ପୌରହିତ୍ୟରେ ଆୟୋଜିତ ଉଦଯାପନି ସମାବେଶରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସଂଯୁକ୍ତା ପ୍ରଧାନ, ମୁଖ୍ୟବକ୍ତା ଭାବେ ଓଡିଶା ସମ୍ବାଦିକ ସଙ୍ଘ ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା ଯୋଗଦେଇ ଉପସ୍ଥିତ ଶିବିରାର୍ଥିଙ୍କ ଉଜ୍ଜଳ ଭବିଷତ କାମନା କରି ସାର୍ଟିଫିକେଟ ପ୍ରଦାନ କରିଥିଲେ। ୱାର୍ଡ ମେମ୍ବର ଏନ. ଲକ୍ଷ୍ମୀ ପୂର୍ବତନ ୱାର୍ଡ ମେମ୍ବର୍ଡ଼ି. ହାଡ଼ି,ଡ଼ି. ଏରିଗା ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସିନ ରହିଥିଲେ। ସ୍ଥାନୀୟ ଅଂଚଳର ୧୫୭ ଜଣ ଶିବିରାର୍ଥି ଛାତ୍ରଛାତ୍ରୀ ଙ୍କୁ କମ୍ପ୍ୟୁଟର ପ୍ରଶିକ୍ଷଣ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

## ବୁଗୁଡ଼ାରେ ଉପୁଜୁଛି ଟ୍ରାଫିକ ସମସ୍ୟା : ପ୍ରତିକାର ଦାବି

**ବୁଗୁଡ଼ା ୩।୨ (ନି.ପ୍ର) :** ବୁଗୁଡା ସହରର ମୁଖ୍ୟ ସଡକ ସମେତ ବିଭିନ୍ନ ଛକରେ ଯାନବାହାନ ଚଳାଚଳ ବେଳେ ଅନେକ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବାରୁ ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ବୁଗୁଡା ମୁଖ୍ୟ ରାସ୍ତାରେ ଦୈନିକ ଶହ ଶହ ଯାନବାହାନ ଚଳାଚଳ ହେଉଥିବା ବେଳେ ବିଭିନ୍ନ ବେପାରୀ ରାସ୍ତା କଡ ଅତିକ୍ରମ କରି ପସରା ମେଲାଇ ବେପାର ଜମାଉଥିବା ଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଅଧିକାଂଶ ସମୟରେ ଯାନବାହାନ ଗୁଡିକର ଲମ୍ବା ଧାଡ଼ି ଲାଗିଯାଉଛି। ଏହି ସମସ୍ୟାର ସମାଧାନ କରିବାରେ ଦୀର୍ଘ ସମୟ ଲାଗିଯାଉଛି ଏବଂ ଅଯଥା ପାଟିତୁଣ୍ଡ ସାଙ୍ଗକୁ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଉଛି । ଜରୁରୀକାଳୀନ ସେବାରେ ନିୟୋଜିତ ଆମ୍ବୁଲାନ୍ସ ମଧ୍ୟ ବେଳେ ବେଳେ ଏହି ଟ୍ରାଫିକ୍ ସମସ୍ୟାରେ ଫସି ଯାଉଛି। ଏହି ଟ୍ରାଫିକ ସମସ୍ୟାର ସ୍ଥାୟୀ ପ୍ରତିକାର ଦିଗରେ ଏନ୍‌ଏସି ଏବଂ ପୋଲିସ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସାଧାରଣରେ ଦାବି ହେଉଛି।

### ପ୍ରିୟାଂଶିଶ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଦ୍ୱିତୀୟ ଲିଗରେ କଟକ କ୍ରିକେଟ ଟିମ ବିଜୟୀ

**କଣ୍ଟିଲୋ, ୩/୨ (ନିପ୍ର):** ଖଣ୍ଡପଡ଼ା ବ୍ଲକ ସିଧାମୂଳା ଗ୍ରାମରେ ପ୍ରିୟାଂଶିଶ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଲିଗରେ କଟକ କ୍ରିକେଟ ଟିମ ୧୦ ୱିକେଟରେ ବିଜୟୀ ହୋଇଛି। ଗୋକୁଳାନନ୍ଦ କ୍ରିକେଟ କ୍ଲବ ଆନୁକୁଲ୍ୟରେ ଆୟୋଜିତ ଦ୍ୱିତୀୟ ଲିଗ ମ୍ୟାଚରେ ଟସ ଜିତି ଶାଳଝରିଆ କ୍ରିକେଟ ଟିମ ନିର୍ଧାରିତ ୧୨ ଓଭରରେ ସମସ୍ତ ୱିକେଟ ହରାଇ ୮୭ ରନରେ ସୀମିତ ରହିଥିଲା। ଜବାବରେ କଟକ କ୍ରିକେଟ ଟିମ ମାତ୍ର ୩.୫ ଓଭରରେ ବିଜୟ ଲକ୍ଷ ହାସଲ କରିନେଇଥିଲା। ବିଜୟୀ ଦଳର ଶିଲୁ କୁମାର ୪ ଓଭର ବୋଲିଂ କରି ୪ ୱିକେଟ ହାସଲ କରିବା ସହିତ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ବରୁଣ ରାଉଳ ଓ ପ୍ରଭାତ ମହାଳିକ ଖେଳକୁ ପରିଚାଳନା କରିଥିବା ବେଳେ ଆଲୋକ ରାଉତ ଭାଷ୍ୟକାର ଏବଂ ଗୌରାଙ୍ଗ ସେଠୀ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଆସନ୍ତାକାଲି ବଡମ୍ବା କ୍ରିକେଟ ଟିମ ସହିତ ଖୋର୍ଦ୍ଧା କ୍ରିକେଟ ଟିମର ମୁକାବିଲା ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

### ଦୁହୁରିଆରେ ଅଣ୍ଡରପାସକୁ ନେଇ ଜନଅସନ୍ତୋଷ

# ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ

**କେନ୍ଦ୍ରାପଡ଼ା,୩।୨ (ନି.ପ୍ର) :** ଦୁହୁରିଆ ନିକଟରେ ଦୁଇଟି ଅଣ୍ଡରପାସ ନିର୍ମାଣ କରିବାକୁ ଯୋଜନା ହୋଇଥିବା ବେଳେ ଠିକାସଂସ୍ଥା ଗୋଟିଏ ଅଣ୍ଡରପାସ ନିର୍ମାଣ କରି ଚୁପ ହୋଇ ବସିଛି। ଏହାଦ୍ୱାରା ଭବିଷ୍ୟତରେ ବହୁ ଦୁର୍ଘଟଣା ଘଟିବ। ଯେଉଁଥିରେ ଅନେକ ଲୋକଙ୍କ ପ୍ରାଣହାନୀ ଘଟିବ। ଏହି ସମସ୍ୟାକୁ ଜିଲ୍ଲା ପ୍ରଶାସନ ହୃଦୟଙ୍ଗମ କରି ଠିକାସଂସ୍ଥା ସହ ବାରମ୍ବାର ଆଲୋଚନା ପର୍ଯ୍ୟାଲୋଚନା କରିଥିଲେ ସୁଧା ଠିକାସଂସ୍ଥା ଏହାକୁ କର୍ଣ୍ଣପାତ କରୁନାହିଁ। ଏହାକୁ ନେଇ କେନ୍ଦ୍ରାପଡାର ବୁଦ୍ଧିଜିବୀମାନେ ଜାତୀୟ ରାଜପଥର ଆଞ୍ଚଳିକ କର୍ତ୍ତୃପକ୍ଷଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଅଭିଯୋଗରେ ଉଲ୍ଲେଖ ରହିଛି ଠିକାସଂସ୍ଥା ଦୁଇଟି ଅଣ୍ଡରପାସ ନିର୍ମାଣ କରିବେ ବୋଲି କହିବାରୁ ସ୍ଥାନୀୟ ଦୋକାନୀମାନେ କ୍ୟାବିନ ଉଠାଇ ଦେଇଥିଲେ। ସ୍ଥାନୀୟ ଯୁବକମାନେ ନିଜର ପେଟପାଟଣା କଥାକୁ ଅଗ୍ରାଧିକାର ନଦେଇ ସାମାଜିକ ମଙ୍ଗଳ କଥା ଚିନ୍ତାକଲେ। କିନ୍ତୁ ଠିକାସଂସ୍ଥା ନିଜର କର୍ତ୍ତବ୍ୟ ଭୁଲିଗଲା। ଗୋଟିଏ ଅଣ୍ଡରପାସ



ନିର୍ମାଣ ହୋଇଥିବାରୁ ଗାଡି ମଟର ଗୁଡିକ ଚାନ୍ଦବାଲିରୁ କେନ୍ଦ୍ରାପଡା ଦେଇ କଟକ ଯିବା ସୁବିଧା ହେବ। କିନ୍ତୁ କଟକରୁ ଯେଉଁ ଗାଡି ମଟର ଗୁଡିକ କେନ୍ଦ୍ରାପଡା ଦେଇ ଚାନ୍ଦବାଲି ଅଭିମୁଖେ ଯିବ ସେଥିପାଇଁ ଆଉ ଏକ ଅଣ୍ଡରପାସ ନିର୍ମାଣର ଆବଶ୍ୟକତା ରହିଛି। ଆଉ ଏକ ଅଣ୍ଡରପାସ ନିର୍ମାଣ ନହେଲେ କଟକରୁ ଆସୁଥିବା ଗାଡିମଟର ଗୁଡିକ ଦୁର୍ଘଟଣାର ସମ୍ମୁଖୀନ ହେବ। ଏଠାରେ ସୂଚନା ଯୋଗ୍ୟ ଯେ କଟକ-ଚାନ୍ଦବାଲି ରାସ୍ତା ୬ଲେନ ବିଶିଷ୍ଟ ହେବା ପାଇଁ ସରକାରୀ ମଞ୍ଜୁରୀ ମିଳିଥିବାରୁ ଏଠାରେ ଅନ୍ୟ ଏକ ଅଣ୍ଡରପାସ ନିର୍ମାଣ ହେବାର ଯଥେଷ୍ଟ ଆବଶ୍ୟକ ରହିଛି। ଗୋଟିଏ ଅଣ୍ଡରପାସ ନିର୍ମାଣ ହୋଇଥିବାରୁ କଟକ ଜିଲ୍ଲାରୁ ଆସୁଥିବା ଗାଡି, ଜଗତସିଂହପୁର ଜିଲ୍ଲାରୁ ଆସୁଥିବା ଗାଡି, ଯାଜପୁର ଜିଲ୍ଲାରୁ ଆସୁଥିବା ଗାଡି ଓ ଭଦ୍ରକ ଜିଲ୍ଲାରୁ ଆସୁଥିବା ଗାଡି ଗୋଟିଏ ସ୍ଥାନରେ ପରସ୍ପରକୁ ଅତିକ୍ରମ କରିବେ। ଫଳରେ ଗୋଟିଏ ଛକରେ ଚାରି ଜିଲ୍ଲାର ଗାଡି ପରସ୍ପର ମଧ୍ୟରେ ସମସ୍ୟା ସୃଷ୍ଟି କରିବେ। ଏହି ସମସ୍ୟାର ସମାଧାନ କରିବାକୁ ହେଲେ ଆଉ ଏକ ଅଣ୍ଡରପାସ ନିର୍ମାଣର ଆବଶ୍ୟକତା ରହିଛି। ତେଣୁ ଯୁଦ୍ଧକାଳୀନ ଭିତ୍ତିରେ ଏଠାରେ ଅଣ୍ଡରପାସ ନିର୍ମାଣ କରାଯିବା ପୂର୍ବରୁ ପ୍ରଶାସନ ଓ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟରେ ଦାବି କରାଯାଇଥିଲା। ଏହାକୁ ପ୍ରଶାସନ ହୃଦୟଙ୍ଗମ କରି ଠିକାସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲା ଏଠାରେ ଦୁଇଟି ଅଣ୍ଡରପାସ ନିର୍ମାଣ କରିବା ପାଇଁ। ଠିକାସଂସ୍ଥା ମଧ୍ୟ ଦୁଇଟି ଅଣ୍ଡରପାସ ନିର୍ମାଣ କରିବାକୁ ସହମତି ପ୍ରକାଶ କରିଥିଲା। ହେଲେ ଏବେ ଠିକାସଂସ୍ଥା ନିଜ ପ୍ରତିଶୃତିରୁ ଓହରି ଯାଉଛି। ଏହାଦ୍ୱାରା ଜନସାଧାରଣଙ୍କ ଜୀବନ ବିପଦରେ ପଡିବ। ଯଦି ଠିକାସଂସ୍ଥା ଖୁବଶୀଘ୍ର ଆଉ ଏକ ଅଣ୍ଡରପାସ ନିର୍ମାଣ ନକରେ ତାହାହେଲେ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ବୁଦ୍ଧିଜିବୀମାନେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଭେଟି ଆଲୋଚନା କରିବା ସହିତ ଦାବିପତ୍ର ପ୍ରଦାନ କରିଛନ୍ତି। ଆଲୋଚନାରେ ବରିଷ୍ଠ ଆଇନଜୀବୀ ବିଜୟ କୁମାର ପରିଡା, ଦେବାଶିଷ ଦାସ, ସନାତନ ମୁଦୁଲି, ସ୍ୱୟଂପ୍ରକାଶ ଦାସ, ଗିରିଧାରୀ ପଟ୍ଟନାୟକ, ପ୍ରଶାନ୍ତ ସେଠୀ, ବିଶ୍ୱପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଅନ୍ନପୂର୍ଣ୍ଣା ଗ୍ରୁପ ପକ୍ଷରୁ ଅନ୍ନପୂର୍ଣ୍ଣା ଗାଈ ଘିଅର ଔପଚାରିକ ଶୁଭାରମ୍ଭ

**ଭୁବନେଶ୍ୱର, ୩।୨ (ନି.ପ୍ର) :** ସାତ ଦଶନ୍ଧିରୁ ଅଧିକ ସମୟର ଏକ ବିରାସତ ଉପରେ ନିର୍ମିତ ଉତରପୂର୍ବାଂଚଳର ପ୍ରତିଷ୍ଠିତ ଘରୋଇ ଏଫଏମସିଜି କମ୍ପାନୀ, ଅନ୍ନପୂର୍ଣ୍ଣା ଗ୍ରୁପ ଉତରପ୍ରଦେଶ, ଦିଲ୍ଲୀ-ଏନସିଆର, ବିହାର, ଝାଡ଼ଖଣ୍ଡ ଓ ଓଡିଶା ସମେତ ଉତର ଓ ପୂର୍ବ ଭାରତୀୟ ବଜାରଗୁଡିକରେ ଏହାର ଫ୍ଲାଗସିପ ପ୍ରଡକ୍ଟ ଅନ୍ନପୂର୍ଣ୍ଣା ଗାଈ ଘିଅର ଶୁଭାରମ୍ଭ କରିଛି । ଏହି ରଣନୈତିକ ପଦକ୍ଷେପ ଅନ୍ନପୂର୍ଣ୍ଣା ଗ୍ରୁପର ଅଭିବୃଦ୍ଧି ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପର ଆରମ୍ଭ କରିଛି କାରଣ ଏହା ଉଚ୍ଚ-ସମ୍ଭାବନାପୂର୍ଣ୍ଣ ଉପଯୋଗ ବଜାର ଭାବେ ଉଭା ହେଉଥିବା ଅଂଚଳଗୁଡିକରେ ନିଜର ଉପସ୍ଥିତି ସୁଦୃଢ କରୁଛି । ଅନ୍ନପୂର୍ଣ୍ଣା ଗାଈ ଘିଅକୁ ଏହାର ସମୃଦ୍ଧ ସୁଗନ୍ଧ, ପ୍ରକୃତ ସ୍ୱାଦ ଓ ପ୍ରାକୃତିକ ଉତମତାକୁ ସଂରକ୍ଷିତ ରଖିବା ପାଇଁ ଆଧୁନିକ ଟେକ୍ନୋଲୋଜି ସହ ପାରମ୍ପରିକ ପଦ୍ଧତିଗୁଡିକୁ ଏକତ୍ରିତ କରି ଯତ୍ନର ସହିତ ପ୍ରସ୍ତୁତ କରାଯାଉଛି । ପୂର୍ବାଂଚଳ ଭାରତରେ ଏକ ସୁପରିଚିତ ନାମରେ ପରିଣତ ହୋଇଥିବା ଏହି ଘିଅ ଶୁଦ୍ଧତା ଓ ଗୁଣବତା ପ୍ରଦାନ କରିବା ପାଇଁ ବ୍ରାଣ୍ଡର ପ୍ରତିବଦ୍ଧତାର ପ୍ରତିନିଧିତ୍ୱ କରୁଛି । ଏହି ସମ୍ପ୍ରସାରଣ ସହିତ ଅନ୍ନପୂର୍ଣ୍ଣା ନିଜର ଦୈନନ୍ଦିନ ରୋଷେଇ ଓ ପାର୍ବଣ ପରମ୍ପରାର ଅଂଶ ଭାବେ ପ୍ରାମାଣିକ ଓ ଅପମିଶ୍ରିତ ହୋଇନଥିବା ଘିଅ ଖୋଜୁଥିବା ଅଧିକରୁ ଅଧିକ ପରିବାର ନିକଟରେ ପହଂଚିବାକୁ ଲକ୍ଷ୍ୟ ରଖିଛି ।

ଏହି ଶୁଭାରମ୍ଭ ସମ୍ପର୍କରେ ଅନ୍ନପୂର୍ଣ୍ଣା ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ସୁବୀର ଘୋଷ କହିଛନ୍ତି,'ଶୁଦ୍ଧତା ସବୁବେଳେ ଅନ୍ନପୂର୍ଣ୍ଣାର ମୂଳଦୁଆ ରହିଆସିଛି । ଅନ୍ନପୂର୍ଣ୍ଣା ଗାଈ ଘିଅ ଭାରତୀୟ ଘରଗୁଡିକ ପାଇଁ ପ୍ରାମାଣିକ ଓ ସାମଗ୍ରିକ ଖାଦ୍ୟ ଆଣିବା ପାଇଁ ଆମର ଦର୍ଶନର ଏକ ପ୍ରତିଫଳନ ଅଟେ। ଏଭଳି ଆଂଚଳିକ ବଜାରଗୁଡିକରେ ଆମର ପ୍ରବେଶ, ଉଚ୍ଚ-ଅଭିବୃଦ୍ଧିଶୀଳ ବଜାରଗୁଡିକରେ ଆମର ଉପସ୍ଥିତିକୁ ସୁଦୃଢ କରିବା ପାଇଁ ଏକ କେନ୍ଦ୍ରିତ ରଣନୀତିର ଅଂଶ ଅଟେ। ଆମେ ନିଶ୍ଚିତ ଯେ, ଏହି ରାଜ୍ୟଗୁଡିକର ଉପଭୋକ୍ତାମାନେ ଏହାର ଗୁଣବତା, ସ୍ୱାଦ ଓ ବିଶ୍ୱାସ ମୂଲ୍ୟବୋଧ ପାଇଁ ଅନ୍ନପୂର୍ଣ୍ଣା ଗାଈ ଘିଅକୁ ଗ୍ରହଣ କରିବେ ।'

୧୯୫୨ ମସିହାରୁ ଅନ୍ନପୂର୍ଣ୍ଣା ଗ୍ରୁପ ଶୁଦ୍ଧତା, ବିଶ୍ୱାସ ଓ ଗୁଣବତାର ସମାର୍ଥକ ରହିଆସିଛି । ବିଗତ ବର୍ଷଗୁଡିକରେ ଏହା ଖାଦ୍ୟ, ଦୁଗ୍ଧ, ମୃଦୁ ପାନୀୟ ଓ ଖାଇବା ତେଲ ସମେତ ଏକ ବିବିଧ ପୋର୍ଟଫୋଲିଓ ସହ ଲକ୍ଷ ଲକ୍ଷ ପରିବାରକୁ ସେବା ପ୍ରଦାନ କରିଛି । ଏହି ଗ୍ରୁପ ବର୍ତମାନ ଉତର ଓ ପୂର୍ବ ଭାରତରେ ନୂଆ ଉପଭୋକ୍ତାଙ୍କ ପାଇଁ ଏହାର ସିଗ୍ନେଚର ଅନ୍ନପୂର୍ଣ୍ଣା ଗାଈ ଘିଅ ଆଣିଛି, ଯାହା ପ୍ରତ୍ୟେକ ପରିବାର ପାଇଁ ଶୁଦ୍ଧ ଓ ପୋଷଣଯୁକ୍ତ ଉତ୍ପାଦଗୁଡିକୁ ଉପଲବ୍ଧ କରାଇବାର ଏହାର ଦୃଷ୍ଟିକୋଣକୁ ମଜବୁତ କରିଛି । କମ୍ପାନୀ ବ୍ୟାପକ ବଜାର ଉପଲବ୍ଧତା ଓ ଦ୍ରୁତ ଉପଭୋକ୍ତା ପହଂଚ ସୁନିଶ୍ଚିତ କରିବା ପାଇଁ ଜେନେରାଲ ଟ୍ରେଡ, ମଡର୍ଣ୍ଣ ଟ୍ରେଡ ସମେତ ଏକାଧିକ ବଜାର ଏବଂ କ୍ୱିକ୍-କମର୍ସ ଭଳି ନୂତନ ଯୁଗର ମାଧ୍ୟମଗୁଡିକରେ ନିଜର ବିତରଣ ନେଟୱର୍କକୁ ଶକ୍ତିଶାଳୀ କରିଛି । ଏହି ଲଂଚ ଅନ୍ନପୂର୍ଣ୍ଣାର ଆଇକୋନିକ କାଓ (ଗାଈ) ମାସ୍କଟ ଦ୍ୱାରା ପରିଚାଳିତ ଏକ ମାର୍କେଟିଂ କ୍ୟାମ୍ପେନ ଦ୍ୱାରା ସମର୍ଥିତ ଅଟେ । ଅନ୍ନପୂର୍ଣ୍ଣା ବିଶ୍ୱାସ କରେ ଯେ, ଗାଈମାନଙ୍କୁ ଉତମ ଖାଦ୍ୟ, ଉତମ ପୋଷଣ ଦିଆଗଲେ ଓ ସେମାନଙ୍କର ଦାୟିତ୍ୱପୂର୍ଣ୍ଣ ଭାବେ ଯତ୍ନ ନିଆଗଲେ, ଶୁଦ୍ଧ ଓ ଉଚ୍ଚମାନର ଘିଅ ମିଳିପାରିବ । ଏହି ବିଶ୍ୱାସକୁ ବ୍ରାଣ୍ଡର ବିଚାରଧାରା 'ସୁପର କାଓ ସେ ବନା ସୁପର ଘି'ରେ କ୍ୟାପ୍‌ଚର କରାଯାଇଛି । ପ୍ରମୁଖ ଆଂଚଳିକ ବଜାରଗୁଡିକରେ ଏହି ଲଂଚ ସହିତ ବାଣିଜ୍ୟ ସକ୍ରିୟକରଣ ଓ ଉପଭୋକ୍ତା ସମ୍ପର୍କ କାର୍ଯ୍ୟକ୍ରମଗୁଡିକୁ ଆରମ୍ଭ କରାଯିବ ।

## ବନାରସ ଜାତୀୟ ସାହିତ୍ୟ ମହୋତ୍ସବରେ ମାଲକାନଗିରି ଝିଅଙ୍କ ସଫଳତା

**ମାଲକାନଗିରି,୩।୨ (ମନ୍ଥନ):** ନବ ଭାରତୀୟ ଓ ନିର୍ମାଣ ସମିତି ଏବଂ କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟର ଯୁଗ୍ମ ଆୟୋଜନରେ ଚତୁର୍ଥ ବନାରସ ସାହିତ୍ୟ ମହୋତ୍ସବ ଜାନୁଆରୀ ୩୦ ଠାରୁ ଫେବ୍ରୁଆରି ୧ ତାରିଖ ଯାଏଁ ଆୟୋଜିତ ଏହି ତିନିଦିଆ



ମହୋତ୍ସବରେ ଭାରତ ସାହିତ୍ୟ, ସଂସ୍କୃତି ଓ କଳାର ମହାସଙ୍ଗମ ବନାରସର ହୋଟେଲ ତାଜ ଠାରେ ଅନୁଷ୍ଠିତ ହୋଇଯାଇଛି। ଦେଶର କୋଣ ଅନୁକୋଣରୁ ପ୍ରାୟ ୧୦୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଯୋଗ ଦେଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଝିଅ ଡି ରାଜ ରାଜେଶ୍ୱରୀ ପଟ୍ଟନାୟକ କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟ ପକ୍ଷରୁ ଚୟନ ହୋଇ ଓଡିଶାର ପ୍ରତିନିଧିତ୍ୱ କରିଥିଲେ। ଇଂରାଜୀ ଓ ହିନ୍ଦୀ ଭାଷାରେ କବିତା ଏବଂ ପ୍ରବନ୍ଧ ଲିଖନ ପ୍ରତିଯୋଗୀତା ପାଇଁ ସେ ମନୋନୀତ ହୋଇ ଏକମାତ୍ର ଇଂରାଜୀ ଭାଷାରେ କବିୟତ୍ରୀ ହୋଇ ଭାରତ କବି ରତ୍ନ ପୁରସ୍କାର ପାଇଛନ୍ତି। ସେ ଉଭୟ ଇଂରାଜୀ ଓ ହିନ୍ଦୀ ଭାଷାରେ ନିଜର ପରିଦର୍ଶିତା ଦେଖାଇ ଉଚ୍ଚ ପ୍ରଶଂସିତ ହୋଇଥିଲେ। ତାଙ୍କର ଏହି ସାହିତ୍ୟ ରୁଚି ଯୋଗୁଁ ସେ ପୂର୍ବରୁ ମଧ୍ୟ ବେସ ପ୍ରଶଂସିତ ହୋଇ ବିଭିନ୍ନ ପୁରସ୍କାର ପାଇଥିବା ଜିଲ୍ଲା ପାଇଁ ଆଜି ପୁଣି ଏକ ଗୌରବ ଆଣି ଦେଇଛନ୍ତି। କାର୍ଯ୍ୟକ୍ରମରେ ଅତିଥି ଭାବେ ଦେଶର ବହୁ ବରିଷ୍ଠ ସାହିତ୍ୟିକ, କଳାକାର, କ୍ରୀଡାବିତ ଓ ସାମ୍ବାଦିକ ଯୋଗ ଦେଇଥିଲେ। ମୁଖ୍ୟତ ପଦ୍ମ ବିଭୂଷଣ ପ୍ରସିଦ୍ଧ ଅଭିନେତା ଅନୁପମ ଖେର, ପଦ୍ମଶ୍ରୀ ମାଳିନୀ ଅବସ୍ତି, ପଦ୍ମଶ୍ରୀ ଶୀନ ଖାଫ ନିଜାମ, ଲେଫ୍ଟ ଜେନେରାଲ ଆନନ୍ଦ ଚରିୟାନ, ପ୍ରସିଦ୍ଧ ସାମ୍ବାଦିକ ରୁବିଆ ଲିକାୟତ ପ୍ରମୁଖ ଉପସ୍ଥିତ ରହିଥିଲେ। ଖ୍ୟାତନାମ କବି ଓ ଗୀତିକାର ପିୟୁଷ ମିଶ୍ରଙ୍କ କବିତା ମୁଖ୍ୟ ଆକର୍ଷଣ ଥିଲା। କାର୍ଯ୍ୟକ୍ରମରେ କବିତା ପାଠ, ଆଲୋଚନା ସଭା ଭଳି ବିଭିନ୍ନ ପ୍ରତିଯୋଗୀତା ସହ ପୁସ୍ତକ ଉନ୍ମୋଚନ ହୋଇଥିଲା। ଏହି ମଞ୍ଚ ଯୁବ କବି କବିୟତ୍ରୀଙ୍କ ପାଇଁ ନୂତନ ମଞ୍ଚ ହୋଇଥିଲା। ସୁଶ୍ରୀ ପଟ୍ଟନାୟକଙ୍କ ମାତା ଗୋପୀ କୃଷ୍ଣ ଓ ହେମଲତା ଉଭୟ ସାମ୍ବାଦିକ ହୋଇଥିବା ବେଳେ ସେ ମାଲକାନଗିରି ଜିଲ୍ଲାରେ ଦଶମ ଶ୍ରେଣୀ ଯାଏଁ ଅଧ୍ୟୟନ କରିଥିଲେ।

# କ୍ଲାସିକ ଲିଜେଣ୍ଡସ ପକ୍ଷରୁ ନ୍ୟାସନାଲ ଟ୍ରେନିଂ ସେଣ୍ଟର ଉଦଘାଟିତ

**ଭୁବନେଶ୍ୱର, ୩।୨ (ନି.ପ୍ର) :** ଇନ୍ଦୋରର ପିଥମପୁର ପ୍ଲାଂଟରେ ଆଡଭାନ୍ସଡ୍ ନ୍ୟାସନାଲ୍ ଟ୍ରେନିଂ ସେଂଟରର ଉଦଘାଟନ ସହିତ ବୈଷୟିକ କ୍ଷମତା ଏବଂ ସେବା ଉତ୍କର୍ଷତାକୁ ସୁଦୃଢ଼ କରିବାର ଯାତ୍ରାରେ କ୍ଲାସିକ ଲିଜେଣ୍ଡସ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ହାସଲ କରିଛି। ଏହି ନୂତନ ସୁବିଧା ଭବିଷ୍ୟତ ପାଇଁ ପ୍ରସ୍ତୁତ ପ୍ରତିଭା ନିର୍ମାଣ ଏବଂ ବିଶ୍ୱସ୍ତରୀୟ ତାଲିମ ଭିତିଭୂମିରେ ନିବେଶ ପାଇଁ କମ୍ପାନୀର ନିରନ୍ତର ପ୍ରତିବଦ୍ଧତାକୁ ସୂଚାଉଛି। ଉନ୍ନତ, ହ୍ୟାଣ୍ଡସ-ଅନ ଏବଂ ଦକ୍ଷତା-ମୁଖୀ ବୈଷୟିକ ତାଲିମ ପ୍ରଦାନ କରିବା ପାଇଁ ରଣନୀତିକ ଭାବରେ ବିକଶିତ, ଜାତୀୟ ତାଲିମ କେନ୍ଦ୍ର ବାସ୍ତବ-ବିଶ୍ୱ ନିଦାନ, ସଠିକ୍ ମରାମତି ଅଭ୍ୟାସ ଏବଂ ସଂରଚିତ ଦକ୍ଷତା ବିକାଶ ଉପରେ ଧ୍ୟାନ ଦେବ। ଏହା ଡିଲରସିପ୍ ମଧ୍ୟରେ ଟେକ୍ନିସିଆନ୍ ଏବଂ ସେବା ବୃତିଗତମାନଙ୍କୁ ସମର୍ଥନ କରିବା ପାଇଁ ଡିଜାଇନ୍ କରାଯାଇଛି।




ସେବା ଗୁଣବତା ମାନକୀକରଣ ଏବଂ ବିକ୍ରୟ ପରବର୍ତୀ ଉତ୍କର୍ଷତା ବୃଦ୍ଧି କରିବାରେ ଏହି ସୁବିଧା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏସମ୍ପର୍କରେ କ୍ଲାସିକ ଲିଜେଣ୍ଡସର ସହ-ପ୍ରତିଷ୍ଠାତା ଅନୁପମ ଥରେଜା କହିଛନ୍ତି, 'ଆମର ବ୍ରାଣ୍ଡଗୁଡ଼ିକ ବୃଦ୍ଧି ପାଇବା ସହିତ, ଆମର ସେବା କ୍ଷମତା ଇକୋସିଷ୍ଟମକୁ ସୁଦୃଢ଼ କରିବା ଅତ୍ୟ' ଗୁରୁତ୍ୱପୂର୍ଣ୍ଣ ହୋଇପଡୁଛି। ଆଡଭାନ୍ସଡ ନ୍ୟାସନାଲ ଟ୍ରେନିଂ ସେଂଟର ହେଉଛି ବ୍ୟକ୍ତି, ଦକ୍ଷତା ଏବଂ ଭିତିଭୂମିରେ ଏକ ରଣନୈତିକ ନିବେଶ, ଯାହାର ଲକ୍ଷ୍ୟ ଭବିଷ୍ୟତ ପାଇଁ ପ୍ରସ୍ତୁତ ଟେକ୍ନିସିଆନ୍ ନିର୍ମାଣ କରିବା ଏବଂ ଆମ ନେଟୱାର୍କରେ ସେବା ଉତ୍କର୍ଷତାକୁ ମାନକୀକରଣ କରିବା। ପ୍ରତ୍ୟେକ ଜାୱା, ୟେଜଦି ଏବଂ ବିଏସଏ ରାଇଡର ଏକ ସ୍ଥିର ଏବଂ ଉଚ୍ଚ-ଗୁଣବତା ମାଲିକାନା ଅଭିଜ୍ଞତା ଉପଭୋଗ କରିବା ନିଶ୍ଚିତ କରିବାରେ ଏହି କେନ୍ଦ୍ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଆଡଭାନ୍ସଡ ନ୍ୟାସନାଲ ଟ୍ରେନିଂ ସେଂଟର କ୍ଲାସିକ ଲିଜେଣ୍ଡସ ଏବଂ ଏହାର ଡିଲର ନେଟୱାର୍କରେ ବୈଷୟିକ ଉତ୍କର୍ଷତାକୁ ବୃଦ୍ଧି କରିବା ପାଇଁ ଅତ୍ୟାଧୁନିକ ଭିତିଭୂମି ଏବଂ ସଂରଚିତ କ୍ଷମତା ନିର୍ମାଣକୁ ଏକାଠି କରିଛି। ଏକ ଆଧୁନିକ ଶୋ'ରୁମ୍, ସ୍ମାର୍ଟ ଶ୍ରେଣୀଗୃହ, ଉତ୍ସର୍ଗୀକୃତ ଇିନ୍, ବୈଦ୍ୟୁତିକ ଏବଂ ଉନ୍ନତ ସମସ୍ୟା ନିବାରଣ ଲ୍ୟାବ୍ ସହିତ ସଜ୍ଜିତ, ଏହି ସୁବିଧା ଲେଭଲ୍୧ ରୁ ଲେଭଲ୍ ୩ ପର୍ଯ୍ୟନ୍ତ ବ୍ୟାପକ ଶିକ୍ଷାକୁ ସମର୍ଥନ କରେ। ଉନ୍ନତ ନିଦାନ, ମୂଳ କାରଣ ବିଶ୍ଳେଷଣ ଏବଂ ହ୍ୟାଣ୍ଡ୍ସ ଅନ୍ ଦକ୍ଷତା ବିକାଶକୁ ସକ୍ଷମ କରିବା ପାଇଁ ଡିଜାଇନ୍ କରାଯାଇଥିବା ଏହି କେନ୍ଦ୍ରଟି ବୈଷୟିକ ଦକ୍ଷତା ବୃଦ୍ଧି, ସେବା ଏବଂ ମରାମତି ଅଭ୍ୟାସଗୁଡ଼ିକୁ ମାନକୀକରଣ, ଉଚ୍ଚ କୁଶଳୀ ଟେକ୍ନିସିଆନ୍ ଏବଂ ସେବା ବୃତିଗତ ମାନଙ୍କୁ ପୋଷଣ କରିବା ଏବଂ ଉନ୍ନତ ସ୍ତର ୩ ତାଲିମ କାର୍ଯ୍ୟକ୍ରମଗୁଡ଼ିକର ଆରମ୍ଭକୁ ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

## ପିପୁଲ୍ସ କଲେଜର ବାର୍ଷିକ କ୍ରୀଡା ଉଦଘାଟିତ

**ବୁଗୁଡା ୩।୨ (ନି.ପ୍ର) :** ସ୍ଥାନୀୟ ପିପୁଲ୍ସ କଲେଜର ୪୮ତମ ବାର୍ଷିକ କ୍ରୀଡାର ଶୁଭାରମ୍ଭ ହୋଇଯାଇଛି । ନିକଟସ୍ଥ ଠାକୁରାଣୀ ମନ୍ଦିରରୁ କ୍ରୀଡା ଜ୍ୟୋତି ଆସି ପହଞ୍ଚିବା ପରେ କଲେଜ ଅଧକ୍ଷ ଡ.ପୁରୁଷୋତ୍ତମ ମିଶ୍ରଙ୍କ ଦ୍ୱାରା କ୍ରୀଡା ପତାକା ଉତ୍ତୋଳନ ସହ ପ୍ରତିଯୋଗୀଙ୍କ ସାମୁହିକ ଶପଥ ପାଠ



କରାଯାଇଥିଲା । ଉକ୍ତ ବାର୍ଷିକ କ୍ରୀଡାର ଉଦଘାଟନୀ ଉତ୍ସବରେ ଉପାଧ୍ୟକ୍ଷ ହରିକୃଷ୍ଣ ନାୟକ, ପ୍ରଶାସନିକ ଅଧିକାରୀ ଡ.ପ୍ରଦୀପ କୁମାର ଦାଶ, +୩ କ୍ରୀଡା ସଂସଦ ଉପସଭାପତି ଅଧ୍ୟାପକ ଅକ୍ଷୟ କୁମାର ସାହୁ , +୨ କ୍ରୀଡା ସଂସଦ ଉପସଭାପତି ଅଧ୍ୟାପକ ଆତ୍ମ ପ୍ରକାଶ ନାୟକ, ସହକାରୀ ଉପସଭାପତି ଦିଲ୍ଲୀପ କୁମାର ସେଠୀ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲା ବେଳେ ଏ ଅବସରରେ ଉଭୟ ପୁରୁଷ ଓ ମହିଳା ବିଭାଗର ଦୌଡ, ଲଙ୍ଗଜମ୍ପ୍, ହାଇଜମ୍ପ୍ , ସଟପୁଟ୍ ଥ୍ରୋ, ଡିସକ୍ ଥ୍ରୋ, ଜାଭେଲିନ୍ ଥ୍ରୋ ଆଦି ପ୍ରତିଯୋଗିତା ଆୟୋଜିତ ହୋଇ କୃତି ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା । କ୍ରୀଡା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ପ୍ରତିଯୋଗିତା ଗୁଡିକୁ କ୍ରୀଡା ଶିକ୍ଷକ ଶ୍ରୀନିବାସ ଦୋରା ପରିଚାଳନା କରି କୃତି ପ୍ରତିଯୋଗୀଙ୍କୁ ଚୟନ କରିଥିବା ବେଳେ ଅଧ୍ୟାପକ କିଶୋର ଚନ୍ଦ୍ର ଶବର ,ଅଧ୍ୟାପିକା ରଶ୍ମିତା କୁମାରୀ ପଟ୍ଟନାୟକ, ସସ୍ମିତା ସାମନ୍ତରା, ଭି.ସନ୍ତୋଷୀ ରାଜୁ ଓ ସୁରଜିତା ସାହୁ ପ୍ରମୁଖ ଏଥିରେ ସକ୍ରିୟ ସହଯୋଗ କରିଥିଲେ ।









# ଧାନ କ୍ରୟ ସମୀକ୍ଷା ବୈଠକ



**ଡେଲାଙ୍ଗ,୩।୨ (ନି.ପ୍ର) :** ଖରିଫ ଋତୁରେ ଧାନ ବିକ୍ରି ପାଇଁ ପଞ୍ଜିକୃତ ହୋଇଥିବା ଚାଷୀଙ୍କ ସଂଖ୍ୟା ଭିତ୍ତିରେ ଖାଦ୍ୟ ଓ ଯୋଗାଣ ବିଭାଗ ପକ୍ଷରୁ ସମାନୁପାତିକ ହାରରେ ଟୋକନ ଓ କ୍ରୟ ଧାର୍ଯ୍ୟ ଲକ୍ଷ୍ୟ (ଟାର୍ଗେଟ ) ପ୍ରଦାନ କରିବାକୁ ଡେଲାଙ୍ଗ ପଂଚାୟତ ସମିତି କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ଧାନ କ୍ରୟ ସମୀକ୍ଷା ବୈଠକରେ ପ୍ରାଥମିକ ସମବାୟ ସମିତି ସମ୍ପାଦକମାନେ ପ୍ରସ୍ତାବ ଦେଇଛନ୍ତି । ଏଥିରେ ବ୍ୟତିକ୍ରମ ହେଉଥିବାରୁ କେତେକ ସମିତି ସମସ୍ୟାର ସମ୍ମୁଖୀନ ହେଉଥିବା ଆରୋପ କରିଥିଲେ,। ବିଡ଼ିଓ ସମୀର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ତହସିଲଦାର ଦେବୀପ୍ରସାଦ ଆଚାର୍ଯ୍ୟ, ସହକାରୀ ଯୋଗାଣ ଅଧିକାରୀ ଜି. ପ୍ରଶାନ୍ତ କୁମାର ରାଓ, ସମବାୟ ସମିତି ସମୂହ ଆଞ୍ଚଳିକ ଅଧିକାରୀ ଅସିତ କୁମାର ସାହୁ, ବାସନ୍ତୀ ସାହୁ, ବ୍ଲକ ଯୋଗାଣ ଅଧିକାରୀଣି ଟୁନିମଣି ସାହୁ, ମିଲର ମହେଶ୍ୱର ପରିଡା, ଶକ୍ତି ପ୍ରସାଦ ମହାପାତ୍ର ପ୍ରମୁଖଙ୍କ ସହ ଏକୋଇଶି ସମବାୟ ସମିତି ସମ୍ପାଦକମାନେ ଉପସ୍ଥିତ ରହି ଧାନ କ୍ରୟକୁ ସୁବ୍ୟବସ୍ଥିତ କରିବାକୁ ଆଲୋଚନା କରିଥିଲେ ।

# ବୁଡିଯିବକି ଖୋର୍ଦ୍ଧା କ୍ରସର ଶିଳ୍ପ; ଦିନ ଦିନ ଧରି ପଡିଛି ତାଲା

**ଖୋର୍ଦ୍ଧା,୩।୨ (ନି.ପ୍ର) :** ଖୋର୍ଦ୍ଧା କ୍ରସର ଶିଳ୍ପ ଉପରେ ଖୋର୍ଦ୍ଧା ସମେତ ଆଖପାଖ ଜିଲ୍ଲାର ହଜାର ହଜାର ଶ୍ରମିକ ନିର୍ଭର କରୁଥିଲେ । ମାତ୍ର ରାଜନୈତିକ ଇଛାଶକ୍ତି ଅଭାବରୁ ଦୀର୍ଘବର୍ଷ ଧରି ବନ୍ଦ ପଡିଛି କ୍ରସର ଶିଳ୍ପ । ଏହି ଶିଳ୍ପ ଏବେ ବୁଡିବାକୁ ବସିଥିବାବେଳେ କ୍ରସର ଉପରେ ନିର୍ଭର କରୁଥିବା ଶ୍ରମିକ ଏବେ କାମ ଅନ୍ୱେଷଣରେ ବାହାରକୁ ଗଲାଣି ତ ଆଉ କିଏ ଭୋକ ଉପାସରେ ପଡିଛି । କେବଳ ସେତିକି ନୁହେଁ କ୍ରସର ଶିଳ୍ପ କୁ ଦୃଷ୍ଟିରେ ରଖି କରାଯାଇଥିବା ଆସବାବପତ୍ର ଯଥା: ଟ୍ରକ, ଜେସିବି ମେସିନ୍, ଟ୍ରାକ୍ଟର, ବ୍ରେକର, ପ୍ରୋକଲିନ୍ ପ୍ରଭୃତି ଏବେ ପଡି ଖତ ଖାଉଥିବା ଦେଖାଯାଇଛି । ଅନ୍ୟପକ୍ଷରେ ଧାର କରଜ କରି କ୍ରସର ଶିଳ୍ପ କରିଥିବା ମାଲିକଙ୍କ ଅବସ୍ଥା କହିଲେ ନସରେ । କେଉଁଠି ବ୍ୟାଙ୍କ କର୍ତୃପକ୍ଷ କିସ୍ତି ପାଇଁ ଦ୍ୱାର କୁ ଆସିଲେଣି ତ ଆଉ କେଉଁଠି ମହାଜନ



ଟଙ୍କା ଫେରାଇବାକୁ ଦାବି କଲାଣି । ଏଥିସହିତ ଟ୍ରକ, ଜେସିବି ମେସିନ୍, ଟ୍ରାକ୍ଟର, ବ୍ରେକର, ପ୍ରୋକଲିନ୍ ପ୍ରଭୃତି କରିଥିବା ମାଲିକଙ୍କ ଅବସ୍ଥା ମଧ ସମାନ । ଯାହା ଆଜି କିଛି କ୍ରସର ମାଲିକ କୋହଭରା କଣ୍ଠ ରେ ପ୍ରକାଶ କରିବା ଘଟଣା ସ୍ପଷ୍ଟ କରୁଛି । ଗାଡି ଓ କ୍ରସର ବାବଦ ବ୍ୟାଙ୍କ ଋଣ ଅର୍ଥ ସୁଝିବାକୁ ଯାଇ ଘରେ ଥିବା ସୁନା ଗହଣା ବ୍ୟାଙ୍କରେ ବନ୍ଧା ପଡିଥିବାବେଳେ ତାହା ମଧ ଏବେ ବୁଡିବାକୁ ବସିଲାଣି । ସେପଟେ କ୍ରସର ଶିଳ୍ପ ଚାଲିବା ଲାଗି କୌଣସି ବାଟ ଫିଟୁନଥିବାବେଳେ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ଯେଉଁ ଜମିରେ କ୍ରସର ବସିଛି ତାର ପାଉଣା ଲାଗି ତାଗିଦ କରିବା ଏବେ ମାଲିକମାନଙ୍କୁ ବେଡି ଉପରେ କୋରଡା ମାଡ ସଦୃଶ ହୋଇଛି । ପ୍ରକାଶ ଥାଉକି, ଖୋର୍ଦ୍ଧାର ଦଳେଇପୁଟ, କୁରାଡମଲ୍ଲ, ଦୁର୍ଗାପୁର, ବାଜପୁର, ଛତ୍ରମା, ଦଧିମାଛଗାଡିଆ, ତାପଙ୍ଗ, ମଳିପଡା, କଁପୁର, ଗୋଡା ପ୍ରଭୃତି ଅଂଚଳରେ ରହିଛି ୪୫୦ରୁ ଉଦ୍ଧ୍ୱର୍ କ୍ରସର ଶିଳ୍ପ । କ୍ରସର ଶିଳ୍ପ ଚାଲିଲେ ଖୋର୍ଦ୍ଧା ବଜାର ସମେତ ଏହାର ଉପକଣ୍ଠ ଅଂଚଳ ବଜାର ସରଗରମ ହେଉଥିଲା । ମାତ୍ର କିଛି ବର୍ଷ ହେବ ଉପରୋକ୍ତ ଅଂଚଳମାନଙ୍କରେ କ୍ରସର ଶିଳ୍ପ ଉପରେ ନିର୍ଭର କରି ଚାଲୁଥିବା ସାପ୍ତାହିକ ହାଟ ଓ ବ୍ୟବସାୟିକ ଅନୁଷ୍ଠାନ କ୍ରସର ଶିଳ୍ପ ବନ୍ଦ ଯୋଗୁ ଏବେ ଧିରେ ଧିରେ ତାଲା ପଡିବାକୁ ବସିଲାଣି । ସେହିପରି କ୍ରସର ଶିଳ୍ପ ବନ୍ଦ ଯୋଗୁ ହଜାର ହଜାର ଶ୍ରମିକଙ୍କ ପରିବାର ଅନ୍ଧାକାରମୟ ଭିତରକୁ ଠେଲି ହୋଇଛନ୍ତି । ଦୀର୍ଘ ବର୍ଷ କ୍ରସର ଶିଳ୍ପ ବନ୍ଦ ହେବା ଯୋଗୁ ଶ୍ରମିକ ମାନେ ପରିବାର ର ଗୁଜୁରାଣ ମେଂଟାଇବାକୁ ଏବେ ଦାଦନ ମୁଁହା ହେଉଥିବା ଦେଖିବାକୁ ମିଳିଛି । ତେଣୁ ଖୋର୍ଦ୍ଧା ଅଂଚଳରେ ଥିବା ସମସ୍ତ କ୍ରସରଶିଳ୍ପ କୁ ଆଇନ ମୁତାବକ ଚାଲିବା ପାଇଁ ରାଜ୍ୟସରକାର ପଦକ୍ଷେପ ଗ୍ରହଣ କରିବା ସହ କ୍ରସର ଶିଳ୍ପ କୁ କଂଚାମାଲ ଉଚିତ ମୂଲ୍ୟରେ ଯୋଗାଇ ଦେବା ଲାଗି ପାହାଡ ଗୁଡିକ ଚଳାଇବାକୁ ସୁବନ୍ଦୋବସ୍ତ କରିବା ଲାଗି ଦାବି ହେଉଛି ।

# ବାରିପଦାର ଇଏସ୍ଆଇ ଡିସପେନ୍ସରୀରେ ମେଗା ସ୍ୱାସ୍ଥ୍ୟ ଶିବିର




**ବାରିପଦା,୩।୨ (ନି.ପ୍ର):** ବୀମାପ୍ରାପ୍ତ ବ୍ୟକ୍ତି ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ବ୍ୟାପକ ସ୍ୱାସ୍ଥ୍ୟସେବା ସେବା ଯୋଗାଇବା ଲକ୍ଷ୍ୟରେ ୧ ଫେବୃଆରୀ ୨୦୨୬ ରେ ଋଏଓ ଡିସପେନ୍ସରୀ, ବାରିପଦା ଦ୍ୱାରା ଏକ ମେଗା ସ୍ୱାସ୍ଥ୍ୟ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଥିଲା।ଏହି ସ୍ୱାସ୍ଥ୍ୟ ଶିବିରରେ ଉତ୍ସାହଜନକ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା, ବହୁ ସଂଖ୍ୟକ ହିତାଧିକାରୀ ଡାକ୍ତରୀ ପରାମର୍ଶ ଏବଂ ନିଦାନ ସେବାର ଲାଭ ଉଠାଇଥିଲେ। ଶିବିରରେ ମାଗଣା ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା, ଅଣ-ସଂକ୍ରାମକ ରୋଗ ପାଇଁ ସ୍କ୍ରିନିଂ, ରକ୍ତଚାପ ଏବଂ ରକ୍ତ ଶର୍କରା ପରୀକ୍ଷା, ମୌଳିକ ପରୀକ୍ଷାଗାର ଯାଞ୍ଚ ଏବଂ ସ୍ୱାସ୍ଥ୍ୟ ସଚେତନତା ପରାମର୍ଶ ପ୍ରଦାନ କରାଯାଇଥିଲା। ଇଏସଆଇ ଡିସପେନ୍ସରୀର ଚିକିତ୍ସା ଅଧିକାରୀ, ପାରାମେଡିକାଲ୍ କର୍ମଚାରୀ ଏବଂ ସହାୟକ କର୍ମଚାରୀମାନେ ଶିବିରରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ, ସୁଗମ ସମନ୍ୱୟ ଏବଂ ପ୍ରଭାବଶାଳୀ ସେବା ପ୍ରଦାନ ସୁନିଶ୍ଚିତ କରିଥିଲେ। ଜୀବନଶୈଳୀ ସମ୍ବନ୍ଧୀୟ ରୋଗର ପ୍ରାରମ୍ଭିକ ଚିହ୍ନଟ ଏବଂ ପ୍ରତିରୋଧକ ସ୍ୱାସ୍ଥ୍ୟସେବା ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏହି ପଦକ୍ଷେପକୁ ହିତାଧିକାରୀମାନେ ପ୍ରଶଂସା କରିଥିଲେ, ଯେଉଁମାନେ ପ୍ରଦାନ କରାଯାଇଥିବା ସେବାର ଗୁଣବତ୍ତା ଉପରେ ସନ୍ତୋଷ ପ୍ରକାଶ କରିଥିଲେ। ଏହି ମେଗା ସ୍ୱାସ୍ଥ୍ୟ ଶିବିରର ସଫଳ ପରିଚାଳନା ପ୍ରାଥମିକ ସ୍ୱାସ୍ଥ୍ୟସେବା ସେବାକୁ ସୁଦୃଢ଼ କରିବା ଏବଂ ଅଞ୍ଚଳର ବୀମାଭୁକ୍ତ ଜନସଂଖ୍ୟାର ସାମଗ୍ରିକ ସ୍ୱାସ୍ଥ୍ୟ ସ୍ଥିତିକୁ ଉନ୍ନତ କରିବା ପ୍ରତି କର୍ମଚାରୀ ରାଜ୍ୟ ବୀମା ଯୋଜନାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

# ହିନ୍ଦୀ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ଜଟଣୀ,୩।୨ (ନି.ପ୍ର) :** ଜଟଣୀ ନିର୍ବାଚନ ମଣ୍ଡଳୀ ତଥା ପଞ୍ଚାୟତ ସମିତି ଅନ୍ତର୍ଗତ ପୁରତନ ବିଦ୍ୟାଳୟ, ରଘୁନାଥପୁର ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ। ଏହି ପୁରାତନ ବିଦ୍ୟାଳୟଟି ନିରଞ୍ଜନପୁର ଗ୍ରାମରେ ଅବସ୍ଥିତ। ଦିର୍ଘ ଦିନରୁ ନିଷ୍ଠାବାନ, ଦକ୍ଷ ହିନ୍ଦୀ ଶିକ୍ଷକ ଶ୍ରୀ କିଶୋର କୁମାର ସୁବୁଦ୍ଧି, ହିନ୍ଦୀ ଶିକ୍ଷାଦାନ କରି ଆସିଥିଲେ। ସମୟର ବିଡମ୍ବନା, ପୂର୍ବ ନିର୍ଧାରିତ ସମୟ ଅନୁଯାଇ, କାର୍ଯ୍ୟରତ କର୍ମଚାରୀ ଅବସର ନେବା ବାଧତାମୂଳକ। ହିନ୍ଦୀ ଶିକ୍ଷକ ଶ୍ରୀ କିଶୋର କୁମାର ସୁବୁଦ୍ଧିଙ୍କ କାର୍ଯ୍ୟକାଳ ସମାପ୍ତି ହୋଇ ଯାଇଥିଲା। ଯାହା ସରକାରୀ କଳର ନିଅମ। ତାହାହିଁ ହୋଇଥିଲା, କାର୍ଯ୍ୟରତ ପଦସ୍ଥ କର୍ତ୍ତୃପକ୍ଷ, ଶିକ୍ଷକ, ଶିକ୍ଷୟିତ୍ରୀ, ଓ ଛାତ୍ରଛାତ୍ରୀ ମାନେ, ହିନ୍ଦି ଶିକ୍ଷକ ଶ୍ରୀ ସୁବୁଦ୍ଧିଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନାର ଆୟୋଜନ କରିଥିଲେ। ଗତ ୦୨ ଫେବ୍ରୁଆରି ସୋମବାର ଦିନ ଏକ



ସଭାର ଆୟୋଜନ କରିଥିଲେ ଆଞ୍ଚଳିକ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ। ସଭାର ଆୟୋଜନ ବିଦ୍ୟାଳୟ ପରି ସରରେ ଅନୁଷ୍ଠିତ ହୋଇଥିଲା। ସଭା କାର୍ଯ୍ୟରେ ମୁଖ୍ୟ ଅତିଥି ଭାବେ ଓଷ୍ଟା ରାଜ୍ୟ. ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସ, ମୁଖ୍ୟ ବକ୍ତା ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ଗୋଷ୍ଠୀ ଶିକ୍ଷା ଅଧିକାରୀ ଯୋଗଦାନ ଦେଇଥିବା ବଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ପ୍ରଧାନ, ଅଧ୍ୟକ୍ଷତା କରିଥିଲେ। ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ, ପ୍ରଶାସନିକ ଅଧିକାରୀ ନଗେନ କୁମାର ପ୍ରଧାନ, ଖୋର୍ଦ୍ଧା ଜିଲ୍ଲା ଓଷ୍ଟାର ସମସ୍ତ କାର୍ଯ୍ୟକର୍ତ୍ତା, ଶିକ୍ଷାବିତ ଜବାହର ଲାଲ ସୁବୁଦ୍ଧି, କନ୍ତିଆ ସରପଞ୍ଚ ମନୋଜ କୁମାର ବେହେରା, ବିରଞ୍ଚି ବେହେରା ସଭାପତି ମୋ ସ୍କୁଲ, ଅବସରପ୍ରାପ୍ତ ଶିକ୍ଷକ ଅମ୍ବିକା ପ୍ରସାଦ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ପ୍ରସନ୍ନ କୁମାର ମହାରଥୀ, ବବରିଷ୍ଠ ଆଇନଜୀବୀ ତଥା ସମଜସେବୀ ଶ୍ରୀ ଅବନୀ ରାଉତରାୟ ପ୍ରମୁଖ ଯୋଗ ଦେଇ ସଭା କାର୍ଯ୍ୟକୁ ସୁନ୍ଦର ଏବଂ ସୁପରିଚାଳନା କରାଇ ପରିଥିଲେ। ଶିକ୍ଷକ ନରେନ୍ଦ୍ର କୁମାର ମୁଦୁଲି ମଞ୍ଚ ସଂଯୋଜନା କରିଥିଲେ। ସହଯୋଗର ହାତ ବଢାଇ ଥିଲେ, ଶିକ୍ଷୟିତ୍ରୀ ସାବତ୍ରୀ ମିଶ୍ର ଏବଂ ଶିକ୍ଷକ ଗଣେଶ ବେହେରା, ବିପିନି ବିହାରୀ ଦାସ। ହିନ୍ଦି ଶିକ୍ଷକ ଶ୍ରୀ ସୁବୁଦ୍ଧିଙ୍କର ସେବା ମନୋଭାବ ପାଇଁ, ଉପସ୍ଥିତ ଅତିଥିବୃନ୍ଦ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀଙ୍କ ପ୍ରତି ଥିବା ଉତ୍ସର୍ଗକୃତ ଅଧ୍ୟବସାୟ ଯୋଗୁ, ଭୁରି ଭୁରି ପ୍ରଶଂସାର ପାତ୍ର ହୋଇ ପାରିଥିଲେ। ଶ୍ରୀ ସୁବୁଦ୍ଧି ଜଣେ ନିଷ୍ଠାପର ଓ ଉତ୍ତମ ସଂଗଠକ ଭାବେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନ୍ୟାଯ୍ୟ ଦାବି ପାଇଁ ଲଢେଇ କରି ଆସୁଥିଲେ। ଛାତ୍ର ଛାତ୍ରୀଙ୍କୁ ପାଠ ପଢାଇବାର ଅପୁରଣିୟ ନିଷ୍ଠା ଥିଲା ତାଙ୍କର। ଶ୍ରୀ ସୁବୁଦ୍ଧି ଆଜି ଉଚ୍ଚ ପ୍ରଶଂସିତ ହୋଇ ପାରିଛନ୍ତି, ତାଙ୍କର ନିଷ୍ଠ ଓ ଅଧ୍ୟବସାୟ ପାଇଁ। ସମସ୍ତ ସମ୍ମାନିତ ଅତିଥି ବୃନ୍ଦ, ଶ୍ରୀ ସୁବୁଦ୍ଧିଙ୍କ ଉଦ୍ଦେଶ୍ୟରେ ନିରାମୟ ଜୀବନ କାମନା କରିଥିଲେ। ଶିକ୍ଷକ ଚିତ୍ତରଞ୍ଜନ ସାହୁ ଧନ୍ୟ ବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

# ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟିତ

**ଜଗତସିଂହପୁର,୩।୨ (ନି.ପ୍ର):** ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଆଜି ମହିଳା ଉଦ୍ୟୋଗୀ ଓ ସାଂସ୍କୃତିକ ପରମ୍ପରା ର ମେଳା ସୁଭଦ୍ରା ଶକ୍ତି ମେଳା ଉଦଘାଟନ କରିଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀ ପାଇଁ ନୂତନ ବଜାର ଓ ବ୍ୟବସାୟ ସୃଷ୍ଟି କରି ଅର୍ଥନୀତିକୁ ନୂତନ ଗତି ଦେବା ଲକ୍ଷ୍ୟରେ ଆୟୋଜିତ ସୁଭଦ୍ରା ଶକ୍ତି ମେଳାରେ ୩୦ ଜିଲ୍ଲାର ପ୍ରତିନିଧିତ୍ୱ ରହିଛି ।ମେଳାକୁ ଉଦଘାଟନ କରି ଜିଲ୍ଲାପାଳ ଶ୍ରୀ ଜେ ସୋନାଲ କହିଲେ ଆମେ ସମସ୍ତେ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରିବା ପାଇଁ ସେ ଗୁରୁତ୍ୱ ଦେଇଥିଲେ ଯାହାଦ୍ୱାରା ଦେଶ ଆତ୍ମ ନିର୍ଭର ହେବା ସହ ଆମ ଅର୍ଥନୀତି ସୁଦୃଢ ହୋଇ ପାରିବ। ହସ୍ତଶିଳ୍ପ, ହସ୍ତତନ୍ତ ଏବଂ ଗ୍ରାମୀଣ ଉତ୍ପାଦର ବିପଣନକୁ ଉତ୍ସାହିତ କରିବା ପାଇଁ ଆୟୋଜିତ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସ୍ୱୟଂ ସହାୟକ ଗୋଷ୍ଠୀ ଉତ୍ପାଦ ପାଇଁ ନୂତନ ବଜାର ଏବଂ ବ୍ୟବସାୟିକ ସୁଯୋଗ ପ୍ରଦାନ କରିବା, ସ୍ଥାନୀୟ



ଉତ୍ପାଦର ବିକ୍ରୟ ବୃଦ୍ଧି କରିବା, ମହିଳା ଉଦ୍ୟୋଗୀଙ୍କ ଆତ୍ମବିଶ୍ୱାସ ଏବଂ ନେତୃତ୍ୱ ଗୁଣର ବିକାଶ, ବାଜରା ଏବଂ ପୁଷ୍ଟିକର ଖାଦ୍ୟ ପ୍ରତି ଜନସଚେତନତା, ଗ୍ରାମୀଣ ଅର୍ଥନୀତିକୁ ନୂତନ ଦିଗ ଏବଂ ମହିଳାଙ୍କ ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକୁ ସାମାଜିକ ସ୍ୱୀକୃତି ପ୍ରଦାନ କରିବା। ଲକ୍ଷପତି ଦିଦି ସୃଷ୍ଟି ରେ ଜିଲ୍ଲା ସମଗ୍ର ରାଜ୍ୟ ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି ମାତ୍ର ବାଣୀ କ୍ଷେତ୍ର ସର୍ବଦା ପ୍ରଥମ ସ୍ଥାନ ରେ ରହିଥାଏ ତେଣୁ ସେହି ସ୍ଥାନ ରେ ପହଞ୍ଚିବାକୁ ସର୍ବଦା ଚେଷ୍ଟା ଜାରୀ ରହିବ ବୋଲି ସେ କହିଥିଲେ। ଜିଲ୍ଲା ରେ ଅନ୍ୟାୟ ଅନୀତି ଠାରୁ ଦୂରରେ ରହି ସୁଦୃଢ଼ ଜିଲ୍ଲା ଗଠନ ଦିଗରେ ବ୍ରତୀ ହେବାପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ ।ସଭାରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ ମହିଳା ମାନେ ଆତ୍ମନିର୍ଭର ହୋଇପାରିଲେ ବିକଶିତ ଓଡ଼ିଶା ଗଠନ ହୋଇପାରିବ ।ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ଶ୍ରୀ ନିରଞ୍ଜନ ବେହେରା ଉପସ୍ଥିତ ରହି ଓଡ଼ିଶା ତଥା ଜିଲ୍ଲା ର ମହିଳା ଉଦ୍ୟୋଗୀ ମାନଙ୍କୁ ପ୍ରୋତ୍ସାହନ ଦେବା ନିମନ୍ତେ ଏହି ମେଳା ପୃଷ୍ଠଭୂମି ଯୋଗାଇବ ବୋଲି କହିଥିଲେ।

ସଭାରେ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଜଗତସିଂହପୁର ପୌର ପରିଷଦର ଅଧ୍ୟକ୍ଷା ଶ୍ରୀମତୀ ଅର୍ଚ୍ଚନା ସିଂହ ନାରୀ ଶକ୍ତି ର ଉନ୍ନତି ରେ ଦେଶର ଉନ୍ନତି ସମ୍ଭବ ବୋଲି କହିଥିଲେ। ଶେଷ ରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ବିଷ୍ଣୁପ୍ରିୟା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।ସ୍ଥାନୀୟ ନବକୃଷ ଚୋଧୁରୀ ଷ୍ଟାଡିୟମ୍ ପରିସରରେ ମିଶନ ଶକ୍ତି ବିଭାଗ ପକ୍ଷରୁ ଆୟୋଜିତ ଏହି ମେଳାରେ ୩୦ ଜିଲ୍ଲାର ୧୫୦ ସ୍ୱୟଂ ସହାୟକ ଗୋଷ୍ଠୀ ଭାଗ ନେଇଛନ୍ତି ।୨୦ ଟି ପାରମ୍ପରିକ ଖାଦ୍ୟ ଷ୍ଟଲ ମୁଖ୍ୟ ଆକର୍ଷଣ ରହିଛି । ବିଭିନ୍ନ ମନୋରଞ୍ଜନ ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଓରମାସ ସହଯୋଗ ରେ ଆୟୋଜିତ ଏହି ମେଳା ଆଗାମୀ ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଆଜିର ଉଦଘାଟନୀ ଉତ୍ସବରେ ବିଭିନ୍ନ ବ୍ଲକ୍ ରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀ ମା ମାନେ, ସମସ୍ତ ପ୍ରଶାସନିକ ଅଧିକାରୀ, ସହର ର ବୁଦ୍ଧିଜୀବି, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ବୁଗୁଡ଼ାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



**ବୁଗୁଡା, ୩।୨ (ନି.ପ୍ର) :** ସ୍ଥାନୀୟ ସଙ୍ଗମ୍ କଲ୍ୟାଣ ମଣ୍ଡପ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୩୬ ଜଣ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲା ବେଳେ ବ୍ରହ୍ମପୁର ବ୍ଲଡ ବ୍ୟାଙ୍କ ଟିମ୍ ରକ୍ତ ସଂଗ୍ରହ କରିଥିଲେ। ରାଜେଶ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ରକ୍ତଦାନ ଶିବିର ପରିଚାଳନାରେ ସୁବ୍ରତ କୁମାର ପଣ୍ଡା, କେ.ରାଜାବାବୁ ପାତ୍ର ଓ ତପନ ସାହୁ ସକ୍ରିୟ ପ୍ରମୁଖ ସହଯୋଗ କରିଥିଲେ।

# ବାରିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନ ଶୁଣାଣୀ ଅନୁଷ୍ଠିତ

**ମୋରଡ଼ା,୩/୨(ମନ୍ଥନ) :** ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲା ସଦରମହକୁମା ବାରିପଦା ଠାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣୀ ଶିବିର ଆରମ୍ଭ ହୋଇଯାଇଛି କ୍ଷ ଉକ୍ତ ଜନଶୁଣାଣୀ ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦୁଖବନ୍ଧୁ ନାୟକ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଆରକ୍ଷୀ ଅଧିକ୍ଷିକା ଶ୍ରୀମତୀ ସବିତା ମାଝୀ,ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡର ଉପଖଣ୍ଡ ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ଆଜିର ଶୁଣାଣିରେ ସର୍ବମୋଟ ୧୭୬ ଗୋଟି ଅଭିଯୋଗ ପତ୍ର ଶୁଣାଣି ପାଇଁ ଗ୍ରହଣ ହୋଇଥିଲା । ଉକ୍ତ ୧୭୬ଗୋଟି ଅଭିଯୋଗ ମଧ୍ୟରୁ ୧୫୬ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧିତ ଥିବାବେଳେ ୨୦ଗୋଟି ସାମୁହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା। ଆଜିର ଜନ ଅଭିଯୋଗ ଶୁଣାଣୀରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଗୁଡିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ସହଯୋଗ କରିଥିଲେ।

# ଛାତ୍ରଛାତ୍ରୀ ଅଇଁଠାପତ୍ର ଉଠାଇବା ଘଟଣାରେ ଜିଲ୍ଲାପାଳଙ୍କୁ ଅଭିଯୋଗ

**କେନ୍ଦ୍ରାପଡ଼ା,୩।୨ (ନି.ପ୍ର) :** କେନ୍ଦ୍ରାପଡା ବ୍ଲକ ଅଧିନ କଂସାର ପଞ୍ଚାୟତର ସାହାସପୁର ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅଇଁଠାପତ୍ର ଉଠାଯାଇଛି। ଏନେଇ ସ୍କୁଲ ପରିଚାଳନା ସମିତି ସମେତ ୩୦ରୁ ଅଧିକ ଅଭିଭାବକ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଉଲ୍ଲେଖ ରହିଛି ବିଦ୍ୟାଳୟ ନିକଟରେ ଥିବା ଏକ ମନ୍ଦିରରେ ୫ଦିନ ଧରି ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହାସହ କେତେକ ଉଠାଦୋକାନୀ ସେଠାରେ ବ୍ୟବସାୟ କରିଥିଲେ। ଯଜ୍ଞ ସରିବା ପରେ ସେଠାରେ ପଡିଥିବା ଅଇଁଠାପତ୍ର ଓ ପଚାସଢା ଜିନିଷକୁ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉଠାଇଥିଲେ। ଏହାକୁ ଉଠାଇବା ପାଇଁ ବିଦ୍ୟାଳୟ ପକ୍ଷରୁ ପିଲାମାନଙ୍କୁ କୁହାଯାଇଥିଲା। ଏହାଦ୍ୱାରା ପିଲାମାନଙ୍କ ଶିକ୍ଷାଗତ ଓ ମୌଳିକ ଅଧିକାର କ୍ଷୁର୍ଣ୍ଣ ହୋଇଛି। ପିଲାମାନଙ୍କ ଦ୍ୱାରା କୌଣସି କାର୍ଯ୍ୟ ହେବ ନାହିଁ ବୋଲି ସରକାର ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଏହାର ଉଲ୍ଲଙ୍ଘନ କରିଛନ୍ତି। ତେଣୁ ଏହି ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷ ରମେଶ କୁମାର ସେଠୀ, ମନୋରଞ୍ଜନ ମହାପାତ୍ର, ବ୍ରହ୍ମାନନ୍ଦ ମଲିକ, ଭକ୍ତଚରଣ ମଲିକ, ଝରଣା ରାଉତ, ରଶ୍ମିତା ମଲିକ, ରଞ୍ଜନ ମଲିକ, ପୁଷ୍ପଲତା ମଲିକ, ଶଙ୍କର ବେହେରା ପ୍ରମୁଖ ଅଭିଭାବକ ଓ ଏସଏମସି କମିଟି ସଦସ୍ୟ ଦାବି କରିଛନ୍ତି। ଅପରପକ୍ଷରେ ଏ ସଂକ୍ରାନ୍ତରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଭକ୍ତିଲତା ମହାରଣାଙ୍କୁ ପଚାରିବାରୁ ସେ କହିଲେ ଏହି ଅଭିଯୋଗ ସମ୍ପୂର୍ଣ୍ଣ କପୋଳକଳ୍ପିତ। ମଧ୍ୟାହ୍ନ ଭୋଜନ ଦାୟୀତ୍ୱ ନେବାକୁ କେନ୍ଦ୍ରକରି କେତେକ ନ୍ୟସ୍ତସ୍ୱାର୍ଥବ୍ୟକ୍ତିଙ୍କ ସ୍ୱାର୍ଥ ସାଧନ ନହେବାରୁ ସେମାନେ ମୋତେ ବଦନାମ କରିବାକୁ ଏଭଳି ମିଥ୍ୟା ଅଭିଯୋଗ କରିଛନ୍ତି।

# ଜିନ୍ଦଲ ଷ୍ଟେନଲେସ୍ ସିଏସଆରର ବାର୍ଷିକ ମହିଳା କ୍ରୀଡା ଆୟୋଜନ



**କଳିଙ୍ଗନଗର, ଯାଜପୁର, ୩।୨ (ନି.ପ୍ର):** ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ (ଔଝଖ) ର ସାମାଜିକ ଦାୟୀତ୍ୱ ବିଭାଗ ଗତ ମାସର ୨୯ ଏବଂ ୩୧ ତାରିଖରେ ତ୍ରିଜଙ୍ଗାର ଇଡକୋ ଗ୍ରାଉଣ୍ଡରେ ଏହାର ବାର୍ଷିକ ମହିଳା କ୍ରୀଡା ମହୋତ୍ସବ ସଫଳତାର ସହିତ ଆୟୋଜନ କରିଥିଲା, ଯାହା ମହିଳାମାନଙ୍କ ମଧ୍ୟରେ ସୁସ୍ଥତା, ସଶକ୍ତିକରଣ ଏବଂ ସାମୁଦାୟିକ ବନ୍ଧନର ଭାବନାକୁ ପାଳନ କରିଥିଲା। ଦୁଇ ଦିନିଆ ମହୋତ୍ସବରେ ଜିନ୍ଦଲ ଦ୍ୱାରା ପରିଚାଳିତ ପାଞ୍ଚଟି ସିଲାଇ ଶିକ୍ଷା କେନ୍ଦ୍ର, ଦୁଇଟି କମ୍ପ୍ୟୁଟର ଶିକ୍ଷା କେନ୍ଦ୍ର, ଦୁଇଟି ପ୍ରୟୋଗିକ ଶିକ୍ଷା କେନ୍ଦ୍ର, ଅସ୍ମିତା ଉତ୍ପାଦନ କେନ୍ଦ୍ର ଏବଂ ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେସନର କ୍ଷେତ୍ର କର୍ମଚାରୀଙ୍କ ପ୍ରତିନିଧିତ୍ୱରେ ୨୧୦ ଜଣ ମହିଳା ଉତ୍ସାହୀ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀମାନେ ୧୦୦ ମିଟର ଦୌଡ଼, ଛୁଞ୍ଚି-ସୂତା ଦୌଡ଼, ଦୌଡ଼ି ଣ୍ଡିଆଁ, ସଂଗୀତ ଚେୟାର, କବାଡି ଏବଂ କ୍ରିକେଟ୍ ସମେତ ବିଭିନ୍ନ କ୍ରୀଡା ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡର ବରିଷ୍ଠ ମହିଳା ଇଞ୍ଜିନିୟର - ଶ୍ରୀମତୀ ହେମାଙ୍ଗିନୀ ଦାସ, ଶ୍ରୀମତୀ ପ୍ରୀତି ପଲ ଏବଂ ଶ୍ରୀମତୀ ଦିବ୍ୟଶ୍ରୀ ନାଥ ଯୋଗ ଦେଇ ବିଜେତାମାନଙ୍କୁ ପୁରସ୍କାର ଏବଂ ଟ୍ରଫି ବଣ୍ଟନ କରିଥିଲେ ଏବଂ ଅଂଶଗ୍ରହଣକାରୀମାନଙ୍କୁ ଦକ୍ଷତା ବିକାଶ ସହିତ କ୍ରୀଡା ଏବଂ ଶାରୀରିକ ସୁସ୍ଥତା ପାଇଁ ଉତ୍ସାହିତ କରିଥିଲେ। କବାଡି ପ୍ରତିଯୋଗିତାରେ, ଅଲେଖପୁର ଆପ୍ଲିକ ସେଣ୍ଟର ବିଜେତା ଭାବରେ ଉଭା ହୋଇଥିଲା, ତା'ପରେ ଅସ୍ମିତା ମାନୁଫାକଚରିଂ ସେଣ୍ଟର ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। କ୍ରିକେଟରେ, ଦାନଗଦୀର ଜିତ କମ୍ପ୍ୟୁଟର ଶିକ୍ଷା କେନ୍ଦ୍ର ବିଜେତା ଟ୍ରଫି ଉଠାଇଥିଲା, ଯେତେବେଳେ ପେଣ୍ଟାସିସ୍ କମ୍ପ୍ୟୁଟର ସେଣ୍ଟର, ମାନତିରା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। କାର୍ଯ୍ୟକ୍ରମକୁ ଜିନ୍ଦଲ ର ସାମାଜିକ ଦାୟୀତ୍ୱ ବିଭାଗର କର୍ମଚାରୀମାନେ ପରିଚାଳନା କରିଥିଲେ, ଯେଉଁମାନେ ମହିଳା ସଶକ୍ତିକରଣ ଏବଂ ସମ୍ପ୍ରଦାୟ ବିକାଶ ପ୍ରତି ସଂଗଠନର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ଏହିପରି ପଦକ୍ଷେପ ମାଧ୍ୟମରେ, ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ସ୍ଥାନୀୟ ସମ୍ପ୍ରଦାୟ ସହିତ ଏହାର ସମ୍ପର୍କକୁ ସୁଦୃଢ଼ କରିଚାଲିଛି, ସ୍ୱାସ୍ଥ୍ୟ, ଆତ୍ମବିଶ୍ୱାସ, ଦଳଗତ କାର୍ଯ୍ୟ ଏବଂ ଅର୍ଥପୂର୍ଣ୍ଣ ସାମାଜିକ ସଂଯୋଗକୁ ପ୍ରୋତ୍ସାହିତ କରି ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରୁଛି।

# ଜଳେଶ୍ୱର ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ କର୍ମଚାରୀଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା




**ଜଳେଶ୍ୱର,୩/୨(ନିପ୍ର)** ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ନିୟନ୍ତ୍ରିତ ବଜାର କମିଟିର କର୍ମଚାରୀ ନିର୍ମଳ ଚନ୍ଦ୍ର ଘୋଷଙ୍କର ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି ।ସେ ଏହି ନିୟନ୍ତ୍ରିତ ବଜାର କମିଟି ଜଳେଶ୍ୱର କାର୍ଯ୍ୟାଳୟରେ ୧୯୯୮ ମସିହାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ୨୮ ବର୍ଷ ଧରି ନିଜର କାର୍ଯ୍ୟକୁ ସୁଚାରୁ ରୁପେ ସମାପନ କରି ନିଜର ଏବଂ ନିଜ ଅନୁଷ୍ଠାନର ସୁନାମ ଅର୍ଜନ ପ୍ରାପ୍ତ କରି ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ । ଶ୍ରୀ ଘୋଷ ଖୁଆର୍ଡ଼ ଗ୍ରାମର ସ୍ୱର୍ଗତ ବିମ୍ବାଧର ଘୋଷ ଓ ଶକୁନ୍ତଳା ଘୋଷଙ୍କ ପୁତ୍ର ଅଟନ୍ତି ।ତାଙ୍କର ନିଜ ଚାକିରି କ୍ଷେତ୍ରରୁ ଅବସର ନେବା ଉପଲକ୍ଷେ ଜଳେଶ୍ୱର ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ସମ୍ପାଦକ ସୁକାନ୍ତ କୁମାର ପାତ୍ର ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଶ୍ରୀ ଘୋଷଙ୍କୁ ମାନପତ୍ର ସହିତ ଫୁଲ ତୋଡା ଓ ଉତ୍ତରୀୟ ଦେଇ କର୍ମଚାରୀ ମାନେ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଅନ୍ୟ କର୍ମଚାରୀ ମାନଙ୍କ ମଧ୍ୟରେ ମନୋରଞ୍ଜନ ସାମଲ, ଘନଶ୍ୟାମ ଦାସ, ଅଜୟ ଦାସ, ଚକ୍ରଧର ଦାସ, ଅଭିମନ୍ୟୁ ଚନ୍ଦ, ନାରାୟଣ ଚନ୍ଦ୍ର ଦେ, ହିମାଂଶୁ ନାୟକ, ନିତାଇ ଚରଣ ଗିରି,ରବିନ୍ଦ୍ର ଗିରି, ପ୍ରଳୟ ରାଜ, ଶିବାନୀ ଜେନା, ଭବେଶ ମଲ୍ଲିକଙ୍କ ସମେତ ନିୟନ୍ତ୍ରିତ ବଜାର କମିଟିର ଅବସର ପ୍ରାପ୍ତ କର୍ମଚାରୀ ଶଙ୍କର ପରିଡ଼ା, ହରେନ୍ଦ୍ର ପାଳ, ସୁରେନ୍ଦ୍ର ନାଥ ଦତ୍ତ, ସୃଷ୍ଟିଧର ବେହେରା,ଯଜ୍ଞେଶ୍ୱର ଦତ୍ତ ପ୍ରମୁଖ ଉପସ୍ଥିତ ରହି ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

# ବଉଳଫୁଲ ଶିଶୁ ସାହିତ୍ୟ ସଂସଦ ତରଫରୁ କବିତା ଆସର

**ବ୍ୟାସନଗର, ୩।୨ (ନି.ପ୍ର):** ଚଳିତ ବର୍ଷ ବ୍ୟାସ ସରୋବର ମହୋତ୍ସବର ଚତୁର୍ଥ ଦିବସରେ ବଉଳଫୁଲ ଶିଶୁ ସାହିତ୍ୟ ସଂସଦ ତରଫରୁ ଏକ ଜିଲ୍ଲା ସ୍ତରୀୟ କବିତାପାଠୋତ୍ସବ ଓ ଶିଶୁ ସାହିତ୍ୟର ଭବିଷ୍ୟତ ସଂପର୍କରେ ଆଲୋଚନା ଚକ୍ର ଅନୁଷ୍ଠାନର ସଂପାଦିକା ବ୍ରଜେଶ୍ୱରୀ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ କାହ୍ନୁ ଚରଣ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ମୋହନ ଚରଣ ଖୁଣ୍ଟିଆ, ମୁଖ୍ୟ ବକ୍ତା ଭାବେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଶାଖା ପରିଚାଳକ ଜ୍ୟୋତି ଶଙ୍କର ମିଶ୍ର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ସାମ୍ବାଦିକତପନ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଅତିଥି ମାନଙ୍କର ପରିଚୟ ଦେଇଥିଲେ ସ୍ମୃତିଲିପି ର ସଂପାଦକ ତଥା ବରିଷ୍ଠ ସାମ୍ବାଦିକ ଭୁବନ ମୋହନ ମହାନ୍ତି, ଅନ୍ୟତମ ଅତିଥି ଭାବେ ଯୋଗଦାନ କରିଥିଲେ



ଅଧ୍ୟାପକ ମଳୟ କୁମାର ମଲ୍ଲିକ। ଏହି ଅବସରରେ ସାହିତ୍ୟିକ ବିଶ୍ୱଜିତ ସେଠି, ସାହିତ୍ୟିକା ପ୍ରଭାତୀ ସାହୁ ଏବଂ ଶିଶୁ ସାହିତ୍ୟିକା ଅଞ୍ଜଳି ଜେନା ଓ ଅଶୁକବୀ ଅନନ୍ଦିତା ଦାସ ଙ୍କ ସମେତ ବ୍ୟାସନଗରର ସାମ୍ବାଦିକ, ଜ୍ଞାନ ରଞ୍ଜନ ରାଉତ, ସାମ୍ବାଦିକ ପଦ୍ମ ଲୋଚନ ନାୟକ, ସାମ୍ବାଦିକ ଦେବେନ୍ଦ୍ର କୁମାର ନାୟକ, ସାମ୍ବାଦିକ କଳ୍ପତରୁ ଧୀର, ସାମ୍ବାଦିକ ଶ୍ୟାମଳେନ୍ଦୁ ପାତ୍ରଙ୍କୁ ଉଲ୍ଲେଖନୀୟ ଅବଦାନ ପାଇଁ ମାନପତ୍ର ଉତ୍ତରୀୟ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । କୁନି କଳାକାର ସୁଶ୍ରୀ ବିଜୟଲକ୍ଷ୍ମୀ ସାହୁ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ।

ପ୍ରଥମ ଅଧିବେଶନରେ କବିତା ପାଠ କରାଯାଇଥିଲା। ସଭପତିତ୍ୱ କରିଥିଲେ, ବଉଳଫୁଲ ସଂସଦର ଉପ ସଭାପତି ସରୋଜିନୀ ପତି ।କବି ପ୍ରଦୀପ ସାମଲ କବିତା ଗୁଡିକୁ ସଂଯୋଜନା କରିଥିଲା ବେଳେ ବ୍ୟଙ୍ଗକବି ବାଇଧର ମାଝୀ ଅତିଥିରୂପେ ଯୋଗ ଦେଇଥିଲେ। ସୁଦାମ ଚରଣ ନାୟକ, ବିଶ୍ୱନାଥ ପାଢ଼ୀ, କୈଳାଶ ପାତ୍ର, କବି ବେଳାଲ ସେନ ପତି, ରବୀନ୍ଦ୍ର କୁମାର ମିଶ୍ର, ସତ୍ୟ ନାରାୟଣ ମହାନ୍ତି ନବଘନ ସ୍ୱାଇଁ ପ୍ରମୁଖ ୫୦ ରୁ ଉର୍ଦ୍ଧ କବି କବିତାପାଠ କରିଥିଲେ। ଶେଷରେ ଧନ୍ୟବାଦ ଦେଇଥିଲେ ଶିକ୍ଷାବିତ ମଦନ ମୋହନ ବେହେରା।

# ଜିନ୍ଦଲ ଷ୍ଟେନଲେସ୍ ସିଏସଆରର ବାର୍ଷିକ ମହିଳା କ୍ରୀଡା ଆୟୋଜନ



କଳିଙ୍ଗନଗର, ଯାଜପୁର,୩।୨(ନି.ପ୍ର.): ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ (ଜେଏସଏଲ)ର ସାମାଜିକ ଦାୟିତ୍ୱ ବିଭାଗ ଗତ ମାସର ୨୯ ଏବଂ ୩୧ ତାରିଖରେ ତ୍ରିଜଙ୍ଗାର ଇଡକୋ ଗ୍ରାଉଣ୍ଡରେ ଏହାର ବାର୍ଷିକ ମହିଳା କ୍ରୀଡା ମହୋତ୍ସବ ସଫଳତାର ସହିତ ଆୟୋଜନ କରିଥିଲା, ଯାହା ମହିଳାମାନଙ୍କ ମଧ୍ୟରେ ସୁସ୍ଥତା, ସଶକ୍ତିକରଣ ଏବଂ ସାମୁଦାୟିକ ବନ୍ଧନର ଭାବନାକୁ ପାଳନ କରିଥିଲା। ଦୁଇ ଦିନିଆ ମହୋତ୍ସବରେ ଜିନ୍ଦଲ ଦ୍ୱାରା ପରିଚାଳିତ ପାଞ୍ଚଟି ସିଲାଇ ଶିକ୍ଷା କେନ୍ଦ୍ର, ଦୁଇଟି କମ୍ପ୍ୟୁଟର ଶିକ୍ଷା କେନ୍ଦ୍ର, ଦୁଇଟି ପ୍ରୟୋଗିକ ଶିକ୍ଷା କେନ୍ଦ୍ର, ଅସ୍ମିତା ଉତ୍ପାଦନ କେନ୍ଦ୍ର ଏବଂ ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେସନର କ୍ଷେତ୍ର କର୍ମଚାରୀଙ୍କ ପ୍ରତିନିଧିତ୍ୱରେ ୨୧୦ ଜଣ ମହିଳା ଉତ୍ସାହୀ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀମାନେ ୧୦୦ ମିଟର ଦୌଡ଼, ଛୁଞ୍ଚି-ସୂତା ଦୌଡ଼, ଗୌଡ଼ି ଶ୍ରିଆଁ, ସଂଗୀତ ଚେୟାର, କବାଡି ଏବଂ କ୍ରିକେଟ୍ ସମେତ ବିଭିନ୍ନ କ୍ରୀଡା ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡର ବରିଷ୍ଠ ମହିଳା ଇଞ୍ଜିନିୟର - ଶ୍ରୀମତୀ ହେମାଙ୍ଗିନୀ ଦାସ, ଶ୍ରୀମତୀ ପ୍ରୀତି ପଲ ଏବଂ ଶ୍ରୀମତୀ ଦିବ୍ୟଶ୍ରୀ ନାଥ ଯୋଗ ଦେଇ ବିଜେତାମାନଙ୍କୁ ପୁରସ୍କାର ଏବଂ ଟ୍ରଫି ବଣ୍ଟନ କରିଥିଲେ ଏବଂ ଅଂଶଗ୍ରହଣକାରୀମାନଙ୍କୁ ଦକ୍ଷତା ବିକାଶ ସହିତ କ୍ରୀଡା ଏବଂ ଶାରୀରିକ ସୁସ୍ଥତା ପାଇଁ ଉତ୍ସାହିତ କରିଥିଲେ। କବାଡି ପ୍ରତିଯୋଗିତାରେ, ଅଲେଖପୁର ଆପ୍ଲିକ ସେଣ୍ଟର ବିଜେତା ଭାବରେ ଉଭା ହୋଇଥିଲା, ତା'ପରେ ଅସ୍ମିତା ମାନୁଫାକଚରିଂ ସେଣ୍ଟର ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। କ୍ରିକେଟରେ, ଦାନଗଦୀର ଜିତ କମ୍ପ୍ୟୁଟର ଶିକ୍ଷା କେନ୍ଦ୍ର ବିଜେତା ଟ୍ରଫି ଉଠାଇଥିଲା, ଯେତେବେଳେ ପେଣ୍ଟାସିସ୍ କମ୍ପ୍ୟୁଟର ସେଣ୍ଟର, ମାନତିରା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। କାର୍ଯ୍ୟକ୍ରମକୁ ଜିନ୍ଦଲ ର ସାମାଜିକ ଦାୟିତ୍ୱ ବିଭାଗର କର୍ମଚାରୀମାନେ ପରିଚାଳନା କରିଥିଲେ, ଯେଉଁମାନେ ମହିଳା ସଶକ୍ତିକରଣ ଏବଂ ସମ୍ପ୍ରଦାୟ ବିକାଶ ପ୍ରତି ସଂଗଠନର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ଏହିପରି ପଦକ୍ଷେପ ମାଧ୍ୟମରେ, ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ସ୍ଥାନୀୟ ସମ୍ପ୍ରଦାୟ ସହିତ ଏହାର ସମ୍ପର୍କକୁ ସୁଦୃଢ଼ କରିଚାଲିଛି, ସ୍ୱାସ୍ଥ୍ୟ, ଆତ୍ମବିଶ୍ୱାସ, ଦଳଗତ କାର୍ଯ୍ୟ ଏବଂ ଅର୍ଥପୂର୍ଣ୍ଣ ସାମାଜିକ ସଂଯୋଗକୁ ପ୍ରୋତ୍ସାହିତ କରି ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରୁଛି।

# ସ୍ୱଚ୍ଛତା ପଖୱାଡା ପୁରସ୍କାର : ପାରାଦୀପ ବନ୍ଦର ପ୍ରାଧିକରଣକୁ ପ୍ରଥମ ପୁରସ୍କାର

ପାରାଦୀପ,୩।୨(ନି.ପ୍ର.): କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ (ଏମଓପିଏସଡବ୍ଲୁ) ଦ୍ୱାରା ପ୍ରତିଷ୍ଠିତ ସ୍ୱଚ୍ଛତା ପଖୱାଡା ପୁରସ୍କାର ୨୦୨୫ରେ ପାରାଦୀପ ବନ୍ଦର ପ୍ରାଧିକରଣ କୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି, ଯାହା ସ୍ୱଚ୍ଛତା, ସ୍ଥାୟିତ୍ୱ ଏବଂ ସାମୁହିକ ଅଂଶଗ୍ରହଣରେ ଏହାର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସ୍ୱୀକୃତି ପ୍ରଦାନ କରାଯାଇଛି। ନୂଆଦିଲ୍ଲୀ ଠାରେ ଆୟୋଜିତ ଏକ ଉତ୍ସବରେ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ, ରାଜ୍ୟମନ୍ତ୍ରୀ ଶାନ୍ତନୁ ଠାକୁର ଏବଂ ବିଜୟ କୁମାର, ସଚିବ,ଏମଓପିଏସଡବ୍ଲୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ପାରାଦୀପ ବନ୍ଦର ପ୍ରାଧିକରଣ ଅଧକ୍ଷ ପି.ଏଲ. ହରନାଦ ବନ୍ଦର ପକ୍ଷରୁ ଏହି ସମ୍ମାନ ଗ୍ରହଣ କରିଥିଲେ।ସ୍ୱଚ୍ଛ ଭାରତ ଅଭିଯାନ, ପରିବେଶଗତ ସୁରକ୍ଷା ଏବଂ ଅନ୍ତର୍ଭୁକ୍ତ ବିକାଶର ଆଦର୍ଶ ପ୍ରତି ପାରାଦୀପ ବନ୍ଦରର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି। ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟର ମାର୍ଗଦର୍ଶନରେ, ପାରାଦୀପ ବନ୍ଦର ପ୍ରାଧିକରଣ ସ୍ୱଚ୍ଛତା ପଖୱାଡା ୨୦୨୫ ର ତିନୋଟି ମୁଖ୍ୟ ସ୍ତମ୍ଭକୁ ସଫଳତାର ସହିତ କାର୍ଯ୍ୟକାରୀ କରିଛନ୍ତି ଯଥା ଜନ ଭାଗୀଦାରୀ, ଏକ ପେଡ୍ ମା କେ ନାମ, ଏବଂ ସଫାଇ ମିତ୍ର ସୁରକ୍ଷା ଅଭିଯାନ।

ବର୍ଷ ତମାମ ଏହି କାର୍ଯ୍ୟକ୍ରମରେ ଏକ ଦିନ ଏକ ଘଣ୍ଟା ଏକ ସାଥ ଭଳି ଅଭିଯାନ ଅଧୀନରେ ସାଇକ୍ଲୋଥନ୍, ସ୍ୱଚ୍ଛତା ରଥ, ରାଲି, ସ୍ୱଚ୍ଛାତା ଦୌଡ଼, ମାନବ ଶୃଙ୍ଖଳ ଏବଂ ନାଗରିକ-ନେତୃତ୍ୱାଧୀନ କାର୍ଯ୍ୟକଳାପ ଏହି ବାର୍ତ୍ତାକୁ ଆହୁରି ଦୃଢ଼ କରିଥିଲା ଯେ ସ୍ୱଚ୍ଛତା ସମସ୍ତଙ୍କର ଦାୟିତ୍ୱ।

'ଏକ ପେଡ୍ ମା କେ ନାମ' ଅଭିଯାନ ଅଧୀନରେ, ବ୍ୟାପକ ଚାରା ରୋପଣ ଅଭିଯାନ ଅବହେଳିତ ଅଞ୍ଚଳଗୁଡ଼ିକୁ ସ୍ୱଚ୍ଛ ସବୁଜ ଅଞ୍ଚଳରେ ପରିଣତ କରିଥିଲା। ଏକ ପେଡ୍ ମା କେ ନାମ ଅଭିଯାନ ଅଧୀନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ପାଳନ ଅବସରରେ ପାରାଦୀପ ସମୁଦ୍ର ବେଳାଭୂମିରେ ୪୦ ହଜାର ଚାରା ରୋପଣ ଏକ ଗୁରୁତ୍ୱପୂର୍ଣ୍ଣ ଆକର୍ଷଣ ଥିଲା। ଏହା ପରିବେଶ ସୁରକ୍ଷା, ସ୍ଥାୟୀ ଅଭିବୃଦ୍ଧି



ଏବଂ ଏକ ସବୁଜ, ସୁସ୍ଥ ଭାରତ ଗଠନ ପ୍ରତି ବନ୍ଦରର ପ୍ରତିବଦ୍ଧତାକୁ ଦର୍ଶାଇଛି।ଅତିରିକ୍ତ କାର୍ଯ୍ୟକଳାପ ମଧ୍ୟରେ ସ୍ୱଚ୍ଛତା-ଥିମ୍ ଚିତ୍ରକଳା, ରଙ୍ଗୋଲି ପ୍ରତିଯୋଗିତା, ସେଲ୍ଫି ବୁଥ୍, ସ୍ୱଚ୍ଛ ଖାଦ୍ୟ, ରକ୍ତଦାନ ଶିବିର ଏବଂ ସ୍ୱତନ୍ତ୍ର ଅଭିଯାନ ଅନ୍ତର୍ଗତ ପ୍ରଶାସନିକ କୋଠାର ନବୀକରଣ ଅନ୍ତର୍ଭୁକ୍ତ ଥିଲା, ଯାହା ବନ୍ଦର ଇକୋସିଷ୍ଟମରେ ସ୍ୱଚ୍ଛତାର ସଂସ୍କୃତିକୁ ସୁଦୃଢ଼ କରିଥିଲା। ଏହି ଅବସରରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ କହିଥିଲେ ଯେ ଏହି ପୁରସ୍କାର କର୍ମଚାରୀ, ଚୁକ୍ତିଭିତ୍ତିକ କର୍ମଚାରୀ, ଅଂଶୀଦାର ଏବଂ ସ୍ଥାନୀୟ ସମ୍ପ୍ରଦାୟର ସାମୂହିକ ସମର୍ପଣକୁ ପ୍ରତିଫଳିତ କରେ। ସେ ସ୍ୱଚ୍ଛତା, ସ୍ଥାୟିତ୍ୱ ଏବଂ ଅର୍ଥପୂର୍ଣ୍ଣ ସମ୍ପ୍ରଦାୟ ଜଡିତତା ପ୍ରତି ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ନିରନ୍ତର ପ୍ରତିବଦ୍ଧତାକୁ ପୁନଃ ଦୋହରାଇଥିଲେ।

# ଜବରଦଖଲ ଉଚ୍ଛେଦ କରିବାକୁ ଆସି ମୁନିସିପାଲଟି ଅଧିକାରୀ ହଟହଟା



ପାରାଦୀପ,୩।୨(ନି.ପ୍ର.): ପାରାଦୀପ ତରିଣୀଗଡା ଗିରିଧାରୀ ଛକ ନିକଟରେ ଜବରଦଖଲ ଉଚ୍ଛେଦ କରିବାକୁ ଆସି ହଟହଟା ହେଲେ ମୁନିସିପାଲିଟି ଅଧିକାରୀ ।ଆଜି ପାରାଦୀପ ମୁନିସିପାଲିଟି ତରଫରୁ ଗିରିଧାରୀ ଛକ ନିକଟରେ ରହିଥିବା ଅୟସ କାନ୍ତ ସାମଲ ନିଜ ଘର ସାମ୍ନାରେ ରହିଥିବା ଜଗାରେ ଗାଡି ରଖିବା ପାଇଁ ନିର୍ମାଣ ହୋଇଥିବା ସେଡ କୁ ସରକାରୀ ଜମି କହି ପୋଲିସ ସହିତ ମେସିନ ଆଣି ଭାଙ୍ଗିବାକୁ ଆସିଥିଲେ ।ଯାହାକୁ ବିରୋଧ କରିଥିଲେ ଅୟସକାନ୍ତ ଙ୍କ ପତ୍ନୀ ଓ ଝିଅ ।ଯାହାକୁ ନେଇ କିଛି ସମୟ ପାଇଁ ଉତ୍ତ ?ଜନା ସୃଷ୍ଟି ହୋଇଥିଲା ।ବିନା ନୋଟିସ ରେ ଉଚ୍ଛେଦ କରିବାକୁ ଆସିଥିବା ପୌର କର୍ମଚାରୀ ଙ୍କୁ ବିରୋଧ କରିଥିଲେ ଅୟସକାନ୍ତ ଙ୍କ ପତ୍ନୀ,ଆମ ପାଖରେ ଜାଗା ର କାଗଜପତ୍ର ଅଛି ଏହା କିପରି ସରକାରୀ ଜମି ହେଲା,ଯଦି ଭାଙ୍ଗିବାକୁ ଆସିଛନ୍ତି ନୋଟିସ କାହିଁ ବୋଲି ଉକ୍ତ କର୍ମଚାରୀ ଙ୍କୁ ପ୍ରଶ୍ନ କରିବା ପରେ କିଛି ସଠିକ ଉତ୍ତର ଦେବା ବଦଳରେ ପୌରନିର୍ବାହୀ ଅଧିକାରୀ ଆମକୁ ପଠାଇଛନ୍ତି ଆମେ ସରକାରୀ ଜମି ଉଚ୍ଛେଦ କରିବାକୁ ଆସିଛୁ, ଆମ ସାରଙ୍କ ପାଖରେ ନୋଟିସ ଅଛି,ଚେୟାରମ୍ୟାନ ସାର ଆଉ ପୌର ନିର୍ବାହୀ ଅଧିକାରୀ ସାର ଆମକୁ ଉଚ୍ଛେଦ କରିବାକୁ ପଠାଇଛନ୍ତି ବୋଲି କହିଥିଲେ ପାରାଦୀପ ମୁନିସିପାଲିଟି ର କନିଷ୍ଠ ପ୍ରବର୍ତ୍ତନ ଅଧିକାରୀ ।କୌଣସି ପ୍ରମାଣପତ୍ର ପାଖରେ ନ ରଖି ସରକାରୀ ଜମି କୁ ଉଚ୍ଛେଦ କରିବାକୁ ସାଥିରେ ପୋଲିସ ଧରି ଆସି ନିର୍ମାଣ ହୋଇଥିବା ସେଡକୁ ବୁଲଡ୍ରୋଜର ଚଢାଇ ଭାଙ୍ଗିବାକୁ ଉଦ୍ୟମ କରିବା ଅଧିକାରୀଙ୍କୁ ପ୍ରଶ୍ନ ପଚାରିବା ସହିତ ମୁନିସିପାଲିଟି କର୍ମଚାରୀ ଙ୍କ କାର୍ଯ୍ୟକୁ ନେଇ ଅଭିଯୋଗ ଆଣିଛନ୍ତି ଅୟସକାନ୍ତ ସାମଲ ଙ୍କ ପତ୍ନୀ ବିଶ୍ୱଶ୍ରୀ ।ରାଜନୈତିକ ଶତ୍ରୁତା ଓ କିଛି ଉଦ୍ଦେଶ୍ୟମୂଳକ ଭାବରେ ବିନା ନୋଟିସ ରେ ଆମ ଜାଗା କୁ ଆସି କାନ୍ଥ ଭାଙ୍ଗିବା ଘଟଣା କୁ ନେଇ ଆଇନ ର ଦ୍ୱାରସ୍ଥ ହେବାକୁ ଚେତାବନୀ ଦେଇଛନ୍ତି ବିଶ୍ୱଶ୍ରୀ।

# ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ପରିଦର୍ଶନ କଲେ ଜିଲ୍ଲାପାଳ

ନବରଙ୍ଗପୁର,୩।୨(ନି.ପ୍ର.): ନବରଙ୍ଗପୁର ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ତେନ୍ତୁଳିଖୁଣ୍ଟି ବ୍ଲକ ର ଅଗ୍ରଗାମୀ ସଂସ୍ଥା ତରଫରୁ ବିଭିନ୍ନ ଗ୍ରାମରେ କରାଯାଇଥିବା ଫ୍ୟାମିଲି ଫାର୍ମ ସହିତ ପରିବେଶ ଭିତ୍ତିକ ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ର ପରିଦର୍ଶନ କରିଛନ୍ତି ।ତାଙ୍କ ସହିତ ତେନ୍ତୁଳିଖୁଣ୍ଟି ଗୋଷ୍ଠି ଉନ୍ନୟନ ଅଧିକାରୀ ମନୋଜ ପାଣିଗ୍ରାହୀ, ଅତିରିକ୍ତ ଉଦ୍ୟାନ କୃଷି ନିର୍ଦ୍ଦେଶକ ଶୁଭେନ୍ଦୁ ବିଶ୍ୱାସ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ବ୍ଲକ୍ କୃଷି ଅଧିକାରୀ ବରୁଣ ଧନପୂଲ୍, ଜିଲ୍ଲା ପ୍ରକଳ୍ପ ସଂଯୋଜକ ଗୋବିନ୍ଦ କୁମାର ଆଦି ଉପସ୍ଥିତ ଥିଲେ ।

ଅଗ୍ରଗାମୀ ତରଫରୁ ପ୍ରକଳ୍ପ ନିର୍ଦ୍ଦେଶକ ଜଗନ୍ନାଥ ଜେନା ଏହି ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ର ପରିଦର୍ଶନରେ ସାହାଯ୍ୟ କରିଥିଲେ ଓ ଏହି ପ୍ରକଳ୍ପ ଅଧୀନରେ ଯେଉଁ ସବୁ କାର୍ଯ୍ୟ କରାଯାଇଛି ତାହା ଦେଖାଇଥିଲେ । ପ୍ରଥମେ ଲମତାଗୁଡା ପଞ୍ଚାୟତ ଅଧୀନ ଗୋଡ଼ିଗାଁ ଗ୍ରାମକୁ ଯାଇ ସେହି ଗ୍ରାମରେ



ଥିବା ଭୁଜବଳ ପାତ୍ର ଙ୍କ ଫ୍ୟାମିଲି ଫାର୍ମ କୁ ପରିଦର୍ଶନ କରିଥିଲେ ।ସେହି ଫାର୍ମ ରେ ଲଗାଯାଇଥିବା ଆମ୍ବ , କାଜୁ, ପିଜୁଳି, ଲେମ୍ବୁ , ସହିତ ହୋଇଥିବା ଅନ୍ତଃଚାଷ, ଜିଆ ଖତ ,ଜୈବିକ ସାର ପ୍ରସ୍ତୁତି ପ୍ରକ୍ରିୟା ଆଦି ପରିଦର୍ଶନ କରିଥିଲେ ।ସେହି ଚାଷୀ ଜଣକ ଛତୁ ଚାଷ ମଧ କରି ବାର୍ଷିକ ୧,୬୦,୦୦୦ ଟଙ୍କା ରୋଜଗାର କରି ନିଜେ ସ୍ୱାବଲମ୍ବୀ ହୋଇପାରିଛି ।ସେହିପରି ଗୋଡ଼ିଗାଁ ର ପ୍ରାୟ ୫୦ ଜଣ ଚାଷୀ ଏହିପରି ଅଗ୍ରଗାମୀ ସହିତ ଜଡିତ ହୋଇ ଫ୍ୟାମିଲି ଫାର୍ମ ତିଆରି କରି ସେହି ଫାର୍ମ ରୁ ବିଭିନ୍ନ ପ୍ରକାର ଚାଷ କରି ନିଜର ଆୟ କୁ ବୃଦ୍ଧି କରି ସ୍ୱାବଲମ୍ବୀ ହୋଇଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି ।

ଏହାପରେ ଜିଲ୍ଲାପାଳ ଡ଼ଃ ସ୍ୱାଇଁ ମଝିଗାଁ ଅଧୀନ ଅଲଚିଆଗୁଡ଼ା ଗ୍ରାମ କୁ ଯାଇ ସେଠାରେ ଅଜୀମ ପ୍ରେମଜି ଫାଉଣ୍ଡେସନ୍ ସହାୟତା ରେ ହୋଇଥିବା ସୋଲାର ଫେନସିଂ, ଫ୍ୟାମିଲି ଫାର୍ମ, ସୌର ଉଠା ଜଳ ସେଚନରେ ହୋଇଥିବା ଜୈବିକ ମିଶ୍ରିତ ପରିପରିବା ଚାଷ ଆଦି ଦେଖିବା ସହିତ ଚାଷୀ ଙ୍କ ସହିତ ଆଲୋଚନା କରିଥିଲେ ।ଏହା ସହିତ ଆହୁରି କିପରି ସରକାରଙ୍କ ବିଭିନ୍ନ ପ୍ରକଳ୍ପ ଏହି ସବୁ ଗ୍ରାମରେ କାର୍ଯ୍ୟକାରୀ ହେବ ଓ ତତସଙ୍ଗେସଙ୍ଗେ ଲାଇନ୍ ଡିପାର୍ଟମେଣ୍ଟ ଙ୍କ ମିଳିତ ଆନୁକୂଲ୍ୟରେ ଏହିପରି କାର୍ଯ୍ୟ ଅଗ୍ରଗତି ହୋଇପାରିବ ସେହି ଉପରେ ଆଲୋକପାତ କରିଥିଲେ ।

# ଇଗ୍ନୋର ନାମଲେଖା ଓ ପୁନଃପଞ୍ଜୀକରଣ ଅବଧି ବୃଦ୍ଧି

ଭୁବନେଶ୍ୱର,୩।୨(ପିଆଇବି): ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ)ର ଜାନୁଆରୀ-୨୦୨୬ ଶିକ୍ଷା ସତ୍ର ପାଇଁ ନାମଲେଖା ଏବଂ ପୁନଃ ପଞ୍ଜୀକରଣ ପ୍ରକ୍ରିୟା ଘୋଷଣା କରାଯାଇଛି। ଛାତ୍ରଛାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ଅବଧିକୁ ଚଳିତ ଫେବୃଆରୀ ମାସ ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।ବିଭିନ୍ନ କାରଣରୁ ଅଧ୍ୟୟନ ଅଧାରେ ଛାଡିଥିବା କିମ୍ବା ଉଚ୍ଚ ଶିକ୍ଷା ଲାଭରୁ ବଞ୍ଚିତ ହୋଇଥିବା ଯେକୌଣସି ବୟସର ଆଗ୍ରହୀ ବ୍ୟକ୍ତିମାନେ ଏହି ସୁଯୋଗର ଲାଭ ଉଠାଇପାରିବେ। ଇଗ୍ନୋର ସମସ୍ତ ବିଭାଗରେ ଅଣ୍ଡର ଗ୍ରାଜୁଏଟ (ସ୍ନାତକ), ପୋଷ୍ଟ ଗ୍ରାଜୁଏଟ (ସ୍ନାତକୋତ୍ତର), ପିଜି ଡିପ୍ଲୋମା ଏବଂ ସାର୍ଟିଫିକେଟ ପ୍ରୋଗ୍ରାମରେ ନାମଲେଖା ଏବଂ ପୁନଃ ପଞ୍ଜୀକରଣ ପ୍ରକ୍ରିୟା ଚାଲୁ ରହିଛି। ଅଣ୍ଡର ଗ୍ରାଜୁଏଟ (ସ୍ନାତକ) ପ୍ରୋଗ୍ରାମ ଯଥା- କଳା (ସାଧାରଣ), ବିଜ୍ଞାନ (ସାଧାରଣ) ଏବଂ ବାଣିଜ୍ୟ (ସାଧାରଣ)ରେ ନାମଲେଖା କରିବାକୁ ଇଚ୍ଛୁକ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଆବେଦକଙ୍କ ପାଇଁ ନାମଲେଖା ଏବଂ ପୁନଃ ପଞ୍ଜୀକରଣ ଶୁଳ୍କରେ ୫୦ ପ୍ରତିଶତ ରିହାତି ପ୍ରଦାନ କରାଯାଇଛି।

# ଚାକିରି ଅବସରକାଳୀନ ସମ୍ବର୍ଦ୍ଧନା



କୋରାପୁଟ,୩।୨(ନି.ପ୍ର.): ମୁନିସପାଲଟି କାର୍ଯ୍ୟାଳୟରେ ଜଣେ କର୍ମଚାରି ଭାବରେ କାର୍ଯ୍ୟକରି ସରକାରି କାର୍ଯ୍ୟରୁ ଅବସର ନେଉଥିବା ବେଳେ ଚାକିରିରୁ ବିଦାୟ ନେବା ସହ କର୍ମମୟ ଜୀବନରୁ ଅବସର ନେଉଥବା ନେଇ ଏକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସେ ହେଉଛନ୍ତି କାର୍ଯ୍ୟାଳୟର ପିଅନ ସୁର ମଲ୍ଲିକ୍। ସେ ତାଙ୍କ ଅବସରକୁ ନେଇ ସମ୍ବର୍ଦ୍ଧନା ସଭାରେ ନିଜର ଅନୁଭୁତି ରଖି କହିଥିଲେ ଯେ, ମୁଁ ମୋ ଜୀବନରେ ପଇଁତିରିଶ ବର୍ଷ ପୌରପାଳିକାର ପିଅନ ଭାବରେ କାମ କରି ବିତାଇଲି। ଏହା ଏକ ଚ୍ୟାଲେଂଜ ଓ ପୁରସ୍କାରପ୍ରାପ୍ତ ଅଭିଜ୍ଞତା ଥିଲା ଯାହାକୁ ମୁଁ ସର୍ବଦା ମନେ ରଖିବି। ଜଣେ ପିଅନ ଭାବରେ ମୋର କର୍ତ୍ତବ୍ୟ ମଧ୍ୟରେ କାମ କରିବା, ଏକ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଂଟ ପ୍ରଦାନ କରିବା ଏବଂ ଉଚ୍ଚପଦସ୍ଥ ଅଧିକାରିମାନଙ୍କୁ ଯେକୌଣସି ପ୍ରକାରେ ସାହାଯ୍ୟ କରିବା ଅନ୍ତର୍ଭୁକ୍ତ ଥିଲା। ମୁଁ ଯୁବ ବୟସରେ ପୌରପାଳିକାରେ ମୋର କ୍ୟାରିୟର ଆରମ୍ଭ କରିଥିଲି। ସରକାରି କାର୍ଯ୍ୟାଳୟର ସୁଗମ ପରିଚାଳନାରେ ଯୋଗଦାନ ଦେବାକୁ ଆଗ୍ରହି ଥିଲି। ମୋର ଚାକିରି ବିଷୟରେ ମୁଁ ସବୁଠାରୁ ଅଧିକ ଉପଭୋଗ କରିଥିବା ଜିନିଷ ମଧ୍ୟରୁ ଗୋଟିଏ ହେଉଛି ବିଭିନ୍ନ ଲୋକଙ୍କ ସହିତ ଯୋଗାଯୋଗ କରିବାର ସୁଯୋଗ, ସହକର୍ମୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ସେବା ପାଇଁ ଆସୁଥିବା ନାଗରିକେ ପର୍ଯ୍ୟନ୍ତ ମୁଁ ଦୃଢ ସଂପର୍କ ଗଢି ତୋଳିଲି ଏବଂ ସର୍ବଦା ଉତ୍କୃଷ୍ଟ ଗ୍ରାହକ ସେବା ପ୍ରଦାନ କରିବାକୁ ଚେଷ୍ଟା କରିଥିଲି। ଯେତେବେଳେ ମୁଁ ଅବସର ବୟସ ନିକଟତର ହେଲି, ମୁଁ ଜଣେ ପିଅନ ଭାବରେ ମୋର ସମୟ ମଧ୍ୟରେ କରିଥିବା ପ୍ରଭାବ ଉପରେ ପ୍ରତିଫଳିତ ହେବାକୁ ଆରମ୍ଭ କଲି, ମୁଁ ମୋ କାମରେ ଗର୍ବ ଅନୁଭବ କଲି ଏବଂ ପୌରପାଳିକାର କାର୍ଯ୍ୟରେ ମୁଁ ଏକ ଛୋଟ ଭୂମିକା ଗ୍ରହଣ କରିଛି ଜାଣି ସଫଳତା ଅନୁଭବ କଲି। ମୁଁ ଏବେ ଅବସର ଗ୍ରହଣ କରି ସାରିଛି, ମୁଁ ମୋର ସେବାର ବର୍ଷଗୁଡିକୁ ସ୍ନେହ ଏବଂ କୃତଜ୍ଞତାର ସହିତ ମନେ ପକାଉଛି। ଏହି ସମୟରେ ମିଳିଥିବା ଅଭିଜ୍ଞତା ଏବଂ ଶିକ୍ଷା ପାଇଁ ମୁଁ କୃତଜ୍ଞ। ଯଦିଓ ମୁଁ ଆଉ କର୍ମଚାରିଙ୍କ ସକ୍ରୀୟ ଅଂଶ ନୁହେଁ, ଜଣେ ପିଅନ ଭାବରେ ମୋର ସମୟର ସ୍ମୃତି ସବୁବେଳେ ମୋ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାରି କରିବ ବୋଲି ମୋର ଆଶା ଓ ଭରସା ବୋଲି ସଭାରେ ନିଜର ଅଭିଭାଷଣ ରଖିଥିଲେ। ସୁର ଭାଇ ନାମରେ ପରିଚିତ ସମାଜରେ ଜଣେ ଭଲ ବ୍ୟକ୍ତିଙ୍କୁ ହରାଇଥିବା ଜଣାଯାଇଛି ।ସଭାରେ ଅବସରକାଳୀଣ ସମ୍ବର୍ଦ୍ଧନା ଦେଉଥିବା ବେଳେ ଉପସ୍ଥିତ ଅଧିକାରିମାନେ ଶ୍ରୀ ମଲ୍ଲିକଙ୍କୁ ପୁଷ୍ପମାଲ୍ୟ ଦେଇ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସଭାରେ ପୌରଅଧକ୍ଷ ଡଃ. ରାଜେନ୍ଦ୍ରକୁମାର ପାତ୍ର, ପୌର ଉପାଧକ୍ଷା ଶ୍ରୀମତି ରିନ୍ତୁ କଂଟା, ନିର୍ବାହି ଅଧିକାରି ସୁଜିତ କୁମାର ଚୌଧୁରି ଙ୍କ ସମେତ କାର୍ଯ୍ୟାଳୟ ସମସ୍ତ କର୍ମଚାରି ଉପସ୍ଥିତ ରହିଥିଲେ।

# 'ପୂର୍ବୋଦୟ ମିଶନ'ରେ ଓଡ଼ିଶାର ପ୍ରଗତି ପଥକୁ ପ୍ରଶସ୍ତ କରିବ : ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,୩।୨(ନି.ପ୍ର.): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଓଡ଼ିଶାର ପ୍ରଗତି ଓ ଭିତ୍ତିଭୂମି ବିକାଶକୁ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରିଛନ୍ତି ।କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ ଆର୍ଥିକ ବର୍ଷରେ ଓଡ଼ିଶାର ରେଳ ଭିତ୍ତିଭୂମିର ସର୍ବାଙ୍ଗୀନ ବିକାଶ ପାଇଁ ୧୦,୯୨୮ କୋଟି ଟଙ୍କାର ଐତିହାସିକ ଅନୁଦାନ ପ୍ରଦାନ କରାଯାଇଛି, ଯାହା 'ପୂର୍ବୋଦୟ ମିଶନ' ଅଧୀନରେ ଓଡ଼ିଶାକୁ ମିଳିଥିବା ଏହି ରେକର୍ଡସଂଖ୍ୟକ ଅନୁଦାନ ରାଜ୍ୟର ପ୍ରଗତି ପଥକୁ ପ୍ରଶସ୍ତ କରିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ରେକର୍ଡସଂଖ୍ୟକ ଅନୁଦାନ ପାଇଁ ଶ୍ରୀ ପ୍ରଧାନ 'ଏକ୍ସ'ରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ଏବଂ ରେଳ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଓଡ଼ିଶାବାସୀଙ୍କ ପକ୍ଷରୁ ଧନ୍ୟବାଦ ଜଣାଇଛନ୍ତି ।ସେ କହିଛନ୍ତି ଯେ ମୋଦୀ ସରକାରଙ୍କ ସମୟରେ ଓଡ଼ିଶାକୁ ମିଳିଥିବା ଏହି ଅନୁଦାନ ୨୦୦୯-୧୪ ମସିହା କଂଗ୍ରେସ ସରକାର ତୁଳନାରେ ହାରାହାରି ୧୩ ଗୁଣ ଅଧିକ ।ବର୍ତ୍ତମାନ ରାଜ୍ୟରେ



ପ୍ରାୟ ୯୦,୬୫୯ କୋଟି ଟଙ୍କାର ବିଭିନ୍ନ ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ଗତ ୧୧ ବର୍ଷରେ ରାଜ୍ୟରେ ୨,୨୦୦ କିମିର ନୂଆ ରେଳ ଟ୍ରାକ୍ ନିର୍ମାଣ ହୋଇସାରିଛି, ଯାହା ମାଲେସିଆ ଭଳି ଦେଶର ସମ୍ପୂର୍ଣ୍ଣ ରେଳ ନେଟୱର୍କଠାରୁ ମଧ ଅଧିକ ।ଏଥିସହିତ ଓଡ଼ିଶା ଏବେ ଶତପ୍ରତିଶତ ରେଳ ବିଦ୍ୟୁତୀକରଣର ଗୌରବ ହାସଲ କରିଛି, ଯାହା ମୋଦୀ ସରକାରଙ୍କ 'ସେବା ଓ ସୁଶାସନ'ର ଏକ ଜ୍ୱଳନ୍ତ ଉଦାହରଣ ।

ସେ ଆହୁରି କହିଛନ୍ତି, ଓଡ଼ିଶାରେ 'ଅମୃତ ଷ୍ଟେସନ ଯୋଜନା' ମାଧ୍ୟମରେ ୨,୪୩୯ କୋଟି ଟଙ୍କା ବ୍ୟୟରେ ୫୯ଟି ଷ୍ଟେସନର ଆଧୁନିକୀକରଣ କାର୍ଯ୍ୟ ଜାରି ରହିଛି। ଏହା ମଧ୍ୟରୁ କଟକ, ତାଳଚେର, ବାରିପଦା, ବରପାଲି, ବିମଳାଗଡ଼ ଓ ପାରଳାଖେମୁଣ୍ଡିରେ ୬ଟି ଷ୍ଟେସନର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି ।ରାଜ୍ୟରେ ଚଳାଚଳ କରୁଥିବା ୬ଟି ବନ୍ଦେ ଭାରତ ଓ ୬ଟି ଅମୃତ ଭାରତ ଏକ୍ସପ୍ରେସ ଯାତ୍ରୀ ପରିବହନ ସେବାକୁ ଅଧିକ ସୁଗମ କରିଛି ।ଯାତ୍ରୀଙ୍କ ସୁରକ୍ଷା ପାଇଁ ୬୩୨ଟି ଫ୍ଲାଏଓଭର ଏବଂ ଅଣ୍ଡରପାସ୍ ନିର୍ମାଣ କରାଯାଇଛି ଏବଂ ଅତ୍ୟାଧୁନିକ 'କବଚ' ସୁରକ୍ଷା ପ୍ରଣାଳୀର ବ୍ୟାପକ ପ୍ରୟୋଗ କରାଯାଉଛି। ଚଳିତ ବଜେଟରେ ପ୍ରସ୍ତାବିତ 'ଡେଡିକେଟେଡ୍ ଇଷ୍ଟ-ୱେଷ୍ଟ ଫ୍ରେଟ୍ କରିଡର' ଓଡ଼ିଶାର ଅର୍ଥନୀତି ପାଇଁ ଏକ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିବାକୁ ଯାଉଛି ।ଏହି କରିଡର ପଶ୍ଚିମବଙ୍ଗ ଠାରୁ ଝାଡଖଣ୍ଡ ଏବଂ ଓଡ଼ିଶା ଦେଇ ଛତିଶଗଡ଼, ମହାରାଷ୍ଟ୍ର ଓ ଗୁଜରାଟକୁ ସଂଯୋଗ କରିବା ସହ ରାଜ୍ୟର ଶିଳ୍ପାୟନ ଓ ଯାତ୍ରୀସେବା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବ । ଏହି ରେକର୍ଡସଂଖ୍ୟକ ଅନୁଦାନ 'ପୂର୍ବୋଦୟ ମିଶନ' ଅଧୀନରେ ଓଡ଼ିଶାର ଯୁବପିଢ଼ିଙ୍କ ପାଇଁ ନୂତନ ନିଯୁକ୍ତି ସୃଷ୍ଟି କରିବା ସହ 'ବିକଶିତ ଓଡ଼ିଶା' ଗଠନରେ ଏକ ଦୃଢ଼ ସ୍ତମ୍ଭ ସାଜିବ ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି ।

# ଓଡିଶା ଗସ୍ତରେ ତେଲଙ୍ଗାନା ଗଣମାଧ୍ୟମ ପ୍ରତିନିଧି ଦଳ

## ପିଆଇବି ଏଡିଜିଙ୍କ ସହ କଲେ ମତବିନିମୟ

ଭୁବନେଶ୍ୱର,୩।୨(ନି.ପ୍ର.):ତେଲଙ୍ଗାନା ହାଇଦ୍ରାବାଦରୁ ଏକ ଗଣମାଧ୍ୟମ ପ୍ରତିନିଧି ଦଳ ଓଡିଶା ଗସ୍ତରେ ଆସିଛି ।ଆଜି ଏହି ପ୍ରତିନିଧି ଦଳ ଭୁବନେଶ୍ୱରସ୍ଥିତ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପରିଦର୍ଶନ କରିଛି ।ସେଠାରେ ପ୍ରତିନିଧି ଦଳର ସଦସ୍ୟମାନେ ପିଆଇବି ଏବଂ ସିବିସିର ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଅଖିଳ କୁମାର ମିଶ୍ର ଏବଂ ଅନ୍ୟ ଅଧିକାରୀମାନଙ୍କ ସହ ମତବିନିମୟ କରିଛନ୍ତି ।ଏଡିଜି ଶ୍ରୀ ମିଶ୍ର ସେମାନଙ୍କୁ ଓଡିଶାରେ ଗଣମାଧ୍ୟମର ସ୍ଥିତି ଏବଂ ପିଆଇବି ଓ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି) ପକ୍ଷରୁ କରାଯାଉଥିବା ବିଭିନ୍ନ କ୍ଷେତ୍ରୀୟ ପ୍ରଚାରପ୍ରସାର



କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ଏହି ଅବସରରେ ପିଆଇବି ଭୁବନେଶ୍ୱରର ଉପନିର୍ଦ୍ଦେଶକ ମନୋଜ କୁମାର ଜାଲି, ସହାୟକ ନିର୍ଦ୍ଦେଶକ ପ୍ରଦୀପ କୁମାର ଚୌଧୁରୀ, ମହେନ୍ଦ୍ର ପ୍ରସାଦ ଜେନା, ଗଣମାଧ୍ୟମ ଓ ଯୋଗାଯୋଗ ଅଧିକାରୀ ସ୍ୱାଧୀନ ଶକ୍ତିପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ ।ତେଲଙ୍ଗାନା ଗଣମାଧ୍ୟମ ପ୍ରତିନିଧି ଦଳ କେନ୍ଦ୍ର ସରକାରଙ୍କ ଅଧୀନରେ ଓଡିଶାରେ କାର୍ଯ୍ୟ କରୁଥିବା ବିଭିନ୍ନ ଗଣମାଧ୍ୟମ ପ୍ରତିଷ୍ଠାନ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

# ଜୁଆ ଆଡ୍ଡା ଉପରେ ଚଢ଼ାଉ, ୭ ଗିରଫ

ନବରଙ୍ଗପୁର,୩।୨(ନି.ପ୍ର): ଫେବୃଆରୀ ୨ ଏବଂ ୩ ତାରିଖ ମଧ୍ୟରାତ୍ରି ପ୍ରାୟ ୧ଟା ସମୟରେ ଜୁଆ ଖେଳ ସମ୍ପର୍କରେ ଏକ ନିର୍ଦ୍ଦିଷ୍ଟ ସୂଚନା ପାଇ ନବରଙ୍ଗପୁର ପୋଲିସ ପକ୍ଷରୁ ଏକ ସଫଳ ଚଢ଼ାଉ କରାଯାଇଛି। ନବରଙ୍ଗପୁର ଏସ୍‌ଡିପିଓ କୃଷ୍ଣ ଚନ୍ଦ୍ର ଭତ୍ରା ଙ୍କ ନେତୃତ୍ୱ ରେ ନୂଆଗୁଡ଼ା ଗ୍ରାମ ନିକଟସ୍ଥ ଏକ କାଜୁ ବଗିଚାରେ ଚାଲିଥିବା ଏହି ବେଆଇନ ଜୁଆ ଆଡ୍ଡା ଉପରେ ଚଢ଼ାଉ କରାଯାଇଥିବା ସୂଚନା ଦେଇଛି ପୋଲିସ। ଏହି ଚଢ଼ାଉ ସମୟ ରେ ନବରଙ୍ଗପୁର ଆଇଆଇସି, ଏସ.ଆଇ ସବିର ଅହମ୍ମଦ ଏବଂ ଅନ୍ୟାନ୍ୟ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ।



ପୋଲିସ ଘଟଣାସ୍ଥଳରୁ ୦୭ ଜଣ ଅଭିଯୁକ୍ତଙ୍କୁ କାବୁ କରିଥିବା ବେଳେ। ସେମାନଙ୍କ ଠାରୁ ନଗଦ ୪୦,୫୬୦ ଟଙ୍କା ଏବଂ ୧୦୪ ଖଣ୍ଡ ତାସ ଜବତ କରାଯାଇଛି। ଅଭିଯୁକ୍ତ ସମସ୍ତେ ନବରଙ୍ଗପୁର ସହରର ବାସିନ୍ଦା ଏବଂ ଟଙ୍କା ବାଜି ଲଗାଇ ତାସ ଖେଳୁଥିବା ଅବସ୍ଥାରେ ଧରାପଡ଼ିଛନ୍ତି। ଏହି ସଂକ୍ରାନ୍ତିରେ ନବରଙ୍ଗପୁର ଥାନାରେ ଓଡ଼ିଜି ଆକ୍ଟର ଧାରା ୩ ଅନୁଯାୟୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଏକ ମାମଲା (କେସ୍ ନମ୍ବର ୪୧/୨୦୨୬) ରୁଜୁ କରାଯାଇଛି। ବର୍ତ୍ତମାନ ଏସ.ଆଇ ତୁଳସୀରାମ ପୂଜାରୀ ଏହି ମାମଲାର ଅଧିକ ତଦନ୍ତ କରୁଛନ୍ତି।

# ଜାତୀୟ ସଡକ ସୁରକ୍ଷା ମାସ : ସୁରକ୍ଷିତ ଯାତ୍ରାକୁ ପ୍ରାଧାନ୍ୟ

ନବରଙ୍ଗପୁର ,୩।୧(ନି.ପ୍ର.): ସ୍ଥାନୀୟ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରିସରରେ ଜାତୀୟ ସଡକ ସୁରକ୍ଷା ମାସ ୨୦୨୬ ର ଉଦଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାରୋହରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ସମ୍ମାନୀତ ଅତିଥି ଭାବେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ, ନିଖିଳ ଉତ୍କଳ ଆଇନଜିବି ପରିଷଦ ଉପ ସଭାପତି ନୃସିଂହ ତ୍ରିପାଠୀ,ଡି ଏଲ ଏସ ଏ ସଭ୍ୟ ତଥା ଆଇନଜୀବୀ କିଶୋରୀ ପଟ୍ଟନାୟକ,



ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ୱାସ୍ଥ୍ୟ ଅଧିକାରୀ ଡ଼ ପ୍ରିୟ ରଞ୍ଜନ ନନ୍ଦ, ଭାରତୀୟ ଜୀବନବୀମା ନିଗମ ନବରଙ୍ଗପୁର ଶାଖା ଅଧିକାରୀ ତୁଳସୀରାମ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।ଜିଲ୍ଲା ସଡ଼କ ସୁରକ୍ଷା ସମିତି ଆବାହକ ତଥା ଆଞ୍ଚଳିକ ପରିବହନ ଅଧିକାରୀ ଜିତେନ୍ଦ୍ର କୁମାର ଭୋଇ ସଭାକାର୍ଯ୍ୟ ପରିଚାଳନା କରିଥିଲେ ।ମାନ୍ୟବର ବିଧାୟକ ନିଜ ବକ୍ତବ୍ୟରେ ସମସ୍ତଙ୍କୁ ସଡ଼କ ସୁରକ୍ଷା ନିୟମ ମାନିବା ଓ ଡି ଏଲ, ଇନସୁରାନ୍ସ ସହ ଗାଡ଼ି ଚାଳନା କରିବାକୁ ପରାମର୍ଶ ଦେଇଥିଲେ ।ଜିଲ୍ଲାପାଳ ଗାଡ଼ି ଚାଳନା ରେ ସବୁବେଳେ ସତର୍କ ରହିବା, ହେଲମେଟ, ସିଟବେଲ୍ଟ ସହ ସୁରକ୍ଷିତ ଯାତ୍ରାକୁ ପ୍ରାଧାନ୍ୟ ଦେଇ କୌଣସି ଅନ୍ୟମନସ୍କତା କୁ ପ୍ରଶୟ ନ ଦେବା ପାଇଁ କହିଥିଲେ। ବରିଷ୍ଠ ଆଇନଜୀବି ନୃସିଂହ ତ୍ରିପାଠୀ ଦୁର୍ଘଟଣା କୁ ରୋକିବାକୁ ବିଶେଷ ସତର୍କ ଉପାୟ ଉପରେ କହିଥିଲେ। ଆଇନଜୀବୀ କିଶୋରୀ ପଟ୍ଟନାୟକ ମୋଟର ଭେହିକିଲ ଆକ୍ଟ ୧୯୮୮, ହିଟ୍ ଏଣ୍ଡ ରନ ଓ ଅନ୍ୟାନ୍ୟ ଦୁର୍ଘଟନା ସମ୍ବନ୍ଧିୟ ଆଇନ ସହାୟତା ଉପରେ ବିଶେଷ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟ ଅଧିକାରୀ ଡ ନନ୍ଦ ଦୁର୍ଘଟଣା ରେ ଆହତ ହୋଇଥିବା ବ୍ୟକ୍ତିଙ୍କୁ ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସଚେତନତା ଉପରେ ଚିତ୍ରାଙ୍କନ ଓ ସ୍ଲୋଗାନ ପ୍ରତିଯୋଗିତାର ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ଓ ଅନ୍ୟ ଅତିଥି ପୁରସ୍କୃତ କରିଥିଲେ ।ସଡ଼କ ଦୁର୍ଘଟଣା ରେ ଆହତ ହୋଇଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରି ଚିକିତ୍ସାଳୟ ପହଞ୍ଚିବାକୁ ସହାୟତା କରିଥିବା ଗୁଡ ସାମାରିଟାନ୍ ତିଳ ଭତରା,ମିନୁ ହରିଜନ,ଦୁର୍ଯ ?ଧନ,ଆକାଶ ସା ମର୍ଥ,ଗଙ୍ଗାଧର ପାତ୍ର ଙ୍କୁ ୨୦୦୦ ଟଙ୍କା ପ୍ରୋତ୍ସାହନ ରାଶି ଏବଂ ସାର୍ଟିଫିକେଟ ସହ ସମ୍ମାନୀତ କରାଯାଇଥିଲା।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, Email : odishamanthan@gmail.com
● Editor : Sarat Raut
ସଂପାଦକ: ଶରତ ରାଉତ